R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୧୨
ତିଥି : ଅମାବାସ୍ୟା
୦୮ ମେ' ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 212
08 May 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore



# ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

## ମହିଳାଙ୍କ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



- **ସୁଭଦ୍ରା ଯୋଜନା:** ପ୍ରତ୍ୟେକ ମହିଳାଙ୍କୁ **୫୦,୦୦୦ ଟଙ୍କା**ର ଭାଉଚର ଯାହା ୨ ବର୍ଷ ମଧ୍ୟରେ ଉପଯୋଗ ହୋଇପାରିବ
- ଓଡ଼ିଶାରେ **୨୫ ଲକ୍ଷ ଲକ୍ଷପତି** ଦିଦି ଏବଂ ପ୍ରତ୍ୟେକ ୫୦୦ SHG ପାଇଁ ଶିଳ୍ପ କ୍ଲଷ୍ଟର
- **ମୋ ମେଧାବୀ ଝିଅ ଯୋଜନା:** ସମସ୍ତ ବିପିଏଲ ଝିଅମାନଙ୍କ ପାଇଁ **୨,୦୦,୦୦୦ ଟଙ୍କାର** ର ଆଶ୍ୱାସନା ପ୍ରମାଣପତ୍ର
- **ମାତୃତ୍ୱ ସୁରକ୍ଷା ଯୋଜନା:** ୬ଟି ପୋଷଣ କିଟ୍ ପାଇଁ ୨୧,୦୦୦ ଟଙ୍କା ସହାୟତା

## ସୁଶାସନ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



- **ଦୁର୍ନୀତିର ଅନ୍ତ:** ଭ୍ରଷ୍ଟାଚାର ବିରୁଦ୍ଧରେ ଶୁନ୍ୟ ସହନଶୀଳତା ନୀତି
- **ଚିଟ ଫଣ୍ଡ ସ୍କାମ**ର ଶିକାର ବ୍ୟକ୍ତିଙ୍କୁ **ଟଙ୍କା ଫେରସ୍ତ,** ଡିଏମଏଫ ଫଣ୍ଡର ସଠିକ ବ୍ୟବହାର
- **ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର:** ରତ୍ନଭଣ୍ଡାର ଚାବି ଠାବ, ରତ୍ନ ଭଣ୍ଡାର ହିସାବର ତଥ୍ୟ ସାର୍ବଜନୀନ
- ପ୍ରତ୍ୟେକ ଗ୍ରାମରେ ଇଣ୍ଟରନେଟ୍, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସେବା ସୁବିଧା

## ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



- ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ **୩୬,୦୦୦ ଶଯ୍ୟା** ଉପଲବ୍ଧ ହେବ
- ପ୍ରତ୍ୟେକ ଜିଲ୍ଲାରେ **ମେଡିକାଲ କଲେଜ, ନର୍ସିଂ କଲେଜ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲ** ପ୍ରତିଷ୍ଠା
- ସୁନ୍ଦରଗଡ଼, କେନ୍ଦୁଝର ଏବଂ ଜୟପୁରରେ ୬୦୦ **ଶଯ୍ୟା ବିଶିଷ୍ଟ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ**

## ସମୃଦ୍ଧ ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



- **ଏମ୍. ଏସ୍. ଏମ୍. ଇ.** ଗୁଡ଼ିକୁ ପ୍ରୋତ୍ସାହନ
- **୪ଟି ସହରରେ** ନୂଆ ଆଇ. ଟି. ପାର୍କର ନିର୍ମାଣ
- **ଶିଳ୍ପ କ୍ଷେତ୍ରରେ ଓଡ଼ିଶା ହେବ ଅଗ୍ରଣୀ**
- **ଉତ୍କର୍ଷ ଉଦ୍ୟମ ଯୋଜନା:** ରପ୍ତାନୀରେ ଓଡିଶା ୫ମ ବୃହତ ରାଜ୍ୟ ହେବ
- ସମସ୍ତ ଜୋନ୍ **ରେ ମେଗା ଫୁଡ ପାର୍କ** ସ୍ଥାପନ

## ଯୁବଗୋଷ୍ଠୀଙ୍କୁ ମୋଦୀଙ୍କ ଗ୍ୟାରେଣ୍ଟି



- **୧.୫ ଲକ୍ଷ** ସରକାରୀ ପଦବୀରେ ନିଯୁକ୍ତି
- ନୂତନ **୩.୫ ଲକ୍ଷ** ପଦବୀ ସୃଷ୍ଟି କରାଯିବ
- **ଆଉ ଦାଦନ ଖଟିବାକୁ ଯିବେନି** ଶିକ୍ଷିତ ଯୁବପିଢ଼ି

## କୃଷକ ସମୃଦ୍ଧି ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



- **ସମୃଦ୍ଧ କୃଷକ ନୀତି:** କୁଇଣ୍ଟାଲ ପିଛା ଧାନର କ୍ରୟ ମୂଲ୍ୟ **୩,୧୦୦ ଟଙ୍କା**
- DBT ମାଧ୍ୟମରେ କେବଳ **୪୮ ଘଣ୍ଟା ଭିତରେ** ମିଳିବ ପ୍ରାପ୍ୟ, **କଟନି-ଛଟନି ସମାପ୍ତ** କରିବୁ
- **୧୦ଟି ନୂଆ ଜଳସେଚନ ପ୍ରକଳ୍ପ** ଏବଂ ତିନିଗୁଣ ହେବ ଜଳସେଚନଯୁକ୍ତ ଚାଷ ଜମି
- **ମତ୍ସ୍ୟଜୀବୀଙ୍କ** ମାନ୍ଦା ଅବସ୍ଥାରେ ବାର୍ଷିକ ୧୦,୦୦୦ ଟଙ୍କାର ଭତ୍ତା

## ଜନଜାତି କଲ୍ୟାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



- **କେନ୍ଦୁ ପତ୍ର ତୋଳାଳୀ କଲ୍ୟାଣ ଯୋଜନା:** କେରୀ ପିଛା ୨ ଟଙ୍କା, କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳୀଙ୍କୁ ବୋନସ
- **ମାଧୋ ସିଂ ହାତ ଖର୍ଚ୍ଚ:** ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇଁ **ଆଦିବାସୀ ଛାତ୍ରଙ୍କୁ ବାର୍ଷିକ ୫,୦୦୦ ଟଙ୍କା**
- ମହୁଲ ପାଇଁ ସର୍ବନିମ୍ନ ସହାୟକ ରାଶି, ମହୁଲ ଚାଷୀଙ୍କୁ ବୋନସ ଏବଂ ନୂଆ ମହୁଲ ବ୍ୟବସାୟ ଉଦାରୀକରଣ ନୀତି

## ସମାଜ କଲ୍ୟାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



- **ପିଏମ ଆବାସ ଯୋଜନା**ରେ ୧୫ ଲକ୍ଷ ଗରିବଙ୍କୁ ପକ୍କା ଘର
- **ଜଳ ଜୀବନ ମିଶନ**ରେ ୨୬ ଲକ୍ଷ ପରିବାରକୁ ପାନୀୟ ଜଳ ଯୋଗାଣ
- ସମସ୍ତ ବୟସ୍କ ବ୍ୟକ୍ତି, ଦିବ୍ୟାଙ୍ଗ, ବିଧବା ତଥା ନିରାଶ୍ରୟ ଲୋକଙ୍କୁ ମାସିକ **୩,୦୦୦ ଟଙ୍କା**
- ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ୮୦% ରୁ ଅଧିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କୁ ମାସିକ **୩,୫୦୦ ଟଙ୍କା**ର ଭତ୍ତା
- **ପିଏମ-ସୂର୍ଯ୍ୟ ଘର** ଅନ୍ତର୍ଗତ ସମସ୍ତ ଗ୍ରାମୀଣ ଓ ସହରୀ ପରିବାରକୁ **ମାଗଣା ବିଜୁଳି ଯୋଜନା**
- **ବୁଣାକାର ସମ୍ମାନ ନିଧି:** ୪୦ ରୁ ୬୦ ବର୍ଷ ବୟସ୍କ ବୁଣାକାରମାନଙ୍କୁ ମାସିକ **୩,୦୦୦ ଟଙ୍କା** ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ମାସିକ **୩,୫୦୦ ଟଙ୍କା**ର ସହାୟତା ରାଶି

## ଆମ ଓଡ଼ିଶା, ଆମ ଅସ୍ମିତା, ଆମ ପରିଚୟ




- ପର୍ଯ୍ୟଟନ ଅର୍ଥନୀତିର ବିକାଶ ହୋଇ **ଓଡ଼ିଶା ତୃତୀୟ ସର୍ବବୃହତ ପର୍ଯ୍ୟଟନ ସ୍ଥଳୀରେ ପରିଣତ** ହେବ
- ଶୁଖିଲା ମହାପ୍ରସାଦ ବିତରଣ ପାଇଁ **ପ୍ରତି ଜିଲ୍ଲାରେ ମହାପ୍ରସାଦ ବିତରଣ କେନ୍ଦ୍ର**
- ସ୍ୱୀକୃତିପ୍ରାପ୍ତ ମଠଗୁଡିକୁ ଜମି ଆବଣ୍ଟନ ଏବଂ ମଠ ଗୁଡ଼ିକର ପୁନରୁଦ୍ଧାର ପାଇଁ **୫ ଲକ୍ଷ ଟଙ୍କା ସହାୟତା ରାଶି**

## ଓଡ଼ିଶା ନିର୍ମାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



- ସମ୍ପୂର୍ଣ୍ଣ ଓଡ଼ିଶା ସଂଯୋଗୀକରଣ ପାଇଁ **୭୫,୦୦୦ କିମି**ର ଗ୍ରାମୀଣ ଓ ରାଜ୍ୟ ରାଜପଥ ନିର୍ମାଣ
- **ସେତୁ ବନ୍ଧନ ଯୋଜନା:** କାଠ ପୋଲ ବଦଳରେ **୫୦୦** ନୂଆ କଂକ୍ରିଟ ପୋଲ ନିର୍ମାଣ

ଦୁଇଥର ପଦ୍ମ ଦୁଇଗୁଣା ବିକାଶ

# ଓଡ଼ିଶାରେ ହେବ ବିଜେପି ସରକାର

Published by: Bharatiya Janata Party, 6 A, Pandit Deen Dayal Upadhyaya Marg, New Delhi



# ବିଶ୍ୱ ରେଡକ୍ରସ ଦିବସ

ପ୍ରତିବର୍ଷ ମେ'୮ରେ ପାଳନ ହୋଇଥାଏ ବିଶ୍ୱ ରେଡକ୍ରସ ଦିବସ, ଯାହା ହେଉଛି ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୋନାଣ୍ଟଙ୍କର ଜନ୍ମ ଦିବସ । ୧୮୨୮ରେ ଜନ୍ମିତ ହେନେରୀ ନିଜ କାର୍ଯ୍ୟ ପାଇଁ ନୋବେଲ୍ ପୁରସ୍କାରର ବିଜେତା ହୋଇଥିଲେ । ଯେଉଁମାନେ ଖାଦ୍ୟ ଅଭାବ, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟ କିମ୍ବା କୌଣସି ମହାମାରୀରେ ନିଜ ଜୀବନ ଉତ୍ସର୍ଗ କରିଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ରେଡକ୍ରସ ସୋସାଇଟି ସବୁବେଳେ ଏଭଳି ଲୋକଙ୍କୁ ସାହାଯ୍ୟ କରିଥାଏ । ବର୍ତ୍ତମାନ ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏହି ସୋସାଇଟିରେ ସାମିଲ ହୋଇଛି । ପ୍ରତିବର୍ଷ ବିଭିନ୍ନ ଥିମ୍‌ରେ ଏହି ଦିବସକୁ ପାଳନ କରାଯାଇଥାଏ । ଲୋକମାନଙ୍କୁ ରେଡକ୍ରସର ଗୁରୁତ୍ୱତା ବିଷୟରେ ବୁଝାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।




# ଦୂରାନ୍ତୁ ଫୋଲେଟ୍ ଅଭାବ



ଅନେକ ସମୟରେ କିଛି ପରିଶ୍ରମ ନକରି ମଧ୍ୟ ଥକ୍କା ଲାଗିଥାଏ । ହେଲେ ଏହା ଯଦି ଲଗାତାର ହେଉଛି ତେବେ ଆପଣଙ୍କୁ ଫୋଲେଟ୍ ଡେଫିସିଏନ୍ସି ହେବାର ସମ୍ଭାବନା ରହିଛ । ଫୋଲେଟ ଏକ ପ୍ରକାର ନ୍ୟୁଟ୍ରେଣ୍ଟ୍ ଯାହା ଭିଟାମିନ ବି କମ୍ପଲେକ୍ସରେ ରହିଥାଏ । ଏହା ଆମକୁ ହେଲ୍‌ଦି ରଖିବାରେ ସାହାଯ୍ୟ କରିଥାଏ । ଏହା ଆମ ଶରୀରରେ ରେଡ ବ୍ଲଡ୍ ସେଲ ତିଆରି କରିବାରେ ସାହାଯ୍ୟ କରିଥାଏ । ଏହା ବିଭିନ୍ନ ପ୍ରକାର ଖାଦ୍ୟରେ ରହିଥାଏ, ଯେପରି କମଳା, ପନିପରିବା, ବିନ୍ସ ଆଦିରେ । ଏହାକୁ ବି-୯ ନାମରେ ମଧ୍ୟ ଜଣାଯାଇଥାଏ । ତେବେ ଏହାର ଅଭାବ ଖୁବ କମ ସମୟ ଅର୍ଥାତ ମାତ୍ର କିଛି ସପ୍ତାହ ମଧ୍ୟରେ ଦେଖିବାକୁ ମିଳିଥାଏ । ଏହି ପ୍ରୋଟିନର ଅଭାବରେ ଆନିମିୟା ହେବାର ସମ୍ଭାବନା ଖୁବ ଅଧିକ ରହିଥାଏ । ତେବେ ଏହାକୁ ଚିହ୍ନି ଏହାର ସଠିକ ସମୟରେ ଉପଚାର କରିପାରିଲେ ଏଥିରୁ ମୁକ୍ତି ମିଳିବ । ଏଥିରୁ ମୁକ୍ତିପାଇଁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଏକ ଡାଏଟ୍ ଚାଟ ପ୍ରସ୍ତୁତ କରନ୍ତୁ, ଯାହାକୁ ଫଲୋ କରି ଆପଣ ଫୋଲେଟ ଅଭାବକୁ ଦୂର କରିପାରିବେ । ଏହା ଜଣାପଡିବା ପରେ ଖାଦ୍ୟରେ ଧ୍ୟାନ ଦିଅନ୍ତୁ । ଖାଦ୍ୟରେ ଅଧିକ ମାତ୍ରାରେ ପନିପରିବା ଓ ଫଳ ଆଡ୍ କରନ୍ତୁ ।

**ଲକ୍ଷଣ**

- କ୍ରୋନିକ୍ ଫଟିଗୋ
- ଦୁର୍ବଳତା
- ଜିଭ ଫୁଲିବା
- କୌଣସି କାର୍ଯ୍ୟ କରିବାକୁ ମନ ନଲାଗିବା
- ଚିଡଚିଡା ପଣ
- ହଳଦିଆ ତ୍ୱଚା
- ନିଶ୍ୱାସ ନେବାରେ ଅସୁବିଧା ହେବା



## ସୋସିଆଲ କୋଟ୍ସ



ଅମିତାଭଙ୍କ ପରେ ମୋତେ ହିଁ ଇଣ୍ଡଷ୍ଟ୍ରୀରେ ସବୁଠାରୁ ଅଧିକ ଭଲ ପାଇବା ମିଳୁଛି । ଏହି ଭଲ ପାଇବା ଓ ସମ୍ମାନ ମୋତେ ଗର୍ବିତ କରିଥାଏ, ଆପଣଙ୍କ ନିକଟରେ ମୁଁ କୃତଜ୍ଞ ।

**କଙ୍ଗନା ରାଣାୱତ, ଅଭିନେତ୍ରୀ**



ଲଗାତାର ଫିଲ୍ମ ଫ୍ଲପ ହେବା ଖରାପ ଲାଗିଥାଏ । ହେଲେ ଅମିତାଭ ବଚ୍ଚନ ମଧ୍ୟ କ୍ୟାରିୟରରେ ଫ୍ଲପ ଫିଲ୍ମ କରିଛନ୍ତି । କ୍ୟାରିୟରରେ ଏଭଳି ଅପ୍ ଆଣ୍ଡ୍ ଡାଉନ୍ ହୋଇଥାଏ ।

**ଦିପକ ତିଜୋରୀ, ଅଭିନେତା**



ସୋଲଜରର କାହାଣୀକୁ ବାପା ରିଜେକ୍ଟ କରିଦେଇଥିଲେ । ତାଙ୍କ ମତରେ ମୁଁ ଏଭଳି ଚରିତ୍ର କରିବାର ନଥିଲା, ଯେଉଁଥିରେ ବାପାକୁ ତା ପୁଅ ମାରୁଛି ।

**ବବି ଦେଓ୍ୱଲ, ଅଭିନେତା**

## ଇତିହାସ

୧୯୨୯ – ଭାରତର ପ୍ରସିଦ୍ଧ ଠୁମରୀ ଗାୟକ ଗିରିଜା ଦେବୀଙ୍କ ଜନ୍ମ ।
୧୯୨୬ – ପ୍ରସିଦ୍ଧ ଇତିହାସକାର ତପନ ରାୟ ଚୌଧୁରୀଙ୍କ ଜନ୍ମ ।
୧୯୧୫ – ଭାରତର ସ୍ୱାଧୀନତା ସଂଗ୍ରାମୀ ଅମୀର ଚାନ୍ଦଙ୍କ ପରଲୋକ ।
୧୯୯୯ – ବାଙ୍ଗଲାଦେଶସ୍ଥିତ ଚୀନ ଦୂତାବାସ ଉପରେ ନାଟୋର ହମଲା ।
୨୦୦୪ – ଶ୍ରୀଲଙ୍କା ସ୍ପିନ୍ ଯାଦୁକର ମୁଥୟା ମୁରଲୀଧରନଙ୍କ ଟେଷ୍ଟ କ୍ରିକେଟରେ ରେକର୍ଡ ୫୨୧ ୱିକେଟ୍ ଦଖଲ ।
୨୦୨୦ – ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ୬୦ ହଜାର ପାର ।

# ବାସ୍ତୁ ଅନୁସାରେ ଲଗାନ୍ତୁ ମିରର

**ଘରଟିଏ ତୋଳିବା ସମୟରେ ବାସ୍ତୁର ଧ୍ୟାନ ରଖାଯାଇଥାଏ । ବେଳେବେଳେ ଆମେ ଘର ସଜାଇବା ବେଳେ ବାସ୍ତୁର ଧ୍ୟାନ ରଖିବାକୁ ଭୁଲିଯାଉଥାଉ । ହେଲେ ଏହା ଘରେ ଅଶାନ୍ତିର କାରଣ ସାଜିଥାଏ ବୋଲି ବିଶ୍ୱାସ ରହିଛି । ଏହିଭଳି ଅନେକ ଉପାୟ ଥିବାବେଳେ ଆସନ୍ତୁ ଜାଣିବା ମିରରକୁ ନେଇ କିଛି ବାସ୍ତୁ ନିୟମ ।**

- ବାସ୍ତୁ ଅନୁସାରେ ଘରେ ମିରର ନଲଗାଇଲେ, ଘରେ ଅଶାନ୍ତି ଓ ଝଗଡା ଲାଗିବାର ସମ୍ଭାବନା ବଢିଥାଏ । ମିରର ହାଇଟ୍, ଆକାର, ସ୍ଥାନ ଓ ଦିଗକୁ ନେଇ ଅନେକ ନିୟମ ରହିଛି ।



- ବାସ୍ତୁ ଅନୁସାରେ ମିରରର ଆକାର ସ୍କୋୟାର କିମ୍ବା ରେକ୍ଟାଙ୍ଗୁଲାର ଚୟନ କରନ୍ତୁ, ଏହା ବେଶ ଶୁଭ ହୋଇଥାଏ । ବାସ୍ତୁଶାସ୍ତ୍ର ବର୍ଣ୍ଣନା ଅନୁସାରେ ମିରର ଆକାର କେବେ ବି ଓଭାଲ, ରାଉଣ୍ଡ୍ କିମ୍ବା କୌଣସି ଇର୍‌ରେଗୁଲାର ସେପ କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଘରେ ଅଶାନ୍ତି ଦେଖାଦେଇଥାଏ ।
- ସେହିଭଳି ଯଦି ଘରେ କୌଣସି ଝରକା ବାଟଦେଇ ବାହାରର ସୁନ୍ଦର ପାକୃତିକ ଦୃଶ୍ୟ ଦେଖାଯାଉଛି, ତେବେ ଏହାର ଅପରପଟ ଡିରେକସନରେ ମିରର ରଖନ୍ତୁ, ଯାହାଫଳରେ ମିରରରେ ଏହି ପାକୃତିକ ଦୃଶ୍ୟ ଦେଖାଯାଇଥାଏ । ଏହାଫଳରେ ଘରେ ସକରାତ୍ମକତା ଭରିଥାଏ ।
- ଯଦି ଡାଇନିଂରେ ମିରର ରଖିବାକୁ ଚାହୁଁଛନ୍ତି, ତେବେ ସର୍ବଦା ଡାଇନିଂ ଟେବୁଲ୍ ଆଗରେ ରଖନ୍ତୁ । ଏହାଫଳରେ ଡାଇନିଂର ଛବି ମିରରରେ ଦେଖାଯାଇଥାଏ, ଏହା ବେଶ ଶୁଭ ହୋଇଥାଏ ।
- ମିରର ରଖିବାର ପୋଜିସନ୍ ଆମର ସମୃଦ୍ଧି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ତେଣୁ ଘରେ ଥିବା ଲକର୍ କିମ୍ବା ପଇସା ରଖୁଥିବା ଆଲମିରା ସାମ୍ନାରେ ରଖନ୍ତୁ । ଏପରି କରିବା ଦ୍ୱାରା ଘରକୁ ଅର୍ଥ ଆଗମନ ହୋଇଥାଏ ।
- ସେହିଭଳି ଯଦି ବାଥରୁମ୍‌ରେ ମିରର ଲଗାଇବାକୁ ଚାହୁଁଛନ୍ତି, ତେବେ ମିରର ଲଗାଇବା ସ୍ଥାନରେ ଅଧିକ ଲାଇଟ୍ ଲଗାନ୍ତୁ । ଅନ୍ଧାରରେ ମିରରକୁ ରଖନ୍ତୁ ନାହିଁ । ଏହା ଅଶୁଭ ହୋଇଥାଏ ।

# ପରମ୍ପରା ପ୍ରିୟ ଆଲିଆ



ନିକଟରେ ଆଲିଆ ଭଟ୍ଟ ନିଜ ଲୁକ୍ ପାଇଁ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି । ଆଲିଆଙ୍କର ମେଟ୍ ଗାଲା ଲୁକ୍ ସମସ୍ତଙ୍କୁ ଖୁବ ଭଲ ଲାଗିଛି । ଆଲିଆ ନିଜର ଷ୍ଟନିଂ ଲୁକ୍ ପାଇଁ ନିଜର ଟିମ୍‌କୁ ଖୁବ ଧନ୍ୟବାଦ ଦେଇଛନ୍ତି । ମେଟ୍‌ଗାଲାର ୨୦୨୪ ରେଡ କାର୍ପେଟରେ ଆଲିଆଙ୍କୁ ଭାରତର ପରମ୍ପରା ପୋଷାକ ଶାଢିରେ ଦେଖିବାକୁ ମିଳିଥିଲା । ଏହି ଇଭେଣ୍ଟରେ ସେ ଫ୍ଲୋରାଲ ଶାଢି ପିନ୍ଧିଥିବାର ନଜରକୁ ଆସିଥିଲେ । ଆଲିଆଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସେ ଏହି ଫଟୋଟିକୁ ପୋଷ୍ଟ କରିଛନ୍ତି । ଫଟୋଟି ଆଲିଆଙ୍କ ଫ୍ୟାନଙ୍କ ମଧ୍ୟରେ ବେଶ ଭାଇରାଲ ହେବାରେ ଲାଗିଛି । ସବୁଠାରୁ ବେଶି ଆକର୍ଷଣୀୟ ହୋଇଛି ଆଲିଆଙ୍କ ହେୟାର ଷ୍ଟାଇଲ୍ । ଆଲିଆ ଏବଂ ତାଙ୍କ ପୂରା ଟିମ୍ ମେଟ୍‌ଗାଲାର ଡ୍ରେସକୋଡକୁ ଇଣ୍ଡିଆନ୍ ଇଣ୍ଟରପ୍ରିଟେସନ୍ କରିବାପାଇଁ ବହୁତ ଚେଷ୍ଟା କରିଥିବା ପ୍ରକାଶ କରିଛନ୍ତି । ଆଲିଆଙ୍କର ଏହି ଡ୍ରେସର ଡିଜାଇନ୍ ସବ୍ୟସାଚୀ ମୁଖାର୍ଜୀ କରିଥିବା ଜଣା ପଡିଛି । ଇଣ୍ଡିଆର କଲ୍‌ଚରରୁ ସେ ଏହି ଶାଢିର ଡିଜାଇନ୍ ପାଇଁ ପ୍ରେରଣା ନେଇଥିବା ଆଲିଆ ପ୍ରକାଶ କରିଛନ୍ତି । ସେ ଭାରତୀୟ ପରମ୍ପରାକୁ ଖୁବ ଭଲ ପାଇଥାଆନ୍ତି ବୋଲି ମଧ୍ୟ ପ୍ରକାଶ କରିଛନ୍ତି ।

# ବିଶ୍ୱର ଦୀର୍ଘତମ ପାଦଚଲା ରାସ୍ତା

ଦୁନିଆରେ ଏଭଳି ଅନେକ ରାସ୍ତା ଅଛି ଯାହାକୁ ସବୁଠାରୁ ଦୁର୍ଗମର ଆଖ୍ୟା ଦିଆଯାଇଥାଏ । ତେବେ ସବୁଠାରୁ ଦୀର୍ଘତମ ରାସ୍ତା ମଧ୍ୟ ରହିଛି, ଯାହାକୁ ଆଜିଯାଏଁ କେହି ପାଦରେ ଚାଲି ଅତିକ୍ରମ କରିନାହାନ୍ତି । ଏହି ରାସ୍ତାଟି ରହିଛି, ସାଉଥ୍ ଆଫ୍ରିକାର କେପ୍‌ଟାଉନ୍ ଠାରୁ ରୁଷର ମାଗାଡନା ମଧ୍ୟରେ । ଏହି ରାସ୍ତାଟି ପାଖାପାଖି ୧୭ଟି ଦେଶ ଦେଇଯାଇଥାଏ ବୋଲି ସୂଚନା ରହିଛି, ଯେଉଁଥିରେ ବାଟରେ ଅନେକ ବଣଜଙ୍ଗଲ ଓ ପାହାଡ ପଡିଥାଏ । ଏହି ରାସ୍ତାଟିର ଲମ୍ବ ୨୨ କିମି । ଏହି ରାସ୍ତାରେ ପାଦରେ ଚାଲିଚାଲି ଯିବାକୁ ହେଲେ ପାଖାପାଖି ୪,୪୯୨ ଘଣ୍ଟା ଚାଲିବାକୁ ହେବ । ସବୁବେଳେ ପର୍ଯ୍ୟଟକ ହେଉ କିମ୍ବା ସାଧାରଣ ଲୋକ ଏହାର ବିକଳ୍ପ ରାସ୍ତାକୁ ବାଛିଥାଆନ୍ତି । ସେହିଭଳି ଏହି ରୁଟରେ ଯିବାକୁ ହେଲେ ଆପଣଙ୍କୁ ଅନେକ ପୂର୍ବ ପ୍ରସ୍ତୁତି କରିବାକୁ ହେବ । ଏହି ରାସ୍ତା ଯୁଦ୍ଧ ଚାଲିଥିବା ଦେଶ ଦେଇ ଅତିକ୍ରମ କରିଥାଏ, ସେହିଭଳି ଏଥିରେ ଚାଲି ଚାଲି ଯିବାକୁ ହେଲେ ବିଭିନ୍ନ ଦେଶର ଭିସାର ଆବଶ୍ୟକତା ମଧ୍ୟ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ରୁଟ୍‌ରେ ଗୁଗୁଲ ମ୍ୟାପ କାମ କରିନଥାଏ । ତେଣୁ ଏହି ରାସ୍ତାରେ ଯିବାକୁ ହେଲେ ସାହସ ସହିତ ସ୍କିଲ୍‌ର ମଧ୍ୟ ଆବଶ୍ୟକତା ରହିଛି ।



# ସ୍ୱେଟ ପ୍ରୁଫ ମେକଅପ୍

**ଖରାଦିନ ଆସିଲେ ମେକଅପକୁ ଭଲ ପାଉଥିବା ଲୋକଙ୍କର ଚିନ୍ତା ବଢିଥାଏ । ଏହି ଦିନେ ଝାଳ ଅଧିକ ବାହାରୁଥିବାରୁ ମେକଅପକୁ ଲଙ୍ଗଲାଷ୍ଟିଂ କରାଇବା ଏକ ସମସ୍ୟାରେ ପରିଣତ ହୋଇଥାଏ । ତେବେ ଏଭଳି କିଛି ଟିପ୍ସ ରହିଛି ଯାହାକୁ ଫଲୋ କରି ଆପଣ ଏକ ସ୍ୱେଟ୍ ପ୍ରୁଫ୍ ମେକଅପ କରିପାରିବେ ।**

* ସ୍ୱେଟ ପ୍ରୁଫ୍ ମେକଅପକୁ ଲଙ୍ଗ ଲାଷ୍ଟିଂ କରିବା ପାଇଁ ପ୍ରାଇମର ଗୋଟିଏ ଭଲ ଅପସନ୍ । ଏହା ଗୋଟିଏ ଖୁବ ଭଲ ବେସ୍ ତିଆରି କରିବାକୁ ସାହାଯ୍ୟ କରିଥାଏ । ପ୍ରାଇମରରେ ଆପଣ ଜେଲ୍ ବେସ୍ କିମ୍ବା ସିଲିକନ୍ ବେସ୍ ବ୍ୟବହାର କରିପାରିବେ । ଏହା ଲଗାଇବା ପାଇଁ ଖୁବ ସହଜ ହୋଇଥାଏ, ଏହା ସହିତ ଏହା ଆପଣଙ୍କ ତ୍ୱଚାର ତେଲିଆ ଅଂଶକୁ ନିୟନ୍ତ୍ରଣ କରିଥାଏ । ଏହାସହ ମେକଅପକୁ ଲଙ୍ଗ ଲାଷ୍ଟିଂ ମଧ୍ୟ କରାଇଥାଏ ।
* ଖରାଦିନେ ସବୁବେଳେ ଚେଷ୍ଟା କରନ୍ତୁ ନିଜ ବିୟୁଟି ପ୍ରଡକ୍ଟର ୱାଟରପ୍ରୁଫ ଭର୍ସନ ବ୍ୟବହାର କରିବେ । ଯାହାଫଳରେ ଏହା ଆପଣଙ୍କୁ ଏକ ସ୍ୱେଟ୍ ପ୍ରୁଫ୍ ମେକଅପ ପ୍ରଦାନ କରିବ । ଏଥିରେ ବେସ୍ ଓ ଆଇ ମେକଅପକୁ ସବୁଠାରୁ ଆଗରେ ରଖନ୍ତୁ । ସେହିଭଳି ମେକଅପ୍ ରିମୁଭର ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ । ସବୁବେଳେ ଶୋଇବାକୁ ଯିବା ଆଗରୁ ନିଜର ମେକଅପକୁ ସଫା କରିବାକୁ ଭୁଲନ୍ତୁ ନାହିଁ । ସେହିଭଳି ବାହାରକୁ ଯିବା ଆଗରୁ ସନ୍ସକ୍ରିମ୍ ଲଗାଇବାକୁ ଭୁଲନ୍ତୁ ନାହିଁ ।
* ସବୁବେଳେ ଖରାଦିନିଆ ମେକଅପରେ ମ୍ୟାଟ୍ ଫିନିସ୍ ଆଣିବାକୁ ଚେଷ୍ଟା କରନ୍ତୁ । ଯାହାଫଳରେ ଝାଳ ବୋହିବା ସମୟରେ ଏହା ଆପଣଙ୍କ ମେକଅପକୁ ଲଙ୍ଗଲାଷ୍ଟିଂ କରାଇବ । ସେହିଭଳି ଏହି ଦିନେ ଅଏଲ ବେସ୍ କ୍ରିମ୍ ଠାରୁ ଦୂରେଇ ରହିବା ଭଲ ହୋଇଥାଏ । ଝାଳ କାରଣରୁ ଆପଣଙ୍କ ମୁହଁରେ ଏକ ସାଇନ୍ ରହିଥାଏ, ତେଣୁ ମ୍ୟାଟବେସ୍ ପ୍ରଡକ୍ଟ ଏହି ଦିନେ ଭଲ ହୋଇଥାଏ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୧୨
ତିଥି : ଅମାବାସ୍ୟା
୦୮ ମେ' ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 212
08 May 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଜୁନ ୧ ଭୋଟ୍ ଲାଗି ବିଜ୍ଞପ୍ତି



## ୧୪ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ
## ୧୫ରେ ନାମାଙ୍କନପତ୍ର ଯାଞ୍ଚ, ୧୭ରେ ପ୍ରତ୍ୟାହାର
## ୯୯,୫୫,୫୫୬ ଭୋଟର ୧୦୮୫୭ କେନ୍ଦ୍ରରେ ଦେବେ ଭୋଟ୍

ଭୁବନେଶ୍ୱର, ୭।୫ (ସବ୍ୟୁ) : ରାଜ୍ୟରେ ୪ର୍ଥ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି । କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଆଦି ୬ଟି ଲୋକସଭା ଆସନ ଏବଂ ୪୨ଟି ବିଧାନସଭା କ୍ଷେତ୍ରରେ ନିର୍ବାଚନ ପାଇଁ ଏହି ବିଜ୍ଞପ୍ତି ପ୍ରକାଶ କରିଛନ୍ତି ଭାରତର ନିର୍ବାଚନ କମିଶନ୍ । ଏ ସମସ୍ତ ବୁଥରେ ଜୁନ୍ ୧ ତାରିଖରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏଁ ମତଦାନ ଗ୍ରହଣ କରାଯିବ ।

ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇସାରିଛି । ପ୍ରତିଟି ବୁଥରେ ମୁକ୍ତ, ଅବାଧ, ସ୍ୱଚ୍ଛ ନିର୍ବାଚନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚିତ କରିଛନ୍ତି । ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ (ଦେଶରେ ସାମୂହିକ ଭାବରେ ସପ୍ତମ ପର୍ଯ୍ୟାୟ) ମତଦାନ ପ୍ରକ୍ରିୟା ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ମୟୂରଭଞ୍ଜ (ଏସ୍‌ଟି), ବାଲେଶ୍ୱର ଓ ଭଦ୍ରକ (ଏସ୍‌ସି), ଯାଜପୁର (ଏସ୍‌ସି), କେନ୍ଦ୍ରାପଡ଼ା ଓ ଜଗତସିଂହପୁର (ଏସ୍‌ସି) ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୪୨ ବିଧାନସଭା କ୍ଷେତ୍ର ପାଇଁ ମତଦାନ ପ୍ରକ୍ରିୟା ହେବ । ଏସବୁ ପାଇଁ ମେ' ୧୪ ତାରିଖ (ମଙ୍ଗଳବାର) ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ହୋଇଥିବାବେଳେ ମେ ୧୫ରେ ନାମାଙ୍କନ ପତ୍ର ଯାଞ୍ଚ, ମେ ୧୭ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ଜୁନ୍ ୧ରେ ଚତୁର୍ଥ ପର୍ଯ୍ୟାୟ ମତଦାନ ଗ୍ରହଣ କରାଯିବ ।

ଏହି ୬ଟି ସଂସଦୀୟ କ୍ଷେତ୍ର ଅଧିନରେ ଅନ୍ୟ ପର୍ଯ୍ୟାୟ ତୁଳନାରେ ସର୍ବାଧିକ ମତଦାତା, ଯୁବ ମତଦାତା ଓ ସର୍ବାଧିକ ମତଦାନ କେନ୍ଦ୍ର ରହିଛି । ଏହି ପର୍ଯ୍ୟାୟରେ ମୋଟ ୯୯,୫୫,୫୫୬ (ପୁରୁଷ- ୫୦୮୫୫୩୮, ମହିଳା- ୪୮୬୯୩୩୧, ତୃତୀୟ ଲିଙ୍ଗ- ୬୮୭) ଜଣ ମତଦାତା ୧୦୮୫୭ଟି ମତଦାନ କେନ୍ଦ୍ରରେ ମତଦାନ କରିବେ । ଏଠାରେ ୨୫ଟି ଅତିରିକ୍ତ ମତଦାନ କେନ୍ଦ୍ର ରହିଛି । ଏହି ପର୍ଯ୍ୟାୟରେ ମୋଟ ୨୫୬୦୦୭ ପ୍ରଥମ ଥର ମତଦାତା (୧୮-୧୯ ବର୍ଷ), ୨୦୪୮୭୦୫ ଯୁବ ମତଦାତା (୨୦-୨୯ ବର୍ଷ) ରହିଛନ୍ତି । ଏହି ପର୍ଯ୍ୟାୟରେ ମୋଟ ମତଦାତା ଲିଙ୍ଗ ଅନୁପାତ ୯୫୭ ରହିଛି ।

ଏହିସବୁ ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୪୨ ବିଧାନସଭା କ୍ଷେତ୍ରରୁ ସି-ଭିଜିଲ୍ ମାଧ୍ୟମରେ ୧/୩/୨୦୨୪ରୁ ୬/୫/୨୦୨୪ ମଧ୍ୟରେ ୨୪୦୮ଟି ଅଭିଯୋଗ ପ୍ରାପ୍ତ ହୋଇଥିବାବେଳେ ୨୪୦୧ଟି ଅଭିଯୋଗ ପାଇଁ ବିଧି ଅନୁସାରେ ପଦକ୍ଷେପ ଗ୍ରହଣ (୯ ପୃଷ୍ଠାରେ)

# ତୃତୀୟ ପର୍ଯ୍ୟାୟରେ ୬୨% ମତଦାନ



## ଅହମ୍ମଦାବାଦରେ ଭୋଟ୍ ଦେଲେ ମୋଦି

ନୂଆଦିଲ୍ଲୀ, ୭।୫ : ଲୋକସଭା ନିର୍ବାଚନ ଲାଗି ତୃତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ସରିଛି । ସନ୍ଧ୍ୟା ୮ଟା ସୁଦ୍ଧା ପ୍ରାୟ ୬୨.୮୭% ଭୋଟ୍ ହାର ହୋଇଥିବା ଜଣାପଡିଛି । ତୃତୀୟ ପର୍ଯ୍ୟାୟରେ ୧୦ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ୯୩ ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ଅହମ୍ମଦାବାଦରେ ଭୋଟ୍ ଦେଇଛନ୍ତି ।

ପ୍ରାୟ ୧୬ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ଆସାମର ୪, ବିହାରର ୫, ଛତିଶଗଡର (୯ ପୃଷ୍ଠାରେ)

# ପୋଲିସ ଏନ୍‌କାଉଣ୍ଟରରେ ୩ ଆତଙ୍କୀ ମୃତ

ନୂଆଦିଲ୍ଲୀ, ୭।୫ : ଲସ୍କର ସମର୍ଥିତ ଆତଙ୍କବାଦୀ ସଂଗଠନର ଜଣେ ପ୍ରମୁଖ କମାଣ୍ଡର ବସିତ୍ ଦର୍‌ଙ୍କ ସମେତ ୩ ଆତଙ୍କୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି । ଜମ୍ମୁକାଶ୍ମୀରର କୁଲଗାମ୍ ଠାରେ ସୁରକ୍ଷାବଳ ଓ ଆତଙ୍କୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ସୁରକ୍ଷାବଳଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍ ସହ ଘେରାବନ୍ଦୀ କରାଯାଇଥିଲା । ବସିତ୍ ଦର୍ ହେଉଛି ଲସ୍କର ସମର୍ଥିତରେ ଥିବା ରେଜିଷ୍ଟାଣ୍ଟ ଫ୍ରଣ୍ଟର ଏକ ପ୍ରମୁଖ କମାଣ୍ଡର । ସେ ମଧ୍ୟ ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଥିଲା ଓ ତା' ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା । ପ୍ରାୟ ୧୮ରୁ ଅଧିକ ପୋଲିସ ଓ ସାଧାରଣ ନାଗରିକଙ୍କ ହତ୍ୟା ଅଭିଯୋଗ ତା ଉପରେ ଥିଲା । କୁଲ୍‌ଗାମ୍‌ର ରେଡ୍‌ୱାନୀ ଅଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ସୂଚନା ମିଳିଥିଲା ଯେ ଆତଙ୍କବାଦୀମାନେ ଏହି ଅଞ୍ଚଳରେ ଅଛନ୍ତି । ଏହାପରେ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ଅପରେସନ୍ ବେଳେ ଆତଙ୍କୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ କରିଥିଲେ । ଦୀର୍ଘ ସମୟ ଧରି ଉଭୟଙ୍କ ପକ୍ଷରୁ ଗୁଳିମାଡ ଚାଲିଥିଲା ।

## ହିଞ୍ଜିଳି-ଶେରଗଡ଼ ଓ ଖଲ୍ଲିକୋଟରେ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

# ବିରୋଧୀ ବିଜେପି ଉପରେ ପ୍ରଚଣ୍ଡ ବର୍ଷିଲେ




## ଜାତୀୟ ଦଳ ହାଇକମାଣ୍ଡଙ୍କ ଉପରେ ନିର୍ଭରଶୀଳ
## ବିଜେପି କ୍ଷମତାକୁ ଆସିଲେ ରାଜ୍ୟ ୨୫ ବର୍ଷ ପଛକୁ ଯିବ
## କିଛି ଲୋକ କ୍ଷମତାକୁ ଆସିବେ ବୋଲି ଦିନରେ ସ୍ୱପ୍ନ ଦେଖୁଛନ୍ତି

ଭୁବନେଶ୍ୱର, ୭।୫ (ସବ୍ୟୁ) : ଆଜି ବିଜୁଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଗଞ୍ଜାମର ହିଞ୍ଜିଳି-ଶେରଗଡ଼ ଓ ଖଲ୍ଲିକୋଟରେ ମାରାଥନ ପ୍ରଚାର ଓ ରୋଡ ସୋ ଆରମ୍ଭ କରିଛନ୍ତି । ଉଭୟ ସ୍ଥାନରେ ରାସ୍ତାର ଦୁଇପାର୍ଶ୍ୱରେ ଉପସ୍ଥିତ ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ ।

ଆରମ୍ଭରେ ଗୋପାଳପୁରର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ମନ୍ଦିରକୁ ଯାଇ ଶ୍ରୀ ପାଣ୍ଡିଆନ ବାବାଙ୍କ ଦର୍ଶନ କଲେ ଓ ଆଶୀର୍ବାଦ ନେଇଥିଲେ । ଖଲ୍ଲିକୋଟରେ ଆୟୋଜିତ ନିର୍ବାଚନ ସଭାରେ ପ୍ରଥମେ ଖଲ୍ଲିକୋଟର ଦିବଙ୍ଗତ ରାଣୀମା'ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଥିଲେ ଯେ, ରାଣୀମା ଆମ ସମସ୍ତଙ୍କ ହୃଦୟରେ ଅଛନ୍ତି, ମୁଖ୍ୟମନ୍ତ୍ରୀ ମଧ୍ୟ ରାଣୀମା'ଙ୍କୁ ବହୁତ ସମ୍ମାନ କରନ୍ତି, ରାଣୀମା ମୋ ପାଇଁ ଓ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଥିଲେ, ଖଲ୍ଲିକୋଟର ବିକାଶ ପାଇଁ ରାଣୀମା'ଙ୍କ ଅବଦାନ ଅତୁଳନୀୟ ଥିଲା ।

ପରେ ସଭାରେ ବିରୋଧୀଦଳ ବିଜେପି ଉପରେ ପ୍ରଚଣ୍ଡ ଆକ୍ରମଣ କରି କହିଥିଲେ ଯେ କିଛିଲୋକ ଦିନରେ ସ୍ୱପ୍ନ ଦେଖୁଛନ୍ତି, ଭାବୁଛନ୍ତି ନବୀନବାବୁ ଆଉ ମୁଖ୍ୟମନ୍ତ୍ରୀ ହେବେ ନାହିଁ, କିନ୍ତୁ ବିଜେପିକୁ ଯଦି ପଚାରିବେ ତୁମର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ? ଉତ୍ତର ଦେଇପାରିବେ ନାହିଁ, ଦମ୍ ଅଛି ଯଦି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରନ୍ତୁ, ଦେଖିବେ ୧୦ ପ୍ରତିଶତ ଭୋଟ ବି ପାଇବେ ନାହିଁ । ସେ ଆହୁରି ମଧ୍ୟ କହିଥିଲେ ଦଶବର୍ଷ ହେଲା ଜଣେ କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀ ହେବାପାଇଁ ଚେଷ୍ଟା କରୁଛନ୍ତି, କିନ୍ତୁ ତାଙ୍କ ଦଳର ମଧ୍ୟ ତାଙ୍କ ଉପରେ ଆସ୍ଥା ନାହିଁ, ତା'ହେଲେ ଲୋକ କେମିତି ଆସ୍ଥା ରଖିବେ ? ବିଜେପିର କେନ୍ଦ୍ରୀୟ ନେତୃବୃନ୍ଦ କହୁଛନ୍ତି ଯେ ଜୁନ ୪ରେ ଗଣତି ସରିବା ପରେ ୬ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ଓଡ଼ିଶାବାସୀ (୯ ପୃଷ୍ଠାରେ)

# ବଦଳିଲା ପାଗ, ପାରଦ ତଳମୁହାଁ



## ୩୫ଡ଼ିଗ୍ରୀ ତଳେ ୨୦ସହର ତାପମାତ୍ରା
## ୮-୯ ଡିଗ୍ରୀ ଯାଏ ଖସିଲା ପାରଦ
## ଆଉ ତିନିଦିନ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୭।୫ (ସବ୍ୟୁ) : ରାଜ୍ୟରେ ବଦଳିଲା ପାଗ । ଦୀଘ ୨୨ଦିନ ପରେ ତାତିରୁ ମିଳିଛି ଆଶ୍ୱସ୍ତି । କାଳବୈଶାଖୀ ବର୍ଷା ଯୋଗୁ ବହୁ ସ୍ଥାନରେ ପାରଦ ତଳମୁହାଁ ହୋଇଛି । ମଙ୍ଗଳବାର ସକାଳେ ଟ୍ୱିନ ସିଟିରେ ଆକାଶ ମେଘାଚ୍ଛନ ରହିବା ସହ ବର୍ଷା ହୋଇଛି । ଆଗାମୀ ୩ ରୁ ୪ ଦିନ ଯାଏ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି ।

ପାଣିପାଗ ବିଭାଗର କହିବାନୁସାରେ, ଆସନ୍ତାକାଲି (ବୁଧବାର) ପାଇଁ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୭ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡ଼ିକ ହେଉଛି ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ଗଜପତି, ଅନୁଗୁଳ, ରାୟଗଡ଼ା ଓ କନ୍ଧମାଳ । ଏସବୁ ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟାପ୍ରତି ୪୦-୫୦ କିମି ରହିବାରେ । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼ ଓ ଢେଙ୍କାନାଳ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବୁ ଜିଲ୍ଲାରେ ଘଡ଼ଘଡ଼ି ସହିତ ପବନର ବେଗ ଘଣ୍ଟାପ୍ରତି ୩୦-୪୦ କିମି ବୋହିପାରେ ।

ରାଜ୍ୟରେ ମଙ୍ଗଳବାର ୩୫ଡ଼ିଗ୍ରୀ ତଳେ ୨୦ସହରରେ ତାପମାତ୍ରା ରେକର୍ଡ କରାଯାଇଛି । ବଲାଙ୍ଗୀର ଏବଂ ଟିଟିଲାଗଡ଼ରେ (୯ ପୃଷ୍ଠାରେ)

# ନକଲି ନିଟ୍ ପରୀକ୍ଷାର୍ଥୀ ଗିରଫ

## ପରୀକ୍ଷା ଦେବାପାଇଁ ନେଇଥିଲେ ୧୦ ଲକ୍ଷ

ଭଦ୍ରକ, ୭।୫ (ସବ୍ୟୁ): ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍‌ରେ ଆଡ଼ମିଟ୍ କାର୍ଡ଼ରେ ଜାଲିଆତି କରି ଜଣେ ପରୀକ୍ଷାର୍ଥୀଙ୍କ ପାଇଁ ନକଲି ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଘଟଣାରେ ୩ ଜଣଙ୍କୁ ଭଦ୍ରକ ଗ୍ରାମାଂଚଳ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଖବରଦାତା ସମ୍ମିଳନୀରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ସୂଚନା ଦେଇଛନ୍ତି। ସେଂଟର ସୁପରିଟେଣ୍ଡେଂଟଙ୍କ ଅଭିଯୋଗକ୍ରମେ ଗ୍ରାମାଂଚଳ ଥାନାରେ ମାମଲା(ନଂ ୩୧୮/୨୪) ରୁଜୁ ହୋଇଛି। ମଙ୍ଗଳବାର ଗ୍ରାମାଂଚଳ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମିଳିଥିବା ଗତ ୫ ତାରିଖରେ ଭଦ୍ରକର ଏକ ଘରୋଇ ସ୍କୁଲ ରେ ନିଟ୍ ପରୀକ୍ଷା ଚାଲିଥିବା ବେଳେ ଜଣେ ପରୀକ୍ଷାର୍ଥୀଙ୍କ ଉପରେ ସନ୍ଦେହ (୯ ପୃଷ୍ଠାରେ)

# ସଙ୍କଟରେ ହରିୟାଣା ସରକାର

## ବିଜେପି ସରକାରରୁ ସମର୍ଥନ ପ୍ରତ୍ୟାହାର କଲେ ୩ ସ୍ୱାଧୀନ ବିଧାୟକ
## କଂଗ୍ରେସକୁ ସମର୍ଥନ ନେଇ ଘୋଷଣା

ନୂଆଦିଲ୍ଲୀ, ୭।୫ : ଲୋକସଭା ନିର୍ବାଚନ ପୂର୍ବରୁ ହରିୟାଣା ସରକାର ସଙ୍କଟରେ ପଡିଛି । ମେ' ୨୫ରେ ଏହି ରାଜ୍ୟର ୧୦ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ୍ ଗ୍ରହଣ କରାଯିବ । ଯେଉଁ ୩ ସ୍ୱାଧୀନ ବିଧାୟକ ବିଜେପି ନେତୃତ୍ୱାଧୀନ ସରକାରଙ୍କୁ ସମର୍ଥନ ଦେଉଥିଲେ ସେମାନେ ସମର୍ଥନ ପ୍ରତ୍ୟାହାର କରିଛନ୍ତି ଓ ଦେଶର ସର୍ବପୁରାତନ ଦଳ କଂଗ୍ରେସକୁ ସମର୍ଥନ କରିବା ଲାଗି ଘୋଷଣା କରିଛନ୍ତି ।

ସ୍ୱାଧୀନ ବିଧାୟକ ସୋମବୀର ସଂଙ୍ଗୱାନ, ରଣଦୀର ଗୋଲାନ, ଧର୍ମପାଳ ଗୋଣ୍ଡାର ବିଜେପିରୁ ସମର୍ଥନ ପ୍ରତ୍ୟାହାର କରି କଂଗ୍ରେସକୁ ଦେଇଛନ୍ତି । ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂ ହୁଡା କହିଛନ୍ତି ଯେ ହରିୟାଣା ସରକାର ସଂଖ୍ୟା ଗରିଷ୍ଠତା ହରାଇଛି । ଜେଜେପି ଓ ୩ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିଛନ୍ତି । ତୁରନ୍ତ ଏଠାରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ସହ ନିର୍ବାଚନ କରାଯାଉ । ବର୍ତ୍ତମାନ କେବଳ ବିଜେପିକୁ ସମର୍ଥନ କରୁଥିବା ବିଧାୟକ ନୁହଁନ୍ତି ସାଧାରଣ ଲୋକ ବି ସରକାରଙ୍କ ନୀତି ନେଇ ଅସୁଖୀ ଅଛନ୍ତି । ଏହି ୩ ବିଧାୟକ ସେମାନଙ୍କ ସମର୍ଥନ ପ୍ରତ୍ୟାହାର ଚିଠି ରାଜ୍ୟପାଳଙ୍କୁ ପଠାଇ ଦେଇଛନ୍ତି । ସେମାନେ ଉଲ୍ଲେଖ (୯ ପୃଷ୍ଠାରେ)

## ଭୋଟିଂ ହାର ଅମେଳ ନେଇ ବିରୋଧୀ ମେଣ୍ଟ ନେତାଙ୍କୁ ଖଡ୍‌ଗେଙ୍କ ଚିଠି

# ଗଣତନ୍ତ୍ର, ସମ୍ବିଧାନର ଜାଜ୍ୱଲ୍ୟମାନ ବଜାୟ ରଖିବା ଲାଗି ସ୍ୱର ଉଠାଅ



ନୂଆଦିଲ୍ଲୀ, ୭।୫ : ଭୋଟ୍ ହାର ତଥ୍ୟରେ ଅମେଳ ଓ ଅସାମଞ୍ଜସ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ବିରୋଧୀ ମେଣ୍ଟ ଇଣ୍ଡିଆର ସହଯୋଗୀମାନଙ୍କୁ ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ ଚିଠି ଲେଖିଛନ୍ତି । ଗଣତନ୍ତ୍ର ଓ ସମ୍ବିଧାନର ଜାଜ୍ୱଲ୍ୟମାନ ଓ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ଏହି ସ୍ୱର ଉତ୍ତୋଳନ ଜରୁରୀ । ଦୁଇ ପର୍ଯ୍ୟାୟରେ ହୋଇଥିବା ନିର୍ବାଚନର ଭୋଟ୍ ହାର ନିର୍ବାଚନ କମିଶନଙ୍କ ପକ୍ଷରୁ ଏପ୍ରିଲ ୩୦ରେ ଦିଆଯାଇଥିଲା ।

ପ୍ରଥମ ପର୍ଯ୍ୟାୟ ଭୋଟ୍ ଏପ୍ରିଲ ୧୯ରେ ହୋଇଥିଲା ଓ ଏହାର ୧୧ ଦିନ ପରେ ଚୂଡାନ୍ତ ଭୋଟ୍ ହାର ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଏପ୍ରିଲ ୨୬ର ୪ ଦିନ ପରେ ଦିଆଗଲା । ଚୂଡାନ୍ତ ଭୋଟ୍ ହାର ବିଳମ୍ବ ପଛରେ ଏକ ଗୁରୁତ୍ୱର ସନ୍ଦେହ ସୃଷ୍ଟି ହେଉଛି । ଖଡ୍‌ଗେ ଉଲ୍ଲେଖ କରିଛନ୍ତି ଯେ ମୋର ୫୨ ବର୍ଷର ନିର୍ବାଚନୀ ଜୀବନରେ ମୁଁ କେବେବି ଏଭଳି ଭୋଟ୍ ହାର ହଠାତ୍ ବଢ଼ିବା ଦେଖିନାହିଁ । ଚୂଡାନ୍ତ ତଥ୍ୟରେ ଏଭଳି ଆସେନାହିଁ । ୧୧ ରାଜ୍ୟର ୯୩ ଆସନରେ ଆଜି ତୃତୀୟ ପର୍ଯ୍ୟାୟ ଭୋଟ୍ ହେଉଛି । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୬୬.୧୪% ଯାହାକି ୨୦୧୯ ନିର୍ବାଚନ ତୁଳନାରେ ୪% କମ୍ ରହିଛି । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟର ଭୋଟ୍ ହାର ୬୬.୭୧% ଯାହା ଗତ ନିର୍ବାଚନ ତୁଳନାରେ ୩% କମ୍ । ତେବେ ଆମେ ନିର୍ବାଚନ କମିଶନଙ୍କୁ ପଚାରିବାକୁ ଚାହୁଁ ଯେ ଚୂଡାନ୍ତ ଭୋଟ୍ ତଥ୍ୟରେ ୫.୫% ପ୍ରଥମ ପର୍ଯ୍ୟାୟରେ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫.୭୪% ବୃଦ୍ଧି ହୋଇଥିବା ସେ ବିଳମ୍ବରେ ଦର୍ଶାଇଲେ । କାହିଁକି ଠିକ୍ ସମୟରେ ଏହି ତଥ୍ୟ ଦିଆଗଲାନାହିଁ । ବିରୋଧୀ ମେଣ୍ଟ (୯ ପୃଷ୍ଠାରେ)

# କଲରାପତରିଆ ବାଘ ମୃତ

ରେଢ଼ାଖୋଲ, ୭।୫ (ସବ୍ୟୁ) : ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ଅନ୍ତର୍ଗତ ଲାଣ୍ଡିମାଲ ସଂରକ୍ଷିତ ଜଙ୍ଗଲର ଚମ୍ପାଳି ନଦୀ ପାଖ ଭୀମମଣ୍ଡଳୀ ରାସ୍ତାରୁ ଏକ କଲରାପତରିଆ ବାଘର ମୃତ ଦେହ ଠାବ କରିଛି ବନ ବିଭାଗ । ସୂଚନାନୁସାରେ ସୋମବାର ଜଙ୍ଗଲରେ ବାଘ ପଡ଼ିଥିବା ଖବର ପାଇ ଘଟଣା ସ୍ଥଳକୁ ଜଙ୍ଗଲ ବିଭାଗ ଯାଇ ବାଘର ମୃତଦେହ ଠାବ କରିଥିଲେ ।

ମଙ୍ଗଳବାର ସକାଳୁ ସି ସି ଏଫ, ରେଢ଼ାଖୋଲ ଡି ଏଫ ଓ ଅରବିନ୍ଦ ମହାନ୍ତି, ନାକଟିଦେଉଳ ରେଞ୍ଜର ଅଶ୍ୱିନୀ କୁମାର ବେହେରା ଏବଂ ଭୁବନେଶ୍ୱର ସାଇଣ୍ଟିଫିକ ଟିମ ଘଟଣାସ୍ଥଳକୁ ଯାଇ ଘଟଣାର ତଦନ୍ତ କରି ଶବ ବ୍ୟବଚ୍ଛେଦ କରି ପୋଡିଦେଇଥିଲେ । ଏ ସମ୍ପର୍କରେ ଡ଼ିଏଫଓଙ୍କୁ ପଚାରିବାରୁ ବାଘର ଆନୁମାନିକ ବୟସ ୧୦ବର୍ଷ ହେବ ଏବଂ ମୃତ୍ୟୁର କାରଣ ତଦନ୍ତ ପରେ ଜଣାପଡିବ ବୋଲି କହିଥିଲେ । ନାକଟିଦେଉଳ ବନାଞ୍ଚଳର ଲାଣ୍ଡିମାଲ ସଂରକ୍ଷିତ ଜଙ୍ଗଲରେ ବାଘ ମୃତ୍ୟ ପରେ ବି ବନବିଭାଗ ଚୁପ୍ କିନ୍ତୁ ବାଘକୁ ଶୀକାର କରାଯାଇଛି ଏବଂ ବାଘ ଦେହରୁ ୩ଟି ଗୁଳି ବାହାରିଥିବା ଚର୍ଚ୍ଚା ହେଉଛି । ୨୪ଘଣ୍ଟା ପରେବି ବନବିଭାଗ ହାତ ଖାଲି। ବାଘ ମୃତ୍ୟ ସମ୍ପର୍କରେ ଗଣମାଧ୍ୟମକୁ କମ୍ କହି ଅଧିକ ଲୁଚାଇଲେ ରେଢାଖୋଲ ଡିଏଫଓ। ଶିକାରୀଙ୍କ ଗୁଳିମାଡରେ ବାଘର ମୃତ୍ୟୁ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ସୋମବାର ଠାରୁ ବାଘ ଲାଣ୍ଡିମାଲ ଜଙ୍ଗଲର ଭୀମମଣ୍ଡଳୀ (୯ ପୃଷ୍ଠାରେ)





ହିଞ୍ଜିଳି, ସେରଗଡ ଓ ଖଲିକୋଟରେ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ କାର୍ତ୍ତିକ ପାଣ୍ଡିଆନ୍

## ଓଡିଶା ବିଜେପିର ଅସଲ ମୁଖା ଖୋଲିଲା
# ମିଛ ମେନିଫେଷ୍ଟୋ ପଦାରେ ପକାଇଲା ରାଜ୍ୟ ବିଜେପିର ଓଡିଶା ବିରୋଧୀ ମନୋଭାବ

ଭୁବନେଶ୍ୱର (ସବ୍ୟୁ): ନିର୍ବାଚନ ସମୟରେ ଓଡିଶା ବିଜେପି ପକ୍ଷରୁ ଜାରି କରାଯାଇଥିବା ନିର୍ବାଚନୀ ଇସ୍ତାହାରର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ବିଜୁ ଜନତା ଦଳ ପକ୍ଷରୁ ଏକ ପୁସ୍ତିକା ଉନ୍ମୋଚନ କରାଯାଇଛି। ଯାହାର ଶୀର୍ଷକ ରହିଛି- ମିଛ ମେନିଫେଷ୍ଟୋ... ଧର୍ମେନ୍ଦ୍ର ପ୍ରଧାନଙ୍କ ଗ୍ୟାରେଣ୍ଟି । ନା କାମ କରିବି, ନା କାମ କରେଇଦେବି । ଶଙ୍ଖ ଭବନରେ ଏହି ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର ଓ ଦଳର ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମିଛ ମେନିଫେଷ୍ଟୋରେ ଉଲ୍ଲେଖ କରାଯାଇଥିବା ୩ଟି ଦିଗ ଉପରେ ଉଭୟେ ଆଲୋକପାତ କରିଥିଲେ। ପ୍ରଥମ ଭାଗରେ ଓଡିଶା ବିଜେପି ଯାହା ପ୍ରତିଶ୍ରୁତି ଦିଏ ତାହା କିଭଳି ପାଳନ କରେନାହିଁ ସେନେଇ ଉଲ୍ଲେଖ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସୁଯୋଗ ପାଇଲେ କେଉଁ ସବୁ ଯୋଜନାକୁ ଓଡିଶା ବିଜେପି ବନ୍ଦ କରିଦେବ ସେନେଇ ମଧ୍ୟ ବିଶଦ ଭାବେ ଉପସ୍ଥାପନ କରିଥିଲେ। ସେହିଭଳି ଶେଷରେ ଓଡିଶାବାସୀଙ୍କ ଉପରେ କାହାକୁ ବି ମୁଖ୍ୟମନ୍ତ୍ରୀ ଭାବେ ଲଦିବାକୁ ଓ ଦିଲ୍ଲୀର ହାଇକମାଣ୍ଡ ପ୍ରଥା ଫେରାଇ ଆଣିବାକୁ କରାଯାଉଥିବା ମସୁଧା



ଉପରେ ସ୍ପଷ୍ଟ ଭାବେ ପୁସ୍ତକରେ ଉଲ୍ଲେଖ କରାଯାଇଥିବା ତଥ୍ୟ ରଖିଥିଲେ। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ଚାଷୀଙ୍କ ଆୟ ଦ୍ୱିଗୁଣ, ଏମଏସପି ବୃଦ୍ଧି, ଚାଷୀଙ୍କୁ ଫସଲ ବୀମା, ଯୁବବର୍ଗଙ୍କୁ ଚାକିରି, ଗରିବଙ୍କୁ ଆବାସ, ଜାତୀୟ ରାଜପଥ କାର୍ଯ୍ୟ, ରେଳବାଇ ସଂଯୋଗୀକରଣ, ମୋବାଇଲ ଓ ଡିଜିଟାଲ ନେଟୱାର୍କ ସଂଯୋଗୀକରଣ, ବ୍ୟାଙ୍କ ସଂଯୋଗୀକରଣ, କେନ୍ଦୁପତ୍ର ଉପରୁ ଜିଏସଟି ଛାଡ, ରାଜନୀତିରେ ଅପରାଧୀକରଣ, କେନ୍ଦ୍ରୀୟ ଅନୁଦାନ, ହୋ-ମୁଣ୍ଡାରି-ଭୂମିଜ-ସଉରା-କୁଇ-କୋଶଲି ଭାଷାକୁ ସାମ୍ବିଧାନିକ ମାନ୍ୟତା, ୧୬୨ ସମ୍ପ୍ରଦାୟକୁ ଜନଜାତି ତାଲିକାରେ ମାନ୍ୟତା, ତାଳଚେର ସାର କାରଖାନା, ମନ୍ଦିର ରୂପାନ୍ତରଣ ନେଇ କେଉଁଭଳି ଓଡିଶା ବିଜେପି ନେତା ପ୍ରତିଥର ନିର୍ବାଚନ ଆସିଲେ ପ୍ରତଶ୍ରୁତି ଦିଅନ୍ତି ଆଉ ପରେ ଏହାକୁ କାର୍ଯ୍ୟକାରୀ କରିବା ବଦଳରେ ଲୋକଙ୍କୁ ଭୂଆଁ ବୁଲାଇବା ସହ ବିକାଶ କାମ କରୁଥିବା ରାଜ୍ୟ ସରକାରଙ୍କ ରାସ୍ତାରେ ବାଧା ଆଣନ୍ତି ସେନେଇ ଉଲ୍ଲେଖ କରାଯାଇଛି। ୨୦୧୪ ହେଉ ଅବା ୨୦୧୯ ଏପରିକି ୨୦୨୪ରେ ମଧ୍ୟ ସମାନ କ୍ଷେତ୍ରରେ ଓଡିଶା ବିଜେପି ପ୍ରତିଶ୍ରୁତି ମାନ ଦେଇଛି। ହେଲେ ପରବର୍ତୀ ସମୟରେ ଏସବୁକୁ ଅଟକାଇଛି ଅବା କାମ ଆଗକୁ ବଢିଲା ବେଳକୁ ବାଧା ଆଣିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ସସ୍ମିତ ପାତ୍ର ଓ ଶ୍ରୀ ସ୍ୱୟଂପ୍ରକାଶ ମହାପାତ୍ର ଉଲ୍ଲେଖ କରିଥିଲେ। ସେହିଭଳି ଭାବେ ଓଡିଶା ବିଜେପିକୁ ଯଦି ସୁଯୋଗ ମିଳେ ତେବେ ସେମାନେ ମିଶନ ଶକ୍ତି, ବିଏସକେୱାଇ, ୫-ଟି ସ୍କୁଲ ରୂପାନ୍ତରଣ, ମୋ ସରକାର କାର୍ଯ୍ୟକ୍ରମ, କାଳିଆ, ନୂଆ- ଓ ସ୍କଲାରଶିପ୍, ମନ୍ଦିର ରୂପାନ୍ତରଣ, ଲକ୍ଷ୍ମୀ, ମମତା, ଭତା, ନୂଆ ମେଡିକାଲ କଲେଜ, ଆମ ଓଡିଶା ନବୀନ ଓଡିଶା, ଶିଳ୍ପାୟନ ଓ ନିଯୁକ୍ତି, ସରକାରୀ ନିଯୁକ୍ତି, ପକ୍କାଘର, ସଡକ ଓ ଗମନାଗମନ ସବୁକିଛି କାର୍ଯ୍ୟକ୍ରମ ଯାହା ରାଜ୍ୟର ଜନସାଧାରଣଙ୍କ ପାଇଁ କରାଯାଉଛି ସବୁକିଛି ବନ୍ଦ କରିଦେବେ ବୋଲି ଡକ୍ଟର ସସ୍ମିତ ପାତ୍ର ଓ ସ୍ୱୟଂପ୍ରକାଶ ମହାପାତ୍ର କହିଛନ୍ତି । ଏସବୁ ଯୋଜନା ବିରୋଧରେ ସେମାନଙ୍କ ପକ୍ଷରୁ କରାଯାଇଥିବା ସମସ୍ତ ଷଡଯନ୍ତ୍ର କଥ ମଧ୍ୟ ପୁସ୍ତିକାରେ ଉଲ୍ଲେଖ କରାଯାଇଛି। ଶେଷକୁ ମୁଖ୍ୟମନ୍ତ୍ରୀ ଭାବେ ଓଡିଶାବାସୀଙ୍କ ଉପରେ କାହାକୁ ଲଦିବାକୁ କରାଯାଉଥିବା ଷଡଯନ୍ତ୍ରର କଥା ମଧ୍ୟ ସ୍ପଷ୍ଟ ଭାବେ ରାଜ୍ୟବାସୀଙ୍କ ସାମ୍ନାରେ ବିଜେଡି ପକ୍ଷରୁ ରଖାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜେ ମନେ ମନେ ନେତା ସାଜିଥିବା ବେଳେ ତାଙ୍କୁ ସୁପର ମିଛୁଆ ଭାବେ ପୁସ୍ତିକାରେ ଦର୍ଶାଯାଇଛି।

## ୩୮.୨୩୮ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ ପଞ୍ଜିକୃତ କରିଛି ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସ

ଭୁବନେଶ୍ୱର (ସବ୍ୟୁ): ଦେଶର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସ ୨୦୨୩-୨୪ ଆର୍ଥିକ ବର୍ଷରେ ୨୯% ବୃଦ୍ଧି ସହ ୩୮୨୩୮ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ ପୀକରଣ କରିଛି, ଯାହା ୨୦୨୨-୨୩ ଆର୍ଥିକ ବର୍ଷରେ ୨୯୫୮୯ କୋଟି ଟଙ୍କା ଥିଲା। ତେବେ ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସର ସିଙ୍ଗଲ ପ୍ରିମିୟମ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪୪% ବୃଦ୍ଧି ପାଇଛି। ଏସ୍‌ବିଆଇ ଲାଇଫ୍‌ର ସୁରକ୍ଷା ନୂତନ ବ୍ୟବସାୟ ପ୍ରିମିୟମ ୨୦୨୩-୨୪ ଆର୍ଥିକ ବର୍ଷରେ ୧୫% ବୃଦ୍ଧି ହୋଇ ୪୧୬୫ କୋଟି ଟଙ୍କାରେ ପହଂଚିଛି। ସେହିପରି ସୁରକ୍ଷା ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ଏହି ଅବଧିରେ ୯୫୧ କୋଟି ଟଙ୍କା ରହିଥିବା ବେଳେ ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ୧୪% ବୃଦ୍ଧି ହୋଇ ୨୩,୮୩୨ କୋଟି ଟଙ୍କା ରହିଛି।

## ବିଜେଡି ପ୍ରଚାର ଗାଡିକୁ ବିଜେପି ପ୍ରାର୍ଥୀଙ୍କ ସମର୍ଥକ ଅଟକାଇବା ପ୍ରସଙ୍ଗ
# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

ଭୁବନେଶ୍ୱର(ସବ୍ୟୁ): ପୁଣି ବିଜେପି କର୍ମୀଙ୍କ ବିରୋଧରେ ଆଇନ ଉଲ୍ଲଂଘନ ଅଭିଯୋଗ ଆଣିଛି ବିଜେଡି । ବିଜେଡି ପ୍ରଚାର ଗାଡିକୁ ବିଜେପି ପ୍ରାର୍ଥୀଙ୍କ ସମର୍ଥକ ଅଟକାଇ ଧମକାଇବା ନେଇ ସମର୍ଥକ ଓ କର୍ମୀ ଅଟକାଇଥିଲେ । ବିଜେଡି ପ୍ରଚାର ଗାଡିରେ ଥିବା ପୋଷ୍ଟର ଓ ବ୍ୟାନର ଚିରିବା ସହ ଗାଡିର ଡ୍ରାଇଭରଙ୍କୁ ଧମକାଇଥିଲେ । ବିଜେଡି ପ୍ରଚାରରେ ବାଧା ସୃଷ୍ଟି କରିବା ଅଭିଯୋଗ ନେଇ ସିଇଓଙ୍କ



ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି ବିଜେଡି । ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଳନ୍ଥରାରେ ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କ ପ୍ରଚାର ଗାଡିକୁ ବିଜେପି ବିଧାନସଭା ପ୍ରାର୍ଥୀ ବିଭୁତି ଭୂଷଣ ଜେନାଙ୍କ ବାଇକ ରାଲିରେ ଆସୁଥିବା ନିକଟରେ ଫେରାଦ ହୋଇଛି ବିଜେଡି । ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଓ ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ସମେତ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଏନେଇ ସିଇଓଙ୍କୁ ଅଭିଯୋଗ କରିଛନ୍ତି । ବିଜେପି କ୍ରମୀ ଓ ସମର୍ଥକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି ।

# ଚା ଖଟିରେ ଜମୁଛି ବିଜେଡି, ବିଜେପି ରାଜନୀତି

କଟକ, (ସମୀର କର): ଭାଇଚାରାର ସହର କଟକରେ ରାତି ପାହିଲେ ଚା' ଦୋକାନରେ କଟିକିଆମାନଙ୍କର ଖଟି ଜମେ। ଏହି ଖଟିରେ ସହରର ବିଭିନ୍ନ ବର୍ଗର ଲୋକଙ୍କ ଭିଡ ଜମେ । ଏବେ ଚାଲିଛି





ନିର୍ବାଚନ ଋତୁ । ବର୍ତ୍ତମାନ ନିର୍ବାଚନ ଋତୁରେ ଚା' ଖଟିରେ ରାଜନିତୀ ଚର୍ଚ୍ଚା ପରିବେଶକୁ ବେଶ୍ ଉଷ୍ମ କରିଛି । ଏହି ଚା' ଖଟିରୁ ରାଜନୈତିକ ଫାଇଦା ନେବାକୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ବିଭିନ୍ନ ଦଳର ପ୍ରାର୍ଥୀମାନେ ଖଟି ମୈଦାନକୁ ଲମ୍ଫ ଦେଲେଣି । ଏହି ଖଟି ରାଜନିତୀରେ ଦୁଇ ଦଳ ବିଜେଡି ଆଉ ବିଜେପି ପ୍ରବେଶ କରି ନିଜ ଭିତରେ ପ୍ରତିଦ୍ୱନ୍ଦିତା ଆରମ୍ଭ କଲେଣି । ରାତି ପାହିଲେ ଉଭୟ ଦଳର ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କୁ ନେଇ ବିଭିନ୍ନ ଚା' ଖଟିରେ ହାଜର ହୋଇ ହାତରେ ଚା କପ୍ ଧରି ବିଭିନ୍ନ ଚର୍ଚ୍ଚା ଆଲୋଚନା କରୁଥିବା ଦେଖିବାକୁ ମିଳୁଛି । ବିଜେପିର କଟକ ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ବିଜେଡି ଲୋକସଭା ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ନିଜ ସମର୍ଥକ ମାନଙ୍କୁ ସାଙ୍ଗରେ ଧରି ଚା' ଖଟିରେ ହାଜର ହୋଇ ବିଭିନ୍ନ ଚର୍ଚ୍ଚା ଆଲୋଚନା କରୁଛନ୍ତି । ଏହି ଚର୍ଚ୍ଚା ଆଲୋଚନା ମଧ୍ୟରେ ସ୍ଥାନୀୟ ସମସ୍ୟା ସହିତ ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ଆଲୋଚନା କରାଯାଇ ତାହାର ସମାଧାନ ନେଇ ଉପସ୍ଥିତ ଲୋକଙ୍କୁ ମିଳୁଛି ପ୍ରତିଶ୍ରୁତି। ବିଜେପି ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ କଟକ ସଦର, ଚୌଦ୍ୱାର-କଟକ ଓ ବାରବାଟୀ କଟକ ନିର୍ବାଚନ ମଣ୍ଡଳୀରେ ଚା' ଖଟିରେ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଯାଥାକ୍ରମେ ପ୍ରକାଶ ସେଠୀ, ନୟନ କିଶୋର ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ସାଙ୍ଗରେ ଧରି ଯାଉଛନ୍ତି । ସେହିପରି ବିଜେଡି ଲୋକସଭା ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ମଧ୍ୟ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ସାଙ୍ଗରେ ଧରି ଚା' ଖଟିରେ ବସି ରାଜନୈତିକ ଚର୍ଚ୍ଚା ଆଲୋଚନା ଆରମ୍ଭ କଲେଣି। ଏହି ଦୁଇ ଦଳ ବର୍ତ୍ତମାନ ଚା' ଖଟି ରାଜନିତୀ ଆରମ୍ଭ କରିଥିବା ବେଳେ କଂଗ୍ରେସ ଦଳ ଭିନ୍ନ ଉପାୟରେ ଭୋଟରଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛି । ହେଲେ ଆଗକୁ କଂଗ୍ରେସ ମଧ୍ୟ ଚା' ଖଟି ରାଜନିତୀକୁ ପ୍ରବେଶ କରିବ ବୋଲି ସମର୍ଥକମାନେ କହୁଛନ୍ତି । ଦେଖିବାକୁ ବାକି ରହିଲା ଖଟି ରାଜନିତୀରୁ କାହାକୁ କେତେ ଫାଇଦା ମିଳୁଛି ।

## ସମ୍ ହସ୍ପିଟାଲ୍ ପକ୍ଷରୁ ଆନ୍ତର୍ଜାତିକ ସେବିକା ସପ୍ତାହ




ଭୁବନେଶ୍ୱର (ସବ୍ୟୁ): ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ମଙ୍ଗଳବାର ଆନ୍ତର୍ଜାତିକ ସେବିକା ସପ୍ତାହ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଫେସର ପୁଷ୍ପରାଜ୍ ସାମନ୍ତସିଂହାର କହିଛନ୍ତି ଯେ ଡାକ୍ତରମାନେ ରୋଗୀମାନଙ୍କର ପରୀକ୍ଷା, ରୋଗ ନିରୂପଣ ଓ ଚିକିତ୍ସା କରୁଥିବା ବେଳେ ନର୍ସମାନେ ୨୪ ଘଂଟା ଧରି ରୋଗୀମାନଙ୍କର ସେବା କରିଥାନ୍ତି । ତେଣୁ ସେମାନଙ୍କର କାର୍ଯ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ରାଜ୍ୟ ସରକାରଙ୍କ ନର୍ସିଂ ବିଭାଗର ନିର୍ଦ୍ଦେଶକ ଡାକ୍ତର ଆର୍ତବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେ ୧୨ ତାରିଖକୁ ନର୍ସିଂ ଦିବସ ଭାବେ ପାଳନ କରାଯାଉଥିବା କହିବା ସହ ସ୍ୱାସ୍ଥ୍ୟ ବିଭାଗ କ୍ଷେତ୍ରରେ ନର୍ସମାନଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମକୁମାରୀ ରାଜଯୋଗିନୀ ବି.କେ. ନମିତା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଡେପୁଟି ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ନିରୂପମା ଡଗର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଚ୍ୟୁତ ସାମନ୍ତଙ୍କ ସ୍ଥାବର ସମ୍ପତ୍ତି ମୂଲ୍ୟ ୧ଲକ୍ଷ ୨୮ ହଜାର ଟଙ୍କା

ଭୁବନେଶ୍ୱର (ସବ୍ୟୁ): କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀରୁ ସାଂସଦ ପ୍ରାର୍ଥୀ ଭାବେ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ଲଢୁଥିବା ଅଚ୍ୟୁତ ସାମନ୍ତ ମେ ୨ ତାରିଖରେ ନାମାଙ୍କନ ଦାଖଲ କରିଛନ୍ତି । ଏଥିରେ ସେ ଦେଇଥିବା ସତ୍ୟପାଠରେ ତାଙ୍କ ନାମରେ ୧୦ଲକ୍ଷ ଟଙ୍କା ରହିଥିବା ବେଳେ ତାଙ୍କ ପାଖରେ ନଗଦ ୨୦ ହଜାର ୫ଶହ ଟଙ୍କା ରହିଥିବା ଦର୍ଶାଇଛନ୍ତି । ସାଂସଦ ଭାବେ ମିଳିଥିବା ବେତନରୁ ଏହି ୧୦ ଲକ୍ଷ ଟଙ୍କା ରହିଛି । ପୈତୃକ ସମ୍ପତ୍ତିରୁ ସାତ ଭାଇଭଉଣୀଙ୍କୁ ମିଳିଥିବା ଚାଷଜମି ଓ ଘରଡ଼ିହର ଅଂଶରୁ ଅଚ୍ୟୁତଙ୍କ ଅଂଶର ମୋଟ ଆନୁମାନିକ ମୂଲ୍ୟ ୧ଲକ୍ଷ ୨୮ ହଜାର ଟଙ୍କା । ଏହାଛଡ଼ା ତାଙ୍କ ନାମରେ ୧ଲକ୍ଷ ୬୦ ହଜାର ଟଙ୍କାର ଜୀବନ ବୀମା ପଲିସି ରହିଥିବା ବେଳେ ଇଣ୍ଡିଆନ୍ ବ୍ୟାଙ୍କରେ ୪୮ ହଜାର ଟଙ୍କାର ବଣ୍ଡ ଜମା ରହିଛି । ଏହା ବ୍ୟତୀତ ତାଙ୍କ ନିକଟରେ କୌଣସି ଜମି, ଘର, ସୁନା କିମ୍ବା ତାଙ୍କ ନାମରେ କୌଣସି ଗାଡ଼ି ମୋଟର ନ ଥିବା ଜଣାପଡ଼ିଛି । ଏସବୁ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୋଟ ମୂଲ୍ୟ ୧୨ଲକ୍ଷ ୪୪ହଜାର ଟଙ୍କା ବୋଲି



ସତ୍ୟପାଠରେ ଦର୍ଶାଯାଇଛି ।

ଶ୍ରୀ ସାମନ୍ତ କିଟ୍ ଓ କିସ୍ ଭଳି ଦୁଇଟି ବିଶ୍ୱସ୍ତରୀୟ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ ମଧ୍ୟ ସାଂପ୍ରତିକ ବସ୍ତୁବାଦୀ ସମାଜରେ ସେ ବ୍ୟକ୍ତିଗତ ନାଁରେ କୌଣସି ସମ୍ପତ୍ତି କରିନାହାନ୍ତି । ଏହା ତାଙ୍କ ଉତ୍ସର୍ଗୀକୃତ ଜନସେବାର ପରିଚୟ ବୋଲି ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ଶିକ୍ଷା ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ପାଇଁ କରିଆସୁଥିବା କାର୍ଯ୍ୟ ସକାଶେ ଅଚ୍ୟୁତ ସାମନ୍ତ ଓଡ଼ିଶାର ଘରେ ଘରେ ଏକ ପରିଚିତ ନାମ । ଦୀର୍ଘ ୩୧ବର୍ଷ ହେଲା ଏହି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ କରିଆସୁଥିବା ସମାଜସେବା ପାଇଁ ସେ ଦେଶ ଓ ବିଦେଶର ବିଭିନ୍ନ ମହଲରେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି । ୨୦୧୮ ରାଜ୍ୟସଭା ନିର୍ବାଚନ ଓ ୨୦୧୯ରେ ଲୋକସଭା ର୍ନିବାଚନ ପୂର୍ବରୁ ହୋଇଥିବା ନାମାଙ୍କନ ସମୟରେ ସତ୍ୟପାଠରେ ସେ ମଧ୍ୟ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଲିକା ଦେଇଥିଲେ । ତାହା ଅତି ନଗଣ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ୨୦୧୯ ଲୋକସଭା ନିର୍ବାଚନ ସମୟରେ ତାଙ୍କର କୌଣସି ସମ୍ପତ୍ତି ମଧ୍ୟ ନଥିଲା । ଗତ ୫ବର୍ଷ ମଧ୍ୟରେ ତାଙ୍କ ସମ୍ପତ୍ତିରେ କୌଣସି ମଧ୍ୟ ଅଭିବୃଦ୍ଧି ହୋଇନଥିବା ପରିଲକ୍ଷିତ ହୋଇଛି ।

## କର୍ମୀ ସମ୍ମିଳନୀରେ ପ୍ରକାଶଙ୍କ ଦୃଢୋକ୍ତି
# କଟକ ହେବ ୧ ନମ୍ବର ସହର

କଟକ(ସ.ବ୍ୟୁ): କଟକ ସହରରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି । ଆଗାମୀ ଦିନରେ ଏହି ବିକାଶର ଧାରା ଜାରି ରହିବ । ରାଜ୍ୟର ସମସ୍ତ ସହରକୁ ପଛରେ ପକାଇ କଟକ ୧ ନମ୍ବର ହେବ । ମଙ୍ଗଳବାର ସନ୍ଧ୍ୟାରେ ବାରବାଟୀ-କଟକ ର୍ନିବାଚନ ମଣ୍ଡଳୀର ୭ ନମ୍ବର ୱାର୍ଡ ସ୍ଥିତ ଦେଉଳ ସାହି ମୋନାଲିସା ପ୍ୟାଲେସ ଓ ୮ ନମ୍ବର ୱାର୍ଡର ଜଗନ୍ନାଥ ମନ୍ଦିର ନିକଟସ୍ଥ ତୁଳସୀପୁର ମଠ ସାହିରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ଏହା କହିଛନ୍ତି । ସେହିପରି କଟକରେ ଆଇନଜୀବୀ ଏକାଡେମୀ ପ୍ରତିଷ୍ଠା ସଂକ୍ରାନ୍ତରେ ପ୍ରକାଶ ସୂଚନା ଦେଇଥିଲେ । ରାଜ୍ୟ ସରକାରଙ୍କ ଉଦ୍ୟମରେ ସହରର ଡ୍ରେନେଜ ସମସ୍ୟା ପ୍ରାୟତଃ ସୁଧୁରି ଯାଇଥିବା ବେଳେ ଏବେ ଭୂତଳ ଜଳ ସଙ୍କଟ ଦେଖା ଦେବାର ଆଶଙ୍କା ରହିଛି । ତେଣୁ ପୁରୀଘାଟ ସ୍ଥିତ କାଠଯୋଡ଼ି ନଦୀରେ ବ୍ରିଜ ର୍ନିମାଣ କରି ବନ୍ୟା ଜଳକୁ ସଞ୍ଚିତ ରଖି ଭୂତଳ ଜଳ ସମସ୍ୟା ଦୂର କରିବା ପାଇଁ ମଧ୍ୟ ରାଜ୍ୟ ସରକାର କଟକ ସହର ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । କଟକ ସହରକୁ ପ୍ରଗତି ପଥେ ବୃଦ୍ଧି କରିବା ଲାଗି ବିଜେଡି ସପକ୍ଷରେ ମତଦାନ କରିବା ପାଇଁ ନିବେଦନ କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା । କର୍ମୀ



ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, କଟକ ମେୟର ସୁବାସ ସିଂହ, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, କଟକ ବିଜେଡି ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, କଟକ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ୭ ୱାର୍ଡ଼ କର୍ପୋରେଟର ମମତା ନାୟକ, ୱାର୍ଡ଼ ସଭାପତି ଚନ୍ଦ୍ରକାନ୍ତ ପଟନାୟକ, ୮ ୱାର୍ଡ କର୍ପୋରେଟର ନମିତା ବାରିକ, ୱାର୍ଡ଼ ସଭାପତି ସତ୍ୟବ୍ରତ ରଣା, ୱାର୍ଡ ଯୁବ ସଭାପତି ସିଦ୍ଧାର୍ଥ ବିଶ୍ୱାଳ, ୱାର୍ଡ଼ ମହିଳା ସଭାନେତ୍ରୀ ପୂଜା ପାତ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ରାୟ ଏବଂ ନଗର ବିଜେଡି ଉପସଭାପତି ବିଜୟ ପ୍ରଧାନ, ୮ ନମ୍ୱର ୱାର୍ଡ଼ ସଭାପତି ସତ୍ୟବ୍ରତ ରଣା, ବରିଷ୍ଠ ନେତା ସୁଧୀର ରଞ୍ଜନ ମହାନ୍ତିଙ୍କ ସମେତ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଅପରପଟେ ଆଜି କନିକା ଛକ ସ୍ଥିତ ବିଧାୟକ ପ୍ରାର୍ଥୀ ପ୍ରକାଶଙ୍କ କାର୍ଯ୍ୟାଳୟରେ ବାଦାମବାଡି ବ୍ୟବସାୟୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ସଂଘ ସଭାପତି ନିଧି ରାଉତ, ସାଧାରଣ ସମ୍ପାଦକ ଅଜୟ ମହାପାତ୍ରଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଯୋଗ ଦେଇ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ।

## ମୋଦୀ ଗ୍ୟାରେଣ୍ଟି ଏବଂ ଓଡ଼ିଶା ସଂକଳ୍ପପତ୍ର ନେଇ ଧର୍ମେନ୍ଦ୍ରଙ୍କ ପ୍ରେସମିଟ୍
# ବିଜେପି ସରକାର ହେଲେ ସମ୍ବଲପୁରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଟେକ୍ସଟାଇଲ ହବ୍ କରାଯିବ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ବିଜେପି ସରକାର ହେଲେ ସମ୍ବଲପୁର ବସ୍ତ୍ରର ଗୁଣବତ୍ତା ବଢାଇବା ପାଇଁ ପଦକ୍ଷେପ ନିଆଯିବା ସହ ବୁଣାକାରଙ୍କୁ ପ୍ରୋତ୍ସାହିତ କରାଯିବ । କୃଷି ପ୍ରାଧାନ୍ୟ ସମ୍ବଲପୁର ସହରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଖାଦ୍ୟ ପ୍ରକ୍ରିୟାକରଣର ଏକ ହବ୍ କରାଯିବ ବୋଲି ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି -୨୦୨୪ ଏବଂ ଓଡ଼ିଆଙ୍କ ପାଇଁ ଦଳ ପକ୍ଷରୁ ଉନ୍ମୋଚିତ ହୋଇଥିବା ଓଡ଼ିଶା ସଂକଳ୍ପ ପତ୍ର ଉପରେ ସାମ୍ବାଦିକ ଗଣମାଧ୍ୟମ ପ୍ରତିନିଧିଙ୍କ ଆଲୋଚନା କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେପିର ସଂକଳ୍ପ ପତ୍ରରେ ସବୁ ବର୍ଗ ବିଶେଷତଃ ଗରିବ, କୃଷକ, ମହିଳା, ଯୁବବର୍ଗଙ୍କ କଲ୍ୟାଣ ସହ ସମ୍ବଲପୁରର ବୁଣାକାର ମାନଙ୍କ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଭଳି ଅନେକ ସଂକଳ୍ପ କରାଯାଇଛି । ଓଡ଼ିଶାରେ ବିଜେପି ସରକାର ହେଲେ ସବୁ ଘୋଷଣାକୁ ପାଳନ କରାଯିବା ସହ ଦୁର୍ନୀତିକୁ ରୋକିବା ପାଇଁ ଜିରୋ ଟେଲେରାନ୍ସ ନୀତି ଅବଲମ୍ବନ କରାଯିବ ।




ସମ୍ବଲପୁରକୁ ଭାରତର ପ୍ରମୁଖ ସହର ଭାବେ ତିଆରି କରାଯିବ । ସମ୍ବଲପୁରୀ ଟେକ୍ସଟାଇଲକୁ ବିଶ୍ୱରେ ପହଞ୍ଚାଇବାର କାମ ଆରମ୍ଭ ହୋଇଥିବା ବେଳେ ଏହାକୁ ପ୍ରାଥମିକତା ଦିଆଯିବ । ଲୋକଙ୍କୁ ସବୁ ସୁବିଧା ସହ ଶିକ୍ଷା ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳୀ ସହ ସବୁ ପ୍ରକାର ଯୁବ ପ୍ରତିଭାକୁ ପ୍ରାଥମିକତା ଦେଇ ସେମାନଙ୍କୁ ଆଗକୁ ବଢିବା ପାଇଁ ଦକ୍ଷ କରାଯିବ । ସମ୍ବଲପୁର ସମେତ ରାଜ୍ୟରେ ଉଚ୍ଚମାନର ଶିକ୍ଷା ପାଇଁ ସହରାଞ୍ଚଳ ସହ ପ୍ରତି ବ୍ଲକରେ ୨ଟି ଭାବରେ ୮୦୦ ପିଏମଶ୍ରୀ ସ୍କୁଲ ପ୍ରତିଷ୍ଠା ହେବ । କେନ୍ଦୁପତ୍ର ତୋଳାଳି ମାନଙ୍କୁ ୩୫ ପ୍ରତିଶତ, କେନ୍ଦୁପତ୍ର ବାନ୍ଧୁଥିବା ଲୋକଙ୍କୁ ୧୦ ପ୍ରତିଶତ ବୋନସ ଦିଆଯିବ । ସମ୍ବଲପୁର ପାଇଁ ଖୁବ୍ ଶୀଘ୍ର ବିଜେପି ଏକ ସଂକଳ୍ପ ପତ୍ର ଉନ୍ମୋଚନ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ବିଜେପିର ସଂକଳ୍ପ ପତ୍ରରେ କୃଷକ କଲ୍ୟାଣକୁ ଯୋର ଦିଆଯାଇଛି । ଧାନ କିଣା ଓଡ଼ିଶା କୃଷି ଅର୍ଥନୀତିର ମେରୁଦଣ୍ଡ । ବର୍ତ୍ତମାନ ଧାନ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ଥିବା ବେଳେ ଓଡ଼ିଶାରେ ମୋଦୀଙ୍କ ସରକାର ହେଲେ ଛତିଶଗଡ ଭଳି ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ । ଧାନ କିଣିବାର ୪୮ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଏହି ଅର୍ଥ ଦିଆଯିବ । କଟନୀଛଟନୀ ନାଁରେ ଚାଷୀଙ୍କ ଯେଉଁ ଶୋଷଣ ହେଉଛି, ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ । ଧାନରେ ପ୍ରଥମ ଥର ପାଇଁ ରାଜ୍ୟ ତରଫରୁ ବୋନସ ଦିଆଯିବ । ସବୁ ଚାଷ ଜମି ଜଳସେଚନ ହେବ । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ଅସାଂଗଠନିକ କ୍ଷେତ୍ରରେ ଶ୍ରମିକ ମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ସହ ଇ-ଶ୍ରମ ପୋର୍ଟାଲରେ ଯୋଡାଯିବଛ ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ତିନି ହଜାର ଟଙ୍କା କରାଯିବ । ଶତକଡା ୮୦ ଭାଗ ଥିବା ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଭତ୍ତା ଦିଆଯିବ । ବିଜେପି ସରକାର ହେବାର ପ୍ରଥମ ମାସରେ ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଲାଗୁ ହେବ ।

ଏହା ବିଜେପିର କେବଳ ଦସ୍ତାବିଜ ନୁହେଁ, ମୋଦୀଙ୍କ ଗ୍ୟାରେଣ୍ଟି ଓ ଆଶ୍ୱାସନାର ପତ୍ର ଅଟେ । ଏସଏଚଜି ହେଉଛି ମୋଦୀ ସରକାରଙ୍କ ସଫଳ କାର୍ଯ୍ୟକ୍ରମ । ସେମାନଙ୍କୁ ସଶକ୍ତ କରିବା ପାଇଁ ମୋଦୀ ସରକାର ପଇସା ଦେଉଥିବା ବେଳେ ଓଡ଼ିଶାର ୨୫ ଲକ୍ଷ ଭଉଣୀଙ୍କୁ ଲକ୍ଷପତି ଦିଦି ବନାଯିବାର ନିଷ୍ପତି ନେଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜି ଓଡ଼ିଶାରେ ଗଣତନ୍ତ୍ର ନାହିଁ । ସ୍ୱେଚ୍ଛାଚାରିତା ଚାଲିଛି । ଚତୁର୍ଥସ୍ତମ୍ଭଙ୍କୁ ସରକାରୀ ଦପ୍ତରକୁ ଯିବା ପାଇଁ ବାରଣ କରାଯାଇଛି । ରାଜ୍ୟରେ ସାମ୍ବାଦିକଙ୍କ ପାଇଁ ଅଧିସ୍ୱୀକୃତି କମିଟି ବସୁନାହିଁ । ବିଜେପି ସରକାର ହେଲେ ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ଓଡ଼ିଶାରେ ସବଡିଭିଜନରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ସାମ୍ବାଦିକଙ୍କ ପାଇଁ ନୂଆ ନୂଆ ଅଧିସ୍ୱୀକୃତିର ପୁନଃ ରଚନା କରାଯିବ । ର୍ନିବିବାଦରେ ସରକାରୀ କାମକୁ ସମୀକ୍ଷା କରିବା ପାଇଁ ସୁଯୋଗ ଦିଆଯିବା ସହ ଅନ୍ୟ ରାଜ୍ୟ ଭଳି ପେନସନର ବ୍ୟବସ୍ଥା କରାଯିବ ।

# ହାର୍ଡ଼କୋର ମାଓବାଦୀ ରୂପେଶ ଓରଫ୍ ସମୟ ମାଡକାମର ଆତ୍ମସମର୍ପଣ



ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାରେ ପୋଲିସ ଓ ସୁରକ୍ଷା କର୍ମୀଙ୍କ ନିୟମିତ କମ୍ବିଙ୍ଗ ଅପରେସନ, ମାଓ ସଂଗଠନର ବରିଷ୍ଠ ନେତାଙ୍କ ଶାରୀରିକ ଓ ମାନସିକ ନିର୍ଯ୍ୟାତନାରେ ଅତିଷ୍ଟ ହୋଇ କେ.କେ ବିଏନ ଡିଭିଜନର (ଡି ସିଏମ ) ଡିଭିଜନାଲ କମିଟି ମେମ୍ବର ରୂପେଶ ଓରଫ୍ ସମୟ ମାଡକାମ ଆଜି ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ, କନ୍ଧମାଳ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିକଟରେ ଆତ୍ମସମର୍ପଣ କରିଛି ବୋଲି ପୋଲିସ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମାଓ ନେତା ସମୟର ଘର ଛତିଶଗଡର ସୁକୁମା ଅଂଚଳରେ। ସମୟ ୨୦୦୫ ଅକ୍ଟୋବର ମାସରେ ମାଓଇଷ୍ଟରେ ସାମିଲ ହୋଇଥିଲା । ସମୟ ଅନେକ ଗୁଡିଏ ମାଓ ହିଂସା ଘଟଣା ରେ ସାମିଲ ଥିବା ଓ ତା ନାମରେ କନ୍ଧମାଳ, ବୌଦ୍ଧ ଓ ନୂଆପଡା ଅଂଚଳରେ ୧୭ ରୁ ଉର୍ଦ୍ଧ ମାମଲା ରହିଛି ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଛତିଶଗଡ଼ ଅଂଚଳରେ ତା ନାମରେ ସିରିଜ ମାମଲା ଥିବା କନ୍ଧମାଳ ଏସପି ଶୁଭେନ୍ଦୁ କୁମାର ପାତ୍ର ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । କନ୍ଧମାଳ ଏସପି ଶୁଭେନ୍ଦୁ ପାତ୍ର ଏସ ପି ଭାବେ ଦାଇତ୍ୱ ଗ୍ରହଣ ପରଠାରୁ ମାଓ ଦମନ ରଣ ନୀତି ଯୋଗୁଁ ଜିଲାରେ ମାଓ ଗତିବିଧି ହ୍ରାସ ପାଇଛି । ଏସପି ପାତ୍ରଙ୍କ ନିଷ୍ଠାପର ଉଦ୍ୟମ, କାର୍ଯ୍ୟ ଦକ୍ଷତା, ଅଭିଜ୍ଞତା, ଉନ୍ନତ ଜ୍ଞାନ କୌଶଳ ଯୋଗୁଁ ଅନେକ ମାଓ କ୍ୟାମ୍ପ ଧ୍ୱଂସ କରାଯିବ ସହ ମାଓ ସାମଗ୍ରୀ ଜବତ, ଗୁଳି ବିନିମୟରେ ଅନେକ ଦୁର୍ଦାନ୍ତ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ଫଳରେ ମାଓହିଂସା କମିଥିବା ଲକ୍ଷ୍ୟ କରାଯାଉଛି। ପୂର୍ବରୁ କିଛି ମାଓବାଦୀ ମଧ୍ୟ ଆତ୍ମସମର୍ପଣ କରିଛନ୍ତି । ସେହିପରି ପୋଲିସ ଓ ସୁରକ୍ଷା କର୍ମୀଙ୍କ ମାଓ ଦମନ କାର୍ଯ୍ୟ ଯୋଗୁଁ ମାଓ ନେତା ସମୟ ନିଜର ଶେଷ ସମୟ ଆସିବା ପୂର୍ବରୁ ଆତ୍ମସମର୍ପଣର ପନ୍ଥା ବାଛି ନେଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ କମ୍ବିଙ୍ଗ ଅପରେସନ ନିୟମିତ ଜାରି ରହିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ବିଜେପି କର୍ମୀ ଭାଙ୍ଗିଲେ ବିଜେଡି ପ୍ରଚାର ଗାଡ଼ି



ରଙ୍ଗେଇଲୁଣ୍ଡା, (ସବ୍ୟୁ): ନିର୍ବାଚନ ହେବାକୁ ମାତ୍ର ପାଞ୍ଚ ଦିନ ଥିବା ବେଳେ ଆଜି ଗୋଲନ୍ଥରାରେ ବିଜେପି କର୍ମୀଙ୍କ ଦ୍ୱାରା ବିଜେଡିର ଗୋଟିଏ ପ୍ରଚାର ଗାଡି କି ଭାଙ୍ଗି ଦେବା ସହ ଡ୍ରାଇଭର ଓ ହେଲପର ଉଭୟଙ୍କୁ ମରଣାତ୍ମକ ଆକ୍ରମଣ କରାଯାଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଘଟଣା ରୁ ପ୍ରକାଶ ଯେ, ଆଜି ସକାଳ ଦଶ ଘଣ୍ଟା ସମୟରେ ଗୋଲନ୍ଥରାରେ ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଚାର କରୁଥିବା ସମୟରେ ବିଜେଡିର ଏକ ପ୍ରଚାର ଗାଡି ଟାଟା ଏ.ସି ଗ୍ରାମକୁ ଯାଇଥିଲା । ଉକ୍ତ ସମୟରେ କିଛି ବିଜେପି କର୍ମୀ ଏତେ ଜୋରରେ ସାଉଣ୍ଡ କାହିଁକି କରୁଛୁ କହି ଗାଡିର ଡ୍ରାଇଭରକୁ ଜାତିଆଣ ମନ୍ତ୍ୟବ ନେଇ ପ୍ରଥମେ ଗାଡିର ଆଗ କାଚକୁ ଭାଙ୍ଗିବା ସହ ଲାଗିଥିବା ପୋଷ୍ଟର ସବୁ ଚିରି ଦେଇଥିଲେ । ଉକ୍ତ ଗାଡିର ଡ୍ରାଇଭର ହାତ ଯୋଡି କାକୁତି ମିନତୀ ହେବା ପରେ ଉତ୍ୟକ୍ତ ବିଜେପି କର୍ମୀ ମାନେ ତାଙ୍କୁ ମରଣତ୍ମକ ଆକ୍ରମଣ କରି ରକ୍ତାକ୍ତ କରିଦେବା ସହ ତାଙ୍କ ପକେଟ ରୁ କିଛି ଟଙ୍କା ମଧ୍ୟ ନେଇ ଯାଇଥିବା ପୀଡିତ ସ୍ଥାନୀୟ ଥାନାରେ ବିଜେପି ବିଧାୟକ ପ୍ରାର୍ଥୀଙ୍କ ସମେତ ଅନ୍ୟ କିଛି କର୍ମୀଙ୍କ ନାଁ ରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳ ର କିଛି ବୁଦ୍ଧିଜୀବୀ ଘଟଣାକୁ ଘୋର ନିନ୍ଦନୀୟ ବୋଲି କହିଛନ୍ତି। ଗୋଲନ୍ଥରା ଥାନା ଅଧିକାରୀ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି ଯେ, ଘଟଣା ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଛି, ଆମେ ସଠିକ ତଦନ୍ତ କରୁଛୁ, ଯିଏ ପ୍ରକୃତ ରେ ଦୋଷୀ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଲାଗି ପୋଷ୍ଟାଲ ଭୋଟିଂ ପ୍ରକ୍ରିୟା ଆରମ୍ଭ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା କର୍ମଚାରୀଙ୍କ ପାଇଁ ପୋଷ୍ଟାଲ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ବ୍ରହ୍ମପୁର ଲୋକସଭା ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବିଧାନସଭା ଆସନ ପାଇଁ ଏହି ମତ ଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା କର୍ମଚାରୀମାନେ ଏହି ପ୍ରକ୍ରିୟାରେ ନିଜ ନିଜ ମତଦାନ କରିବେ। ଏହି ପ୍ରକ୍ରିୟା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି ।

# ଆସ୍କା ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳଙ୍କୁ ନେଇ ପର୍ଯ୍ୟବେକ୍ଷକଙ୍କ ବୈଠକ



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ୧୯-ଆସ୍କା ନିର୍ବାଚନ ନିମନ୍ତେ ସମସ୍ତ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପ୍ରାର୍ଥୀ ଓ ପ୍ରତିନିଧି ମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସଭାକକ୍ଷ ସମ୍ମିଳନୀ କକ୍ଷ ଠାରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ଗଞ୍ଜାମ ଜିଲ୍ଲପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ଉପସ୍ଥିତ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କୁ ଆଦର୍ଶ ଆଚରଣ ବିଧିର ଅନୁପାଳନ କରି କିଭଳି ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ହେବ ସେହି ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ୧୯- ଆସ୍କା ଲୋକସଭା, ୧୨୮ ଆସ୍କା, ୧୨୯ ସୋରଡି, ୧୩୦- ସାନଖେମୁଣ୍ଡି, ୧୨୪ - ପୋଲସରା, ୧୨୫- କବିସୂର୍ଯ୍ୟନଗର, ୧୨୬- ଖଲ୍ଲିକୋଟ, ୧୩୧ ହିଞ୍ଜିଳି ବିଧାନସଭା ଗୁଡିକର ମତଦାନ ଚଳିତମାସ ୨୦ ତାରିଖରେ ଅନୁଷ୍ଠିତ ହେବ । ଏହି ନିର୍ବାଚନର ସମସ୍ତ ଦିଗ ପ୍ରତି ନଜର ରଖିବା ଓ ପରିଚାଳନା ତୃଟିଶୂନ୍ୟ ରହିବ ସେଥିପାଇଁ ଭାରତୀୟ ନିର୍ବାଚନ କମିଶନର ବିଭିନ୍ନ ପର୍ଯ୍ୟବେକ୍ଷକ ମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ଏହି ସମସ୍ତ ଅଞ୍ଚଳର ନିର୍ବାଚନ ସକାଶେ ସାଧାରଣ ପର୍ଯ୍ୟବେକ୍ଷକ ହରି ମୋହନ ମୀନା ଭା.ପ୍ର.ସେ. ଯୋଗାଯୋଗ ନଂ- ୭୦୦୮୫୦୭୨୦୬ ସାଧାରଣ ପର୍ଯ୍ୟବେକ୍ଷକ ଡା. ଆର୍ଥୀ ଏମ୍. ଭା.ପ୍ର.ସେ. ଯୋଗାଯୋଗ ନଂ-୮୨୪୯୭୧୨୪୬୫, ପୋଲିସ୍ ପର୍ଯ୍ୟବେକ୍ଷକ ରାଗସୁଦ୍ଧା ଆର୍. ଆଇ.ପି.ଏସ୍. ଯୋଗାଯୋଗ ନଂ- ୭୦୦୮୫୧୨୩୦୬, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଜି. ଇଲାମୁରୁଗୁ, ଆଇ.ଆର୍.ଏସ୍. ଯୋଗାଯୋଗ ନଂ- ୯୬୯୨୫୨୯୬୪୨, ଖର୍ଚ୍ଚ ପର୍ଯ୍ୟବେକ୍ଷକ ମନୀଷ ଦୁଦପୁରୀ ଯୋଗାଯୋଗ ନଂ-୯୬୯୨୫୪୫୯୯୭ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁନୀଲ କିଶାନ୍ ଆଗୱାନୀ, ଆଇ.ଆର୍.ଏସ୍. ଯୋଗାଯୋଗ ନଂ - ୯୬୯୨୫୪୨୭୩୯ ପ୍ରଦାନ କରାଯାଇଛି। କୌଣସି ପ୍ରାର୍ଥୀ କିମ୍ବା ତାଙ୍କ ପ୍ରତିନିଧି ତଥା ଜନସାଧାରଣ ନିର୍ବାଚନ ସମ୍ବନ୍ଧୀୟ ଅଭିଯୋଗ ଗୁଡିକ ସଂପୃକ୍ତ ପର୍ଯ୍ୟବେକ୍ଷକଙ୍କୁ ଫୋନ୍ କରି ସିଧାସଳଖ ଜଣାଇପାରିବେ ବୋଲି ପର୍ଯ୍ୟବେକ୍ଷକଗଣ ମତ ଦେଇଥିଲେ । ରାଜନୈତିକ ଦଳ ଆଦର୍ଶ ଆଚରଣବିଧିର ଅନୁପାଳନ କରି ନିର୍ବାଚନ ଲଢିବାକୁ କୁହାଯାଇଥିଲା। ପ୍ରାର୍ଥୀମାନେ ନିଜର ପ୍ରଚାର ପ୍ରସାର କରିବା ନିମନ୍ତେ ବିଭିନ୍ନ ପୋଷ୍ଟର ହୋର୍ଡିଂ, ଖବରକାଗଜ, ବୈଦ୍ୟୁତିକ ଗଣମାଧ୍ୟମ, ସୋସିଆଲ ମିଡିଆରେ ଯାହା ଖର୍ଚ୍ଚ କରୁଛନ୍ତି ତାହା ନିର୍ଦ୍ଧାରିତ ଖର୍ଚ୍ଚ ତାଲିକାରେ ଜଣାଇବାକୁ କୁହାଯାଇଛି । ପ୍ରାର୍ଥୀଗଣ ନିର୍ବାଚନରେ ବ୍ୟବହାର କରୁଥିବା ଯାନବାହନ ଗୁଡିକର ଅନୁମତି ପତ୍ର ଗ୍ରହଣ କରି ସେଗୁଡିକ ସଂପୃକ୍ତ ଯାନବାହନରେ ଦର୍ଶାଇବାକୁ କୁହାଯାଇଛି । ଦୈନିକ ନିର୍ବାଚନ ଖର୍ଚ୍ଚ ନିମନ୍ତେ ସ୍ୱତନ୍ତ୍ର ବ୍ୟାଙ୍କ ଖାତା ଖୋଲି ସେଥିରେ ପରିଚାଳନା କରିବାକୁ କୁହାଯାଇଛି । ନିର୍ବାଚନ ଆଇନ୍ ୧୯୫୧ ସେକ୍ସନ ୧୨୭କ ପ୍ରକାରେ ପ୍ରଚାର ନିମନ୍ତେ ଯାହାବି ପାଉଛନ୍ତି ତାହାର ତଥ୍ୟ ସଂପୃକ୍ତ ଅଧିକାରୀଙ୍କ ଠାରେ ପ୍ରଦାନ କରିବା ସକାଶେ କୁହାଯାଇଛି। କୌଣସି ବୁଥରେ ବିଶୃଙ୍ଖଳା ପରିସ୍ଥିତି ଦେଖାଯିବାର ସମ୍ଭାବନା ଯଦି ଥାଏ କିମ୍ବା କୌଣସି ଖଳ ପ୍ରକୃତିର ବ୍ୟକ୍ତି କିଛି ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିବାର ସମ୍ଭାବନା ରହିଥିଲେ ତାହା ପୂର୍ବରୁ ସଂପୃକ୍ତ ଅଞ୍ଚଳର ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି। ଯଦ୍ୱାରା ଉକ୍ତ ବୁଥ୍ର ବ୍ୟବସ୍ଥାକୁ କଡାକଡି କରାଯିବ ବୋଲି ପର୍ଯ୍ୟବେକ୍ଷକଗଣ ମତ ଦେଇଥିଲେ। ଆଇନ୍ କାନୁନ୍ ହାତକୁ ନନେଇ ନିର୍ବାଚନ ଯେପରି ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେବ ସେହି ଦିଗ ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଥିଲା ।

# ଗୋପାଳପୁର ନିର୍ବାଚନୀମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ପାଣ୍ଡିଆନଙ୍କ ପ୍ରଚାର



ବ୍ରହ୍ମପୁର, (ସବ୍ୟୁ): ସୋମବାର ଦିନ ବିଜେଡି ଷ୍ଟାର ପ୍ରଚାରକ ଭିକେ ପାଣ୍ଡିଆନ ରୋଡ ଶୋ କରିଛନ୍ତି । ଗୋପାଳପୁର ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମପୁର ମହାନଗର ନିଗମର ୩୭, ୩୮ ନମ୍ବରରେ ରୋଡ୍ ଶୋ କରିବା ସହ ଭୋଟରଙ୍କୁ ଉଦବୋଧନ ଦେଇଥିଲେ। ଏହି ପରିପକ୍ଷରେ ସାଂସଦ ପାର୍ଥୀ ଭୃଗୁ ବକ୍ସିପତ୍ର ଓ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ପାଣ୍ଡିଆନଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ। ପ୍ରଥମେ ପାଣ୍ଡିଆନ ଗୋପାଳପୁର ଠାରେ ପହଞ୍ଚି ସେଠାରେ ଉଦବୋଧନ ଦେବା ସହ ରୋଡ ଶୋ କରିଥିଲେ । ପରେ ସେଠାରୁ ବ୍ରହ୍ମପୁର ସ୍ଥିତ ଲାଞ୍ଜିପୋଲେ ଗାଈଗୋଠ ପଡ଼ିଆରେ ପହଞ୍ଚିଥିଲେ । ସେଠାରେ ହଜାର ହଜାର ସମର୍ଥନଙ୍କୁ ନବୀନ ସରକାରଙ୍କ ଜନହିତ ଯୋଜନା ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। ଏହାପରେ ସେ ଲୋଚପଡ଼ା ମା ଦାଣ୍ଡ କାଳୀ ମନ୍ଦିର ନିକଟରେ ପହଞ୍ଚି ସଭାସ୍ଥଳକୁ ଯାଇ ଲୋକମାନଙ୍କୁ କହିଥିଲେ ଯେ ଦୁଇଜଣ ପ୍ରାର୍ଥୀ ହେଉଛନ୍ତି ସବୁଠାରୁ ଉଚ୍ଚ ଶିକ୍ଷିତ ଓ ହୃଦୟମାନ ବ୍ୟକ୍ତି ସେଥି ପାଇଁ ଆମେ ସମସ୍ତେ ମିଳି ମିଶି କିପରି ଜିତାଇବା ତାହା ଆଜି ଆମେ ସଂକଳ୍ପ ନେବା।

## ପୋଲିସର ଫ୍ଲାଗମାର୍ଚ୍ଚ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଥାନା ଅନ୍ତର୍ଗତ ବଡ଼ମାଧପୁର ଓ ଗୋବା ଗ୍ରାମରେ ଛତ୍ରପୁର ଥାନା ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଏସପି ଜଗମୋହନ ମିନାଙ୍କ ନିର୍ଦ୍ଦେଶ କ୍ରମେ ଛତ୍ରପୁର ଥାନା ଅଧିକାରୀ ନିରୋଦ କୁମାର ଦାଶଙ୍କ ନେତୃତ୍ୱରେ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ଏଥିରେ ସାମିଲ ହୋଇ ଚଳିତ ସାଧାରଣ ନିର୍ବାଚନକୁ ସୁରୁଖୁରରେ ସମ୍ପାଦନ କରିବା ପାଇଁ ଲୋକଙ୍କୁ ସଚେତନତା କରିଥିଲେ ।

# ହିଞ୍ଜିଳିରେ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

ହିଞ୍ଜିଳିକାଟୁ, (ସବ୍ୟୁ): ଆସିକା ସଂସଦୀୟ କ୍ଷେତ୍ର ଅଧିନସ୍ଥ ୭ଟି ବିଧାନସଭା ଆସନ ସକାଶେ ଚଳିତ ମାସ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ୨ୟ ପର୍ଯ୍ୟାୟ ମତଦାନ ସକାଶେ ଆହୁରି ୧୨ ଦିନ ବାକି ରହିଛି। ଅଦ୍ୟାବଧି ବିଭିନ୍ନ ପ୍ରାର୍ଥୀଙ୍କ ପକ୍ଷରୁ ନିର୍ବାଚନ ପ୍ରଚାର ଜମିନଥିବା ବେଳେ ବିଜୁ ଜନତା ଦଳ ସର୍ବପ୍ରଥମେ ପ୍ରଚାରକୁ ପ୍ରଭାବି ଢଙ୍ଗରେ ଆରମ୍ଭ କରିଛି । ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖନାଦ ଫୁଙ୍କି ନିର୍ବାଚନ ବିଗୁଲ ଶୁଭାରମ୍ଭ କରିଥିବା ବେଳେ ଏଯାବତ୍ ଅନ୍ୟାନ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ସରଗରମ ହୋଇ ପାରିନାହିଁ । ବିଜେଡି ଏକ୍ଷେତ୍ରରେ ଷ୍ଟାର ପ୍ରଚାରକ ମାନଙ୍କୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ଶାଣିତ ଢଙ୍ଗରେ ବିରୋଧୀଙ୍କୁ ଟାର୍ଗେଟ କରି ମାରାଥନ ପ୍ରଚାର ଆରମ୍ଭ କରିଛି। ଏପ୍ରିଲ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି ଓ ଶେରଗଡ ଗସ୍ତ କରି ପ୍ରଚାର ଶୁଭାରମ୍ଭ କରିଥିବା ବେଳେ ମଙ୍ଗଳବାର ବିଜେଡିର ଷ୍ଟାର କ୍ୟାମ୍ପେନର ତଥା ଆମ ଓଡିଶା- ନବୀନ ଓଡିଶା ଅଧକ୍ଷ ଭି.କେ. ପାଣ୍ଡିଆନ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନକୁ ତୋଫାନୀ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଓ ଆସିକା ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁଙ୍କ ପାଇଁ ମାରାଥନ ପ୍ରଚାର କରିଛନ୍ତି ।

ମଙ୍ଗଳବାର ଅପରାହ୍ନରେ ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ନିକଟସ୍ଥ ମେଘମାଳ ତୋଟା ପଡିଆରେ ନିର୍ମୀତ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ତାଙ୍କୁ ଦଳୀୟ କର୍ମୀ ସମ୍ବର୍ଦ୍ଧନା ଦେଇଥିଲେ । ସେଠାରୁ ସିଧାସଳଖ ଆସି ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକ ଛକରେ ବିଜୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେଠାରୁ ସେ ଆଙ୍କୋରଡା, ଗୋପବନ୍ଧୁ ମାର୍ଗ ଦେଇ ଜଗନ୍ନାଥ ମାର୍ଗରେ ଆୟୋଜିତ ସାଧାରଣ ସଭାରେ ଅଭିଭାଷଣ ପ୍ରଦାନ କରିଥିଲେ । ନିଜ ବକ୍ତବ୍ୟରେ ସେ, ହିଞ୍ଜିଳିରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ରୂପାନ୍ତରଣ ସର୍ବପ୍ରଥମେ ଆରମ୍ଭ ହୋଇଥିଲା ବୋଲି ଉଦବୋଧନ ଦେଇଥିଲେ। ହିଞ୍ଜିଳିକୁ ମୁଖ୍ୟମନ୍ତ୍ରୀ ବିକାଶ ଲାଗି ସବୁବେଳେ ପ୍ରାଥମିକତା ଦେଇ ଆସୁଛନ୍ତି। ବିକାଶ କ୍ଷେତ୍ରରେ ହିଞ୍ଜିଳି୧ନଂ ହେବା ସହିତ ପୌର ପରିଷଦ ମଧ୍ୟ ୧ନଂ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆଶା ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆସିକା ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁଙ୍କ ପାଇଁ ଗୋଟିଏ ଗୋଟିଏ ଭୋଟ ଅତି ମୁଲ୍ୟବାନ। ଏଣୁ ଖରା, ବର୍ଷାକୁ ଭୃକ୍ଷେପ ନକରି ନିଜର ବହୁ ମୁଲ୍ୟ ଭୋଟକୁ ଯୋଡିଶଙ୍ଖରେ ମତଦାନ କରି ବିଧାୟକ ପ୍ରାର୍ଥୀ ନବୀନ ପଟ୍ଟନାୟକ ଓ ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁଙ୍କୁ ରେକର୍ଡ ସଂଖ୍ୟକ ଭୋଟରେ ବିଜୟୀ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ସେଠାରୁ ସେ ରେଗିଡି ସାହି, ନୂଆଁଗଡ, ବ୍ଲକ ଛକ, ହିଞ୍ଜିଳି କାଳୀ ମନ୍ଦିର ଛକ, ରାଧାକୃଷ୍ଣ ନଗର, ସାନ ସାହି ଓ ତରାତରିଣୀ ରାସ୍ତାରେ ଯାଇ ସିକିରି ଓ ରାଳବ ଛକରେ ପହଞ୍ଚି ଶାସନଆମ୍ବଗାଁରେ ଆୟୋଜିତ ସାଧାରଣ ସଭାରେ ନିର୍ବାଚନ ପ୍ରଚାର କରିଥିଲେ । ସେଠାରୁ ଫେରି ନନ୍ଦିକ ଛକ, ବାଳକୃଷ୍ଣପୁର ଗସ୍ତ କରି ଡି.ପାଟପୁର ଠାରେ ଏକ ନିର୍ବାଚନୀ ସଭାରେ ଉଦବୋଧନ ଦେଇଥିଲେ। ପରେ ବେଲଗାଁ, ଗଣ୍ଡଳା, ପଳାସି, ଦୁର୍ବନ୍ଧ ଓ କଞ୍ଚୁରୁ ଗସ୍ତ କରି ସମରଝୋଳ ଛକ ଠାରେ ଆୟୋଜିତ ସାଧାରଣ ସଭାରେ ନିର୍ବାଚନ ପ୍ରଚାର କରିବା ସହ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀନୀଙ୍କୁ ବିପୁଳ ସଂଖ୍ୟକ ଭୋଟ ଦେଇ ବିଜୟୀ କରାଇବା ପାଇଁ ନିବେଦନ କରିଥିଲେ। ବିଜେଡିର ଷ୍ଟାର କ୍ୟାମ୍ପେନର ତଥା ଆମ ଓଡିଶା- ନବୀନ ଓଡିଶା ଅଧକ୍ଷ ଭି.କେ. ପାଣ୍ଡିଆନ ହିଞ୍ଜିଳି ଗସ୍ତ ସମୟରେ ୩ଟି ସାଧାରଣ ସଭା ଓ ୧୯ଟି ରୋଡ୍ ସୋ ରେ ଅଂଶ ଗ୍ରହଣ କରିଥିଲେ । ପାଣ୍ଡିଆନଙ୍କୁ ରାସ୍ତାର ଉଭୟ ପ୍ରାର୍ଶ୍ୱରେ ହଜାର ହଜାର ମହିଳା, ପୁରୁଷ, ଯୁବ ଓ ଦଳୀୟ କର୍ମୀ ଉପସ୍ଥିତ ରହି ବାଦ୍ୟବାଜଣା, ଶଙ୍ଖ, ହୁଳହୁଳି ଓ ପୁଷ୍ପବୃଷ୍ଟି କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଉତ୍ତରୀୟ ପ୍ରଦାନ କରିଥିଲେ ।

# ବିଜେପି ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର



ବ୍ରହ୍ମପୁର, (ସବ୍ୟୁ) : ଆଜି ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଶ୍ରୀ କେ.ଅନିଲ କୁମାର ନିର୍ବାଚନ ପ୍ରଚାର୍‌କୁ ଜୋର୍‌ଦାର୍ କରି ସହରର ବାଲାଜୀ ପେଣ୍ଠ ସାହି, ଚନ୍ଦ୍ରମା ସାହି, ମୁକ୍ତିପଥ ସାହି, ହାତୀବନ୍ଧ ସାହି, ଅରବିନ୍ଦ ନଗର, ରାମକୃଷ୍ଣ ନଗର, ବଡ଼ ଖେମୁଣ୍ଡି ସାହି, ଗୋଦାବରୀଶ ନଗର ପ୍ରଭୃତିରେ ବ୍ୟାପକ ପ୍ରଚାର କରିଥିଲେ। ଲୋକଙ୍କୁ ପଚିଶ ବର୍ଷର ସ୍ଥାଣୁ ଓ ଦୁର୍ନିତି ଗସ୍ତ ସରକରକୁ ହଟାଇବା ପାଇଁ ନିବେଦନ କରିଥିଲେ। ବିଭିନ୍ନ ପଥପ୍ରାନ୍ତ ସଭାରେ ଅନିଲ କୁମାର କହିଛନ୍ତି ସେ ବିଜୟୀ ହେଲେ ସହରର ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ତାଙ୍କର ପ୍ରାଥମିକତା ହେବ। ସହରରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗରେ ଶିକ୍ଷକ ନାହାଁନ୍ତି । ବଡ ମେଡିକାଲ ଓ ସିଟି ହସ୍ପିଟାଲ୍ କଥା ନକହିବା ଭଲ । ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ, ଏହି ସବୁର ସୁଧାର ଆଣିବା ପାଇଁ ବିଜେପିକୁ ଭୋଟ ଦେବାପାଇଁ କେ . ଅନିଲ କୁମାର ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିତବାସ ପଣ୍ଡା, ଶରତ ପଟ୍ଟନାୟକ, ଅଶୋକ ଶୁକ୍ଲ, ବଦ୍ରି ନାୟକ, ଟୁଙ୍କ ପାତ୍ର, ସଞ୍ଜୟ ମିଶ୍ର, ଏମ. ଜଗଦୀଶ ରାଓ, ରଘୁନାଥ ପାଣିଗ୍ରାହୀ, ଅନିଲ ପଣ୍ଡା, ଜୁବୁଲି ଆଚାର୍ଯ୍ୟ, ସଞ୍ଜୟ ଜେନା, ମନିତା ଦାସ, ବର୍ଷା ବିଦୁସ୍ମିତା, ଡୁଡୁନ ପାତ୍ର, ପ୍ରଦୀପ ମିଶ୍ର, କମଳ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଏନ୍ଏସିରେ ବିଜେଡିର ପ୍ରଚାର ଜୋରଦାର

ବୁଗୁଡା, (ସବ୍ୟୁ): ସାଧାରଣ ନିର୍ବାଚନର ୫ମ ପର୍ଯ୍ୟାୟରେ ଆସନ୍ତା ମେ ୨୦ ତାରିଖ ଦିନ ଆସ୍କା ଲୋକସଭା ଏବଂ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହେବାକୁ ଯାଉଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ବୁଗୁଡା ଏନ୍ଏସିରେ ଜୋରଦାର ପ୍ରଚାର ଦେଖିବାକୁ ମିଳିଛି। ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରାଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲରମାନଙ୍କ ଦଳୀୟ କର୍ମୀଙ୍କ ଗହଣରେ ବିଭିନ୍ନ ୱାର୍ଡର ପ୍ରତ୍ୟେକ ସାହିରେ ବୁଲି ଘରକୁ ଘର ଯାଇ ଭୋଟରଙ୍କୁ ପୋଲସରା ବିଧାନସଭା ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ଏବଂ ଆସ୍କା ଲୋକସଭା ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରୁଛନ୍ତି । ସ୍ଥାନୀୟ ବଳଦେବ ମନ୍ଦିରରେ ପୂଜାର୍ଚ୍ଚନା ପରେ ପ୍ରଚାର କାର୍ଯ୍ୟର ଶୁଭାରମ୍ଭ କରି କାଦପଡା, ବାଗଦେବୀ ସାହି, ଓଡ଼ିଆ ସାହି, ରଘୁନାଥ ସାହି, କାର୍ଜି ସାହି, ଯାଦବ ସାହି, ପଥୁରିଆ ସାହି, ନୂଆଁ ସାହି, ଖଦାଳ ସାହି, ଅନ୍ଧାରିଆ ସାହି, ଟୁଣୁଟୁଣିଆ ସାହି, ଯାଦବ ସାହି, ନେଳିଆ ବନ୍ଧ ସାହି, ନବଗୁଞ୍ଜର ସାହି ବ୍ଲକ କଲୋନୀ, ମହୁଲିଆ ତୋଟା ସାହି ସମେତ ଅନ୍ୟ ସାହିଗୁଡ଼ିକୁ ପରିକ୍ରମା କରି ଭୋଟରଙ୍କୁ ଭୋଟଦାନ ନିମନ୍ତେ ନିବେଦନ କରୁଥିବା ଦେଖିବାକୁ ମିଳିଛି।

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ, ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

# ନିର୍ବାଚନ ଖର୍ଚ୍ଚ ପରିଚାଳନା ଦିଗରେ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ପଦକ୍ଷେପର ତଦାରଖ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାପାଳଙ୍କ ସଭାକକ୍ଷ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୟୂରଭଞ୍ଜ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନେହା, ବିକ୍ରମ ଏ ଦୋଡ୍ଡମଣୀ(ଆଇଡିଏଏସ) ଓ ବିନୋଦ ସି(ଆଇଏଏଣ୍ଡଏସ ), ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଉପସ୍ଥିତିରେ ସାମୂହିକ ଭାବେ ଅଧକ୍ଷତା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ସିନ୍ଧେଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ବଡ଼ସାହି ଏବିଡିଓ ଶରତ ଚନ୍ଦ୍ର ମହାନ୍ତି ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ନିର୍ବାଚନ ଖର୍ଚ୍ଚର ସୁପରିଚାଳନା ସମ୍ବନ୍ଧରେ ଜିଲ୍ଲକ୍ଷରେ କାର୍ଯ୍ୟକାରୀ ହେଉଥିବା ପଦକ୍ଷେପ ଉପରେ ବିଶଦ ଭାବେ ଉପସ୍ଥାପନ କରିଥିଲେ । ଖର୍ଚ୍ଚ ପର୍ଯ୍ୟବେକ୍ଷକ ବିଶେଷ କରି ମତଦାନ ନିମନ୍ତେ ଭୋଟର ଙ୍କ ସୁବିଧା, ବୁଥ ଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ,ନିର୍ବାଚନ ଖର୍ଚ୍ଚ ପରିଚାଳନା, ସିଭିଜିଲ ରିପୋର୍ଟ, ଏମସିଏମସି ରିପୋର୍ଟ, ପୋଷ୍ଟାଲ ବାଲାଟ, ହୋମ ଭୋଟିଂ, ସମ୍ବେଦନଶିଳ ବୁଥ, ପୋଲିସ ମୁତୟନ, ଆବଶ୍ୟକ ପୋଲିସ ଫୋର୍ସ, ଫ୍ଲାଇଙ୍ଗ ସ୍କ୍ୱାଡ଼, ଏସଏସଟି, ସିଜିଏସଟି ବିଭାଗ, ଆୟକର ବିଭାଗ, ବ୍ୟାଙ୍କ କର୍ତୃପକ୍ଷ ପୋଲିସ ଟିମ୍ ଓ ଅବକାରୀ ବିଭାଗ ଦ୍ୱାରା କି କି ପଦକ୍ଷେପ ନିଆଯାଉଛି ସେ ବିଷୟରେ ପଚାରି ବୁଝିଥିଲେ ଏବଂ ବିଭାଗୀୟ ସମନ୍ୱୟ ଓ ମିଳିତ ଉଦ୍ୟମରେ ହିଁ ନିର୍ବାଚନ କାର୍ଯ୍ୟ ସଫଳ ହେବ ବୋଲି ଆଶା ବ୍ୟକ୍ତ କରିବା ସହ ସମ୍ପୃକ୍ତ ଅଧିକାରୀ ଓ ଟିମ କୁ ତତ୍ପର ରହିବା ପାଇଁ ପରାମର୍ଶ ଦେଇଥିଲେ। ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଆସିଲେ ତୁରନ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନଜରକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ । ମୟୂରଭଞ୍ଜ ଜିଲ୍ଲାର ନିର୍ବାଚନ ପରିଚାଳନା ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିବା ସହ ଚଳିତ ମାସ ୨୫ ତାରିଖରେ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ଏବଂ ୧ତାରିଖରେ ଅନ୍ୟ ୮ଟି ନିର୍ବାଚନ ମଣ୍ଡଳୀ ମାନଙ୍କରେ ହେବାକୁ ଥିବା ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରିଟର୍ଣ୍ଣିଙ୍ଗ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉଦୟ କୁମାର ମହାପାତ୍ର, ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ମହାରଣା, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର, ଏଲଡିଏମ ଶିବ ପ୍ରସାଦ ଚୌଧୁରୀ, ଡେପୁଟି କଲେକ୍ଟର ବସୁନ୍ଧରା ଭିତିରିଆ, ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ, ଡେପୁଟି କଲେକ୍ଟର ଡଃ ଶୁଭଙ୍କରୀ ଦାଶ, ଡେପୁଟି କଲେକ୍ଟର (ନିର୍ବାଚନ) ଦୁର୍ଗାଚରଣ ମୁର୍ମୁ ଓ ଉପଖଣ୍ଡ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାଇରଙ୍ଗପୁର ବିକାଶ ମହାନ୍ତି ଓ ସମସ୍ତ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରିମ୍ସରେ ଅବନ୍ତିକା-୨୦୨୪




କଟକ, (ସ୍ୱପ୍ର) : ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ମ୍ୟାନେଜେମେଣ୍ଟ ଓ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍ ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ସମାରୋହ ଅବନ୍ତିକା -୨୦୨୪ ଅନୁଷ୍ଠିତ ହୋଇଯାଇଛି । ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବକୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଉଦଘାଟନ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଛାତ୍ରଛାତ୍ରୀ ନିଜ ପ୍ରତିଭା ପ୍ରଦର୍ଶନ ଦ୍ୱାରା ଶିକ୍ଷାନୁଷ୍ଠାନଗୌରବ ବୃଦ୍ଧି କରିବେ ବୋଲି ଆଶା ବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀ ଆଗକୁ ବଢିବାର ସୁଯୋଗ ପାଇବେ ବୋଲି ଅଶାପୋଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ପ୍ରାଧ୍ୟାପକ ଡ. ହିମାଂଶୁ ଭୂଷଣ ଗୋଛାୟତ, ସୁଦୀପ କୁମାର ଭାରତୀ, ସବ୍ୟସାଚୀ ବାରିକ, ନିହାର ରଂଜନ ସ୍ୱାଇଁ, ଶିବ ଚରଣ ବାରିକ, ବିଶ୍ୱ ରଂଜନ ଜିତ୍, ଚନ୍ଦନ କୁମାର ବାରିକ, ଦୁର୍ଗା ପ୍ରସାଦ ନାୟକ,ପ୍ରାଧ୍ୟାପିକା ବର୍ଷା ପଣ୍ଡା, ବିକଶିତା ମହାନ୍ତି, ସୁକନ୍ୟା ନିଶିଗନ୍ଧା ବିଶ୍ୱାଳ, ସଚିବ ସୁଧାଂଶୁ ଭୂଷଣ କର ଏବଂ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖକ ଉପସ୍ଥିତ ଥିଲେ । ଏହି ଅବସରରେ ବାର୍ଷିକ ମୁଖପତ୍ର ଉନ୍ମୋଚନ ସହିତ ବିବିଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ପ୍ରାଧ୍ୟାପିକା ଡ. ପ୍ରଣିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଂସଦ ପ୍ରାର୍ଥିନୀ ରାଜଶ୍ରୀ, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରମାକାନ୍ତଙ୍କ ନାମାଙ୍କନପତ୍ର ଦାଖଲ





ଜଗତସିଂହପୁର, (ସବ୍ୟୁ) : ଆଜି ବିଜୁ ଜନତା ଦଳ ପକ୍ଷରୁ ୨୧- ଜଗତସିଂହପୁର ସଂରକ୍ଷୀତ ସଂସଦୀୟ କ୍ଷେତ୍ରରୁ ସାଂସଦ ପ୍ରାର୍ଥୀନୀ ଭାବରେ ଡାକ୍ତର ରାଜଶ୍ରୀ ମଲ୍ଲିକ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି ।ସେହିପରି ୧୦୨ - ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଭାବରେ ରମାକାନ୍ତ ଭୋଇ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି ।ଆଜି ସକାଳେ ଉଭୟ ପ୍ରାର୍ଥୀ ଜିଲ୍ଲାର ଆରାଧ ତଥା ଅଧିଷ୍ଠାତ୍ରୀ ଦେବୀ ଝଙ୍କଡ ସ୍ଥିତ ମା ଶାରଳାଙ୍କ ମନ୍ଦିରରେ ପହଞ୍ଚିଥିଲେ ।ମନ୍ଦିରରେ ପୂଜାର୍ଚ୍ଚନା ସମାପ୍ତ ହେବା ପରେ ଏକ ବିରାଟ ବାଇକ ଶୋଭାଯାତ୍ରାରେ ବିରିଡି,ରଘୁନାଥପୁର ଓ ତିର୍ତ୍ତୋଲର ହଜାର ହଜାର ସମର୍ଥକମାନଙ୍କ ସହିତ ସାରଳା ମନ୍ଦିର,ସରଣୀ ଛକ ଦେଇ ଜୟପୁର ନିକଟରେ ପହଞ୍ଚିଥିଲେ ।ସେଠାରୁ ତିନି ବ୍ଲକର ସମର୍ଥକମାନଙ୍କ ସହିତ ଶୋଭାଯାତ୍ରାରେ ଉଭୟ ପ୍ରାର୍ଥୀ ଜଗତସିଂହପୁର ସହରରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ ।ସାଂସଦ ପ୍ରାର୍ଥୀନୀ ରାଜଶ୍ରୀ ମଲ୍ଲିକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନୁପମ ସାହାଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ବେଳେ ତିର୍ତ୍ତୋଲ ସଂରକ୍ଷୀତ ବିଧାନ ସଭା ଆସନ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରାଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ ।

## ରାସ୍ତା ତାଡ଼ି ମାଟି ନେଇଗଲେ

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ତହସିଲ ଅନ୍ତର୍ଗତ ଝାଡେଶ୍ୱରପୁର ରାଜସ୍ୱ ନିରୀକ୍ଷକଙ୍କ ଅଧିନସ୍ଥ ପାଣ୍ଡିଆ ଗ୍ରାମର ମିଶ୍ରସାହିକୁ ସଂଯୋଗ କରୁଥିବା ସରକାରୀ ରାସ୍ତା ପ୍ଲଟ ନଂ ୪୮୪କୁ ଗତ ସୋମବାର ଦିନ ସ୍ଥାନୀୟ ଅଂଚଳର ମାଟି ବେପାରୀ ଜେସିବି ଲଗାଇ ଟ୍ରାକ୍ଟର ଯୋଗେ ମାଟି ତାଡି ନେଇଥିବା ଅଭିଯୋଗ ସ୍ଥାନୀୟ ଅଂଚଳର ରାଜକିଶୋର ମିଶ୍ର କରିଛନ୍ତି । ସୂଚନା ମୁତାବକ ଶ୍ରୀ ମିଶ୍ର ପ୍ରଥମେ ଭଦ୍ରେଶ୍ୱର ଗ୍ରାମ ପଂଚାୟତର ସରପଂଚ, ମାହାଙ୍ଗା ତହସିଲଦାର, ଝାଡେଶ୍ୱରପୁର ରାଜସ୍ୱ ନିରୀକ୍ଷକ ଏପରିକି ଖଣିଜ ବିଭାଗର ଅଧିକାରୀଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ଜିନ୍ଦଲଙ୍କୁ ଆପେକ୍ସ ଇଣ୍ଡିଆ ଏକ୍ସେଲେନ୍ସିର ପ୍ଲାଟିନମ୍ ପୁରସ୍କାର

ବ୍ୟାସନଗର, (ଜିପ୍ର) : ଜିନ୍ଦଲ ଷ୍ଟିଲ୍ କଳିଙ୍ଗନଗରକୁ ୨୦୨୩ ବର୍ଷ ପାଇଁ ଆପେକ୍ସ ଇଣ୍ଡିଆ ଫାଉଣ୍ଡେସନ ତରଫରୁ ପ୍ଲାଟିନମ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ଆପେକ୍ସ ଇଣ୍ଡିଆ ଫାଉଣ୍ଡେସନ ଦ୍ୱାରା ନୂଆଦିଲ୍ଲୀ ସ୍ଥିତ ହୋଟେଲ ଶାଙ୍ଗରୀଲା ଏରୋସରେ ୮ମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେଅତିଥି ଭାବେ ଡିଫେନ୍ସ ଏକ୍ସପର୍ଟ ଅଫ୍ ଇଣ୍ଡିଆ, ପି.କେ ସିଂହଲ (ମେଜର ଜେନରାଲ ଇଣ୍ଡିଆନ ଆର୍ମି ), ଡଃ ଅବନେଶ ସିଂ, ମହାନିର୍ଦ୍ଦେଶକ, କାରଖାନା ପରାମର୍ଶ ସେବା ଏବଂ ଶ୍ରମ ପ୍ରତିଷ୍ଠାନଗୁଡ଼ିକର ନିର୍ଦ୍ଦେଶାଳୟ ଜେନେରାଲ୍, ଭାରତ ସରକାର ଏବଂ ଆପେକ୍ସ ଇଣ୍ଡିଆ ଫାଉଣ୍ଡେସନର ଫାଉଣ୍ଡର କୁଳଦୀପ



ସିଂହଙ୍କ ଦ୍ୱାରା ଜିନ୍ଦଲ ଷ୍ଟେନଲେସ ଯାଜପୁରକୁ ମେଟାଲ୍ ଏବଂ ମାଇନିଂ କ୍ଷେତ୍ରରେ ଦେଶର ସର୍ବୋଚ୍ଚ ଆପେକ୍ସ ଇଣ୍ଡିଆ ଏକ୍ସେଲେନ୍ସିର ପ୍ଲାଟିନମ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଜିନ୍ଦଲ ଷ୍ଟେନଲେସ ଯାଜପୁରର ସୁରକ୍ଷା ବିଭାଗ ଗତ ୩ ବର୍ଷ ଧରି ଶୂନ୍ୟ ଦୁର୍ଘଟଣା ସହ ଉତମ ସୁରକ୍ଷା ମାନଦଣ୍ଡ ପାଳନ କରିଆସୁଥିବାରୁ ଜିନ୍ଦଲକୁ ପ୍ରାୟ ସର୍ବମୋଟ ୧୦ ଗୋଟି ସୁରକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ତନ୍ମଧ୍ୟରୁ ଆନ୍ତର୍ଜାତୀୟ ବ୍ରିଟିଶ ସୁରକ୍ଷା ପରିଷଦ ପୁରସ୍କାର, କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି ପୁରସ୍କାର ସହ ରାଜ୍ୟର ସର୍ବଶ୍ରେଷ୍ଠ କଳିଙ୍ଗ ନିରାପତା ଉତ୍କର୍ଷ ପୁରସ୍କାର ଅନ୍ତର୍ଭୁକ୍ତ ଅଟେ। ୧୦ ଗୋଟି ଶ୍ରେଷ୍ଠ ସୁରକ୍ଷା ସମ୍ମାନ ମିଳିଥିବାରୁ ଜିନ୍ଦଲ ଷ୍ଟେନଲେସ ସୁରକ୍ଷା ବିଭାଗର ମୁଖ୍ୟ ମନୋଜ କୁମାର ବଳ କାରଖାନାର ସମସ୍ତ କର୍ମଚାରୀ ମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଜୀବନ ନେଇଗଲା ଅମାନିଆ ବଳଦ

ରନ୍ଗିରି, (ସବ୍ୟୁ) : ଜନ୍ମ ଥିଲେ ମୃତ୍ୟୁ ଥାଏ । କିନ୍ତୁ ଅସ୍ୱାଭାବିକ ମୃତ୍ୟୁ ଲୋକ ମାନଙ୍କ ମଧ୍ୟରେ ଗଭୀର ଦୁଃଖ ଦେଇଥାଏ। ଏଭଳି ଘଟଣା ଦେଖିବାକୁ ମିଳିଛି ବରୀ ବ୍ଲକ ଅଧିନସ୍ଥ ରମ୍ଭା ପଂଚାୟତ ପଘିରା ଗ୍ରାମରେ । ଏହି ଗ୍ରାମର ଅନୁ ଜେନା (୫୫)ଗତ କାଲି ଚାଷ କାର୍ଯ୍ୟ ସହିତ ନିଜର ଜୀବିକା ନିର୍ବାହ ପାଇଁ ବଳଦ କିଣିଥିଲେ। ଆଜି ସକାଳେ ସେଇ ବଳଦକୁ ଚାଷ କାର୍ଯ୍ୟ ନିମନ୍ତେ ନେବା ସମୟରେ ସେଇ ବଳଦଟି ହଟାତ୍ ଦୌଡିବାରୁ ଅନୁ ଜେନା ଧରିଥିବା ଦୌଡି ତାଙ୍କ ହାତରେ ଛନ୍ଦି ହୋଇଯାଇଥିଲା। ପରବର୍ତ ଅବସ୍ଥାରେ ଛନ୍ଦ ଦୌଡିରେ ଛନ୍ଦି ହୋଇପଡିଥିବା ଅନୁ ଜେନାଙ୍କ ମୁଣ୍ଡ ପଥରରେ ମାଡ ହେବା ଯୋଗୁଁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ପାଟି ଶୁଣି ସ୍ଥାନୀୟ ଲୋକମାନେ ଓ ପରିବାର ସଦସ୍ୟ ଘଟଣା ସ୍ଥଳରେ ପହଂଚିବା ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ଏଭଳି ଏକ ଦୁଃଖଦ ଖବର ପାଇ ଦୁଃଖ ସୁଖର ସାଥୀ ତଥା ବରୀ ନିର୍ବାଚନ ମଣ୍ଡଳିର ବିଜେଡି ପ୍ରାର୍ଥୀ ବିଶ୍ୱ ରଞ୍ଜନ ମଲ୍ଲିକ ଘଟଣା ସ୍ଥଳରେ ପହଂଚି ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହିତ ଆର୍ତିକ ସହାୟତା ପ୍ରଦାନ କରିଥିଲେ। ପ୍ରଭୁ ଜଗନ୍ନାଥ ଏଭଳୀ ଏକ ଦୁଃଖଦ ପୂର୍ଣ୍ଣ ଅବସ୍ଥାରେ ତାଙ୍କ ପରିବାର ସଦସ୍ୟଙ୍କୁ ଧର୍ଯ୍ୟ ଦିଅନ୍ତୁ ବୋଲି ବିଶ୍ୱ ମଲ୍ଲିକ କାମନା କରିଥିଲେ। ଶ୍ରୀ ମଲ୍ଲିକଙ୍କ ସହିତ ଘଟଣା ସ୍ଥଳରେ ସ୍ଥାନୀୟ ସରପଂଚ ମାନସ ଜେନା, ପୂର୍ବତନ ସରପଂଚ ବିଜୟ କିଶୋର ସାହାଣି , ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲିପ ମହାନ୍ତି, ଅଶୋକ ସାମଲ, ଭକ୍ତ ବନ୍ଧୁ ନାୟକ , ଭରତ ସେଠି ପ୍ରମୁଖ ଉପସ୍ଥିତ ଥିଲେ।

## ମଜଦୁର ସଂଘର ବାର୍ଷିକ ସମ୍ମିଳନୀ




ପାରାଦୀପ, (ଜି.ପ୍ର) : ଦେଶର ଅଗ୍ରଣୀ ଶ୍ରମିକ ସଂଗଠନ ଭାରତୀୟ ବନ୍ଦର ମଜଦୁର ସଂଘର ବାର୍ଷିକ ସମ୍ମିଳନୀ ପାରାଦୀପ ମଧୁବନସ୍ଥିତ କାର୍ଯ୍ୟାଳୟ ପରିସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସଂଘର ବନ୍ଦର ପ୍ରଭାରୀ ଚନ୍ଦ୍ରକାନ୍ତ ଆନ୍ନା ଧୂମାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପାରାଦୀପ ବନ୍ଦର ଟ୍ରଷ୍ଟବୋର୍ଡର ସଦସ୍ୟ ତଥା ଭାରତୀୟ ବନ୍ଦର ମଜଦୁର ସଂଘ ପାରାଦୀପର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାୟ ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୁର ମହାସଂଘର ସର୍ବଭାରତୀୟ ସଭାପତି ଭାବେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ । ଏହି ସମ୍ମିଳନୀରେ ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୁର ମହାସଂଘର ସାଧାରଣ ସମ୍ପାଦକ ସୁରେଶ ପାଟିଲ୍, କୋଷାଧକ୍ଷ ସୁଧୀର ଘରାତ ଯୋଗ ଦେଇଥିଲେ। ରାଜ୍ୟ ପ୍ରମୁଖ ବସନ୍ତ ଭାଇ, ଜିଲ୍ଲା ସଭାପତି ଅକ୍ଷୟ ଦାସ, ସାଧାରଣ ସମ୍ପାଦକ ଅବିନାଶ ଦାସ ଉପସ୍ଥିତ ଥିଲେ । ସମ୍ମିଳନୀରେ ପୌରହିତ୍ୟ କରିଥିଲେ ଭାରତୀୟ ବନ୍ଦର ମଜଦୁର ସଂଘ ପାରାଦୀପର ସଭାପତି ରାକେଶ ପଟ୍ଟନାୟକ । ଅତିଥିମାନଙ୍କୁ ଭାରତୀୟ ବନ୍ଦର ମଜଦୁର ସଂଘ ପାରାଦୀପ ଶାଖା ପକ୍ଷରୁ ଉପଢୌକନ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଭବେନ୍ଦ୍ର ଦାଶ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

କୁଆଖିଆ, (ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ବଡ କଇଁଚି ପାଂଚ ଗୋଛିଆ ଗ୍ରାମର ଧର୍ମ ପରାୟଣ ମହିଳା ଜଞ୍ଜାଳି ରଥ(୮୫) ଙ୍କର ପରଲୋକ ହୋଇଯାଇଛି । ସେ ଜଣେ ପରପୋକାରୀ ଧର୍ମପରାୟଣ ମହିଳା ଥିଲେ । ତାଙ୍କ ମୃତ୍ୟୁରେ ଶରତ ରଥ, ତ୍ରିଲୋଚନ ଦାସ, ସୁଚିସ୍ମିତା ଦାସ, ସୁଶିଳା ରଥ, ନିଳମଣୀ ଆଚାର୍ଯ୍ୟ, ଶକୁନ୍ତଳା ରଥ, ବିଜୟ କର, ସୁଶାନ୍ତ ମିଶ୍ର, ଶର୍ମିଳା ରଥ, କେତକୀ ରଥ, ମଦନ ପଣ୍ଡା, ସରୋଜ ରଥ, ଇତିଶ୍ରୀ ଓ ଅନ୍ୟ ପରିବାର ସଦସ୍ୟ ଗ୍ରାମବାସୀ ଶୋକ ପ୍ରକଟ କରିଛନ୍ତି ।

## ଘରେ ପଶି ମହିଳାଙ୍କୁ ଅସଦାଚରଣ

ମହାକାଳପଡ଼ା ,(ସବ୍ୟୁ) : ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଘରେ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କୁ ଏହି ଗ୍ରାମର ଜଣେ ୫୩ ବର୍ଷୀୟ ବ୍ୟକ୍ତି ଘରେ ପଶି ମହିଳାଙ୍କୁ ଅସଦାଚରଣ କରିବା ନେଇ ମହିଳା ଜଣକ ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ମହିଳାଙ୍କ ସ୍ୱାମୀ ପାରାଦ୍ୱୀପ ଶିଳ୍ପାଂଚଳରେ କାମ କରିବା ପାଇଁ ଯାଇଥିଲେ । ୪ ତାରିଖ ଦିନ ପ୍ରାୟ ୧ଟା ବେଳେ ମହିଳା ଜଣକ ଘରେ ବିଶ୍ରାମ ନେଇଥିଲେ । ଏହି ସମୟରେ ବ୍ୟକ୍ତି ଜଣକ ଘରେ ପଶି ମହିଳାଙ୍କୁ ମାଡ଼ି ବସିଥିଲେ । ଏପରିକି ସମ୍ବେଦନଶୀଳ ଅଙ୍ଗରେ ହାତମାରି ତାଙ୍କୁ ଶାରିରୀ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି । ଏ ଘଟଣା ଘଟିବା ପରେ କିଛି ଲୋକ ଘଟଣା ସ୍ଥଳକୁ ଯାଇ ମହିଳାଙ୍କୁ ଧମକ ଚମକ ଦେଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି । ରାତିରେ ଜମ୍ବୁ ଥାନାକୁ ଅଭିଯୋଗ କରିବା ପାଇଁ ଯାଇ ମହିଳା ଜଣକ ଫେରିଥିଲେ । ତେବେ ଥାନାର କର୍ମଚାରୀଙ୍କୁ ନପାଇ ଫେରିଥିବା ନେଇ ମହିଳାଙ୍କ ସ୍ୱାମୀ ପ୍ରକାଶ କରିଛନ୍ତି । ୫ ତାରିଖ ଦିନ ଜମ୍ବୁ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲା । ୫ ତାରିଖରେ ମହିଳାଙ୍କ ଅଭିଯୋଗ ହେବା ଓ ଅଭିଯୋଗର ଦୁଇଦିନ ପରେ ମହିଳା ଜଣଙ୍କୁ ଡାକ୍ତରୀ ମାଇନା କରିବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜମ୍ବୁ ପୋଲିସ ଆଣିବା ଘଟଣାକୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି । ମାମଲା ରୁଜୁ କରି ପୋଲିସ ଘଟଣା ସମ୍ବନ୍ଧରେ ତଦନ୍ତ ଚଳାଇଛି ବୋଲି ଜମ୍ବୁ ଆଇଆଇସି ସୁଶାନ୍ତ କୁମାର ସାହୁ କରିଛନ୍ତି ।

## ବିଧାୟକ ହୋଇ ଆସିଲେ ସମସ୍ୟାର ସମାଧାନ କରିବି

ସାଲେପୁର, (ସବ୍ୟୁ) : ସାଲେପୁର କେଶବ ମଣ୍ଡପ ପରିସର ରେ ସିପିଆଇ ଏମ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ନିର୍ବାଚନ ମଣ୍ଡଳୀର ସିପିଆଇ ଏମ ଦଳର ବିଧାୟକ ପ୍ରାର୍ଥୀ ବଦ୍ରୀ ନାରାୟଣ ଦାଶ ଯୋଗଦେଇ ସାଲେପୁରର ବିଭିନ୍ନ ସମସ୍ୟା ଅଛି ଯାହାକି ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ପାରିନି ମୁଁ ବିଧାୟକ ହୋଇ ଆସିଲେ ସେସବୁ ସମସ୍ୟାର ସମାଧାନ କରିବି ବୋଲି କହିଥିଲେ । ବିଶେଷ କରି ସାଲେପୁର ଅଞ୍ଚଳରେ ପାଣି ନିଷ୍କାସନ ବ୍ୟବସ୍ଥା, ବହୁଗ୍ରାମ ସ୍ଥିତ ବାପୁଜି ଶୀତଳ ଭଣ୍ଡାରର ପୁନରୁଦ୍ଧ । ର କରିବା ସହିତ ମିର୍ଜାପୁର ଅଞ୍ଚଳରେ ଏକ ନୂତନ ଶିତଳ ଭଣ୍ଡାର ନିର୍ମାଣ କରିବା, ସାଲେପୁର କଲେଜକୁ ସରକାରୀ କଲେଜର ମାନ୍ୟତା ଦେବା, ସାଲେପୁର ବଜାର ମଧ୍ୟ ଦେଇ ଯାଇଥିବା ରାସ୍ତା ଅଧିକାଂଶ ସମୟ ଜାମ ରହୁଥିବାରୁ ଏହାର ବିକଳ୍ପ ଭାବେ ଚାରି କିଲୋମିଟର ଲମ୍ବର ଓଭରବ୍ରିଜ ନିର୍ମାଣ କରିବା କିମ୍ବା ବାଇପାସ ରୋଡ଼ କରିବା, ସାଲେପୁର ଅଞ୍ଚଳର ମହିଳା ଶ୍ରମିକ ମାନଙ୍କୁ ଏମ ଜି ଏନ ଆର ଇ ଜି ଏସ ଯୋଜନା ମାଧ୍ୟମରେ ବର୍ଷକୁ ଦୁଇସହ ଦିନର କାମ ଯୋଗାଇ ଦେବା, ଦ୍ୱିପାଞ୍ଚଳରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରିବା, ଦଳିତ ସାହି ମାନଙ୍କୁ ୨୪ଘଣ୍ଟିଆ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରିବା ଆଦି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବେ ବୋଲି ଶ୍ରୀ ଦାଶ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ଦାଶ, ଛାତ୍ର ନେତା ଦିପକ ଦେହୁରୀ, ଚଗ୍ଗୁ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଧର୍ମଶାଳା ବିଧାନସଭା କ୍ଷେତ୍ରରେ ୨ ଲକ୍ଷ ୩୧ ହଜାର ମତଦାତା

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକର ୪୫ଗୋଟି ଓ ରସୁଲପୁର ବ୍ଲକର ୯ଟି ପଂଚାୟତ ମୋଟ ୫୪ଗୋଟି ପଂଚାୟତକୁ ନେଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଗଠିତ । ତେବେ ଏଠାରେ ଶେଷ ପର୍ଯ୍ୟାୟରେ ମତଦାନ ଥିବାରୁ ନିର୍ବାଚନ କମିଶନ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନିର୍ବାଚନ ମଣ୍ଡଳୀରେ ଆଜି ଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରାର୍ଥୀ ପତ୍ର ଗୁଡିକୁ ୧୫ ତାରିଖରେ ଯାଂଚ କରାଯାଇ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ । ୧୭ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ପାଇଁ ସମୟ ରହିଥିବା ବେଳେ ସେହିଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ । ଜୁନ ୧ରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୨୬୪ଟି ବୁଥରେ ୨ ଲକ୍ଷ ୨୯ ହଜାର ୮୪୯ ଜଣ ମତଦାତା ଥିବା ବେଳେ ଏବେ ଏହା ବୃଦ୍ଧି ପାଇ ୨ ଲକ୍ଷ ୩୧ ହଜାର ୬୪୬ ହୋଇଛି । ଧର୍ମଶାଳା ବ୍ଲକର ୨୦୩ଟି ବୁଥରେ ପୁର୍ବରୁ ୧,୭୮,୪୦୧ ମତଦାତା ଥିବା ବେଳେ ଏହା ଏବେ ବୃଦ୍ଧି ପାଇ ୧ ଲକ୍ଷ ୭୯ହଜାର ୮୦୬ରେ ପହଁଚିଛି । ଏଥି ମଧ୍ୟରୁ ୯୨,୫୯୬ ପୁରୁଷ ଭୋଟର ହୋଇଥିବା ବେଳେ ୮୭,୨୦୨ଜଣ ମହିଳା ଓ ୮ଜଣ କିନ୍ନର ଭୋଟର ରହିଛନ୍ତି । ରସୁଲପୁର ବ୍ଲକର ୯ ଟି ପଂଚାୟତର ୬୧ଟି ବୁଥରେ ୫୧୪୪୮ ମତଦାତା ଥିବା ବେଳେ ଏବେ ଏହା ବୃଦ୍ଧି ପାଇ ୫୧,୮୪୦ ହୋଇଛି । ସେଥିମଧ୍ୟରୁ ୨୭,୦୦୨ ପୁରୁଷ ଓ ୨୪,୮୩୭ଜଣ ମହିଳା ମତଦାତା ଓ ଜଣେ କିନ୍ନର ଭୋଟର ରହିଛନ୍ତି । ଧର୍ମଶାଳା ବିଧାନସଭା ପାଇଁ ପ୍ରାର୍ଥୀମାନେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି ।

## ବିଜେପି ନଗର ସଭାପତି ସମର୍ଥକଙ୍କ ସହ ବିଜେଡିରେ

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡା ବିଜେପି ର ନଗର ସଭାପତି ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି । ନିର୍ବାଚନ ପାଖେଇ ଆସୁଥିବା ବେଳେ ଦୈନିକ କିଛି ନେତା ସେମାନଙ୍କ ସମର୍ଥକଙ୍କ ସହ ଦଳ ବଦଳ କରୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଦୀର୍ଘ ବର୍ଷ ଧରି ବିଜେପି ଦଳରେ ରହି ଦକ୍ଷତାର ସହ କାମ କରି ଆସୁଥିବା ଜିଲ୍ଲା ଯୁବ ସଂଯୋଜକ ତଥା ବିଜେପି ନଗର ସଭାପତି ଦିଲିପ କୁମାର ଦାଶ ବିଜେପି ଦଳ ଛାଡି ନିଜର ଶତାଧିକ ମସର୍ଥକଙ୍କ ସହ ଶଙ୍ଖ ଭବନରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ପ୍ରଭାରୀ ପ୍ରତାପ



କୁମାର ଜେନା, ରାଜ୍ୟସଭା ସାଂସଦ ସସମିତ ପାତ୍ର, କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା, ଜିଲ୍ଲା ସଂଯୋଜକ ରାଜେଶ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ଦାଶ ନିଜର ସମର୍ଥକ ବିଜୟ ସେଠୀ, ମମତାମୟୀ ସାମଲ, ପ୍ରଦିପ ନାୟକ, ଗୌର ପ୍ରସାଦ ମହାପାତ୍ର, ବରିଷ୍ଠ ଆଇନଜୀବି ହାଡିବନ୍ଧୁ ସିଂହ, ପ୍ରକାଶ ନାୟକ, ଦେବେନ୍ଦ୍ର ଜେନା, ରାମଚନ୍ଦ୍ର ସାହୁ, ଜିତେନ୍ଦ୍ର ମହାଁ, ମିର ନସିମ୍, ମିର ନାଇଦର ଅଲ୍ଲୀ ପ୍ରମୁଖଙ୍କ ସହ ବିଜେଡି ରେ ଯୋଗଦାନ କରିଛନ୍ତି । ଶଙ୍ଖ ଭବନରେ ଏମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।

## ଯାଜପୁର ଲୋକସଭା, ୩ ବିଧାନସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ

ଯାଜପୁର, (ସବ୍ୟୁ) : ଚଳିତ ସାଧାରଣ ନିର୍ବାଚନରେ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ପକ୍ଷରୁ ଆଜି ଯାଜପୁର ଲୋକସଭା ଆସନ ସହିତ ବିଞ୍ଝାରପୁର, ଧର୍ମଶାଳା ଓ ସୁକିନ୍ଦା ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି। ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ୫ ଶହରୁ ଉର୍ଦ୍ଧ୍ୱ ଦଳର କର୍ମୀ ସମର୍ଥକ ଓ ଦରଦୀମାନେ ମେଡିକାଲ ଛକରୁ ଏକ ସୁଶୋଭିତ ଶୋଭାଯାତ୍ରାରେ ଲୋକସଭା ପ୍ରାର୍ଥୀ କମ୍ରେଡ଼ ସୁବାସ ମଲ୍ଲି, ବିଞ୍ଝାରପୁର ବିଧାନସଭା ପ୍ରାର୍ଥୀ କମ୍ରେଡ଼ ରାଧାବଲ୍ଲଭ ମଲ୍ଲିକ, ଧର୍ମଶାଳା ବିଧାନସଭା ପ୍ରାର୍ଥୀ କମ୍ରେଡ଼ କେଦାରନାଥ ସାହୁ ଓ ସୁକିନ୍ଦା ବିଧାନସଭା ପ୍ରାର୍ଥୀ କମ୍ରେଡ଼ ଲିଲି ମହାନ୍ତଙ୍କୁ ନେଇ ସ୍ଲୋଗାନମାନ ଦେଇ ଜିଲ୍ଲପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ପାର୍ଟିର ରାଜ୍ୟ କମିଟି ସଭ୍ୟ ଜିଲ୍ଲା ସଂପାଦକ କମ୍ରେଡ଼ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ ଅଫିସ ସଂପାଦକ କମ୍ରେଡ଼ ସ୍ୱୟଂପ୍ରଭା ନାୟକ, ରାଜ୍ୟକମିଟି ସଭ୍ୟ କମ୍ରେଡ଼ ନୃସିଂହ ପଣ୍ଡା, କ୍ଷୀରୋଦ କର, ଅଚ୍ୟୁତ ପ୍ରଧାନ, ସୁରେଶ ପ୍ରଧାନ, ବିଜୟାନନ୍ଦ ମଲ୍ଲିକ, ଜିଲ୍ଲାକମିଟି ସଭ୍ୟ ବିରକିଶୋର ନାୟକ, ସୁଲୋଚନା ପ୍ରଧାନ, ତରଙ୍ଗିଣୀ ଦାସ, ନିରୁପମା ବେହେରା, ଅଜୟ ସାହୁ, ପ୍ରଶାନ୍ତ ସ୍ୱାଇଁ, ପ୍ରଭାତୀ ନୃସିଂହ ମହାନ୍ତି ଆଜି ପାର୍ଟିର ନେତା ମାନଙ୍କ ଗହଣରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ।

## ବହୁ ବିଜେପି, କଂଗ୍ରେସ କର୍ମୀ ବିଜେଡ଼ିରେ ମିଶିଲେ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶ, ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କର ବିକଶିତ ମାହାଙ୍ଗା ଗଠନ, ଦୃଢ ନେତୃତ୍ୱ ଓ ବହୁ ଜନହିତକର କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଦଳ ତ୍ୟାଗ କରି ବିଜେଡ଼ିରେ ଯୋଗ ଦେଇଛନ୍ତି । ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଝାଡ଼େଶ୍ୱରପୁର ପଞ୍ଚାୟତରୁ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶରଂଜନ ମହାପାତ୍ରଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଅନ୍ୟ ଦଳ କର୍ମୀମାନେ ଉତ୍ସାହର ସହ ବିଜେଡ଼ିରେ ଯୋଗ ଦେଇଥିଲେ । ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝାଙ୍କ ସଂଯୋଜନାରେ ବିଧାୟକ ପ୍ରତାପ ଜେନା ଯୋଗ ଦେଇ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଜେଡ଼ି ଦଳ ପକ୍ଷରୁ ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ । ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟାରେ ଅନ୍ୟ ଦଳର କର୍ମୀମାନେ ବିଜେଡ଼ିରେ ଯୋଗଦାନ କରୁଥିବାରୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ସଂଗଠନ ମଜବୁତ୍ ହେବା ସହିତ ଆଗାମୀ ବହୁ ବିକାଶମୂଳକ କାର୍ଯ୍ୟ ହୋଇପାରିବ ବୋଲି ବିଧାୟକ ଶ୍ରୀ ଜେନା ପ୍ରକାଶ କରିଛନ୍ତି ।

## ରାସ୍ତାରେ ଶୋଇଛି ଗଛ, ଯାତ୍ରୀ ହୀନସ୍ତା

ବିଞ୍ଝାରପୁର, (ସବ୍ୟୁ) : ବିଞ୍ଝାରପୁର ଅଂଚଳରେ ଗତ ବୁଧବାର ମଇମାସ ୧ତାରିଖ ଅପରାହ୍ନରେ କାଳବୈଶାଖୀ ଜନୀତ ବର୍ଷା ପବ ଯୋଗୁ ବ୍ୟାପକ କ୍ଷତି ସଙ୍ଘଟିତ ହୋଇ ବିଦ୍ୟୁତ ଖୁଂଟ ଠାରୁ ବିଶାଳକାୟ ବୃକ୍ଷ ଉପୁଡି ପଡି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା । ସବୁ ଗୁଡିକ ପ୍ରାୟ ଠିକଠାକ ହୋଇ ସାରିଥିବା ବେଳେ ପୂର୍ତ ବିଭାଗର ଦାୟିତ୍ୱରେ ଥିବା ଏକ ମୁଖ୍ୟ ରାସ୍ତା ଉପରେ ବିଶାଳକାୟ ବରଗଛ ଶୋଇ ରହିଥିବା ବେଳେ ବିଭାଗୀୟ ଅଧିକାରୀ ଙ୍କ ନଜରରେ ଏହା ପଡୁ ନଥିବା ଯୋଗୁ ରାସ୍ତା ଟି ଲୋକ ମାନଙ୍କ ଗମନଗମନକୁ ପ୍ରଭାବିତ କରୁଥିବା ଜଣା ଯାଇଛି । ପ୍ରକାଶ ଯେ ବିଞ୍ଝାରପୁର ପୂର୍ତ ଉପବିଭାଗ ଅନ୍ତର୍ଗତ ବିଞ୍ଝାରପୁର କଳାମାଟିଆ ରୋଡତର ରଣପୁର ନିକଟରେ ଥିବା ପ୍ରହଲ୍ଲାଦ ହାଇସ୍କୁଲ ଠାରୁ କିଛି ଦୂରରେ ମୁଖ୍ୟ ାସ୍ତା ଉପରେ ଏକ ବିଶାଳକାୟ ବରଗଛ ଶୋଇ ରହିଛି । ଏହି ରାସ୍ତାଟି ବରୀ ବିଞ୍ଝାରପୁରର ମୁଖ୍ୟ ରାସ୍ତା ହୋଇଥିବା ବେଳେ କଂଟିପୁର, ରଣପୁର, ଜଗନ୍ନାଥପୁର, ଲୁଣିଡିହ, ଅଙ୍ଗାଳୋ, ଅରିଲୋ ଆଦି ଗ୍ରାମର ଲୋକମାନଙ୍କର ମୁଖ୍ୟ ରାସ୍ତା । ଶତାଧିକ କଲେଜ ଓ ସ୍କୁଲରେ ପଢୁଥିବା ପିଲାମାନଙ୍କର ତଥା ଶିକ୍ଷକ ଅଧ୍ୟାପକ ମାନଙ୍କର ମୁଖ୍ୟ ଗମନା ଗମନର ରାସ୍ତା । ଗଛଟି ରାସ୍ତା ଉପରେ ପଡିଥିବାରୁ ଲୋକେ ନାନା ଭାବରେ ହୀନସ୍ତା ହେଉଛନ୍ତି । ରାତିରେ ଗମନା ଗମନ କରୁଥିବା ଲୋକଙ୍କ ପାଇଁ ଏହା ଏକ ସମସ୍ୟା ହୋଇ ଯାଇଛି । ଏହାଛଡା ଏହି ରାସ୍ତାଟି ଜଗନ୍ନାଥପୁର - ମଲ୍ଲୀପୁର ଭଗବତୀ ପଡିଆକୁ ଯେଉଁଠି ସ୍ପର୍ଶ କରିଛି , ସେଠାରେ ଏକ ବାଉଁଶ ବୋଦା ରାସ୍ତା ଉପରେ ଝୁଙ୍କି ରହିଛି । ସେଠାରେ ମଧ୍ୟ ଲୋକେ ଯିବା ଆସିବାର ସମସ୍ୟା ଭୋଗୁଛନ୍ତି । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କ ନିକଟରେ ଏହି ଖବର ନଥିବା ବେଳେ ଏହି ରାସ୍ତା ଉପରୁ ଅବରୋଧ ହଟି ପାରି ନାହିଁ । ତେବେ ସମ୍ପର୍କରେ ସ୍ଥାନୀୟ ଉପନିର୍ବାହୀ ଯନ୍ତ୍ରୀ ଇଂ. ରାମଚନ୍ଦ୍ର ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ଆସନ୍ତା କାଲି ଏଦିଗରେ ପଦକ୍ଷେପ ନେଇ ପଡିଥିବା ଗଛ ହଟାଇ ଦେବା ଦିଗରେ କାର୍ଯ୍ୟାନୁଷ୍ଠାନ ନେବେବୋଲି କହିଥିଲେ ।

## ବଡଚଣା : ତିନି ଦଳର ପ୍ରାର୍ଥୀଙ୍କ ପ୍ରଚାର ଜମୁଛି, ଭୋଟରଙ୍କ ମତିଗତି ସ୍ଥିର

ଚଣ୍ଡିଖୋଲ,(**ବେଣୁଧର ପଣ୍ଡା**) : ରାଜନୈତିକ ଦୃଷ୍ଟି କୋଣରୁ ଯାଜପୁର ଜିଲ୍ଲାର ସବୁଠାରୁ ସମ୍ବେଦନଶୀଳ ତଥା ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ଭାବେ ବଡଚଣା ଜଣାସୁଣା । କାରଣ ଏହି ମାଟିରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ଯଦୁମଣି ମଙ୍ଗରାଜ, ଧନଞ୍ଜୟ ଲେଙ୍କା, ଦୁଷାସନ ଜେନା, ମାନଗୋବିନ୍ଦ ସାମଲ, ସୀତାକାନ୍ତ ମହାପାତ୍ରଙ୍କ ଠାରୁ ଆରମ୍ଭକରି ବର୍ତ୍ତମାନର ବିଧାୟକ ଅମରପ୍ରସାଦ ଶତପଥୀଙ୍କ ପର୍ଯ୍ୟନ୍ତ ବହୁ ସ୍ଥିତପ୍ରଜ୍ଞ ଓ ଜନନେତା ନିର୍ବାଚିତ ହୋଇ ରାଜ୍ୟ ରାଜନିତିରେ ସେମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଯାହାକୁନେଇ ଏହି ନିର୍ବାଚନ ମଣ୍ଡଳୀ ଅନ୍ୟଠାରୁ ଭିନ୍ନ ଓ ସ୍ୱତନ୍ତ୍ର ଭାବେ ମାନ୍ୟତା ହାସଲ କରିଛି । ତେବେ ଚଳିତ ସାଧାରଣ ନିବାଚନରେ ମଧ୍ୟ ଏଠାରେ ଏକ ଭିନ୍ନ ଧରଣର ଲଢେଇ ହେବାକୁ ଯାଉଛି । ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ଓ ପରେ ଏଠାରୁ ଅନେକ ତୁଙ୍ଗ ନେତାଙ୍କ ଦଳବଦଳ ଏଠା ରାଜନିତି ଗଣିତକୁ ଏପଟ ସେପଟ କରିଛି! ତେବେ ନିର୍ବାଚନ ପାଇଁ ତାରିଖ ଘୋଷଣା ଓ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏଠାରେ ତିନି ପ୍ରମୁଖ ଦଳ ବିଜେଡି,ବିଜେପି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀ ଘୋଷଣା କରିଛନ୍ତି । ଏଠାରେ ଟିକେଟ ଆସାୟୀ ଥିବା ପ୍ରମୁଖ ଅନ୍ୟ ଦୁଇ ଦାବିଦାରଙ୍କ ସହ ଗତ ୬ଥର ଧରି ଏଠାରେ ବିଧାୟକ ରହି ଆସିଥିବା ଅମାୟୀକ ତଥା







ଲୋକପ୍ରିୟ ନେତା ଅମରପ୍ରସାଦ ଶତପଥୀଙ୍କୁ ବିଜେଡି ଟିକେଟ ନଦେଇ ଅପ୍ରତ୍ୟାଶିତ ଭାବେ ନବାଗତା ସେଲିବ୍ରିଟି ବର୍ଷା ପ୍ରିୟଦର୍ଶିନୀଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣା କରିଛି । ସେହିପରି ଗତ ୨୦୧୯ ନିର୍ବାଚନରେ ଖୁବକମ ବ୍ୟବଧାନରେ ବିଜେଡିଠାରୁ ପରାଜିତ ହୋଇଥିବା ଅମର ନାୟକଙ୍କୁ ବିଜେପି ପୁନର୍ବାର ଦଳୀୟ ପ୍ରାର୍ଥୀ କରିଥିଲା ବେଳେ କଂଗ୍ରେସ ମଧ୍ୟ ଗତଥର ନିର୍ବାଚନ ଲଢିଥିବା ଅଜୟ ସାମଲଙ୍କୁ ଏଠାରେ ପୁଣି ରିପିଟ କରିଛି । ସ୍ୱାମୀ ପଛେ ମରୁ ସଉତୁଣୀ ରାଣ୍ଡ ହେଉ ନିତିରେ ବିଧାୟକ ଅମର ଶତପଥୀଙ୍କ ନିକେଟ କଟିବାର ପ୍ରକ୍ରିୟା ମଧ୍ୟରେ ବର୍ଷା ପ୍ରିୟଦର୍ଶିନୀଙ୍କୁ ଦଳ ଏଠାରୁ ପ୍ରାର୍ଥୀ ଘୋଷଣା କରି ତିନି ଗୋଷ୍ଠୀର ଦଳୀୟ କନ୍ଦଳକୁ ପ୍ରଶମିତ କରିଛି ସତ ହେଲେ ନିର୍ବାଚନ ମଣ୍ଡଳୀ ବାହାରର ହୋଇଥିବାରୁ ତଥା ରାଜନିତିରେ ସମ୍ପୂର୍ଣ୍ଣ ନବାଗତା ହୋଇଥିବାରୁ ଏଠାରେ ନିର୍ବାଚନ ପରିଚାଳନା କରିବା ବର୍ଷାଙ୍କ ପାଇଁ ସହଜ ହେବା ମନେ ହେଉନାହିଁ । ସବୁପରେ ବି ଏଠା ବିଜେଡିର ତିନିଗୋଷ୍ଠୀ ନେତୃବୃନ୍ଦଙ୍କୁ ନେଇ ବର୍ଷା ଇତିମଧ୍ୟରେ ତାଙ୍କ ପ୍ରଚାରକୁ ଯୋରଦାର କରିଛନ୍ତି । ସେ ବଡଚଣାର ୪୩ ପଞ୍ଚାୟତ ମଧ୍ୟରୁ ୧୫ଟି ପଞ୍ଚାୟତରେ ମାରାଥନ ପ୍ରଚାର କରି ଘରଘରବୁଲି ବିଜେଡିକୁ ବିପୁଳ ଭୋଟରେ ବିଜୟୀ କରିବାକୁ ଲୋକମାନଙ୍କୁ ନିବେଦନ କରୁଛନ୍ତି । ବର୍ଷା ଜଣେ ସେଲିବ୍ରିଟି ହୋଇଥିବାରୁ ତାଙ୍କ ପାଖରେ ଲୋକମାନଙ୍କ ଭିଡ ପରିଲକ୍ଷିତ ହେଉଛି । ବଡଚଣା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ,ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ,ଜିଲ୍ଲା ପରିଷଦ ସଭ୍ୟ ଯତିନ୍ଦ୍ର ନାୟକଙ୍କ ସହ ବିଜେଡିର ଦଳୀୟ ନେତୃବୃନ୍ଦ ବର୍ଷାଙ୍କ ସହ ଘରଘର ବୁଲି ପ୍ରଚାରରେ ସାମିଲଥିବା ଦେଖାଯାଉଛି । ତେବେ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଉଭୟେ ବଡଚଣା ମାଟିର ପୁଅ ହିସାବରେ ସେହି ପ୍ରସଙ୍ଗକୁ ଆଧାରକରି ଗାଁ ଗାଁ ବୁଲି ପ୍ରଚାରକୁ ଯୋରଦାର କରିଛନ୍ତି । ବିଜେପି ପ୍ରାର୍ଥୀ ଅମର ନାୟକଙ୍କ ସହ ଜିଲ୍ଲା ସମ୍ପାଦକ ପ୍ରମୋଦ ଜେନା ପ୍ରିତମ ନାୟକ,ଜିଲ୍ଲା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନଙ୍କ ସହ ସ୍ଥାନୀୟ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଓ ବଡଚଣା ବିଜେପିର ୫ଟି ମଣ୍ଡଳର ନେତୃବୃନ୍ଦ ପ୍ରଚାରରେ ସାମିଲ ହୋଇଛନ୍ତି । ସ୍ଥାନୀୟ ପ୍ରସଙ୍ଗ ଓ ମୋଦିଙ୍କ ଅନ୍ତ ସ୍ରୋତକୁ ଆଧାରକରି ବିଜେପି ଏଠାରେ ବିଜୟୀ ହେବାକୁ ଚେଷ୍ଟା ଚଳାଇଛି । ସ୍ଥାନୀୟ ପ୍ରସଙ୍ଗ ନେଇ ବିଜେପିର ପ୍ରଚାର ଏବେ ଭୋଟରଙ୍କୁ ପ୍ରଭାବିତ କରୁଥିବା ଦେଖାଯାଉଛି । ସେହିପରି କଂଗ୍ରେସ ଟିକେଟ ଘୋଷଣାରେ ବିଳମ୍ବ କରିବା ସତ୍ତ୍ୱେ ପ୍ରାର୍ଥୀ ଅଜୟ ସାମଲ ଏବେ ବିଭିନ୍ନ ପଞ୍ଚାୟତରେ ପ୍ରଚାରକୁ ଆଗେଇ ନେଇଛନ୍ତି । ଗତ ୨୦୧୯ ନିର୍ବାଚନରେ ଏଠାରେ ଅମରପ୍ରସାଦ ଶତପଥୀ ୬୪ହଜାର ୮୪ ଖଣ୍ଡ ଭୋଟ ପାଇଥିଲା ବେଳେ ବିଜେପିର ଅମର ନାୟକ ୬୨ ହଜାର ୫୯୯ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲ ୯ହଜାର ୩୨୨ଖଣ୍ଡ ଭୋଟ ପାଇଥିଲେ । ତେବେ ଶ୍ରୀ ଶତପଥୀ ମାତ୍ର ୧୪୮୫ ଖଣ୍ଡ ଭୋଟରେ ବିଜୟୀ ହେବା ସହ ଏଠାରେ ବିଜେଡି ୪୬.୬୪% ,ବିଜେପି ୪୫.୫୫% ଓ କଂଗ୍ରେସ ମାତ୍ର ୬.୭୮% ଭୋଟ ପାଇଥିଲା । ଗତ ନିର୍ବାଚନ ସମୟରେ ଏଠାରେ ମୋଟ ୧ ଲକ୍ଷ ୮୧ ହଜାର ୫୦୭ ଭୋଟର ରହିଥିଲା ବେଳେ ଚଳିତ ୨୦୨୪ରେ ତାହା ୧୧ ହଜାର ୭୨୮ ବୃଦ୍ଧି ପାଇ ୧ ଲକ୍ଷ ୯୩ ହଜାର ୨୩୫ରେ ପହଞ୍ଚିଛି । ଗତ ନିର୍ବାଚନରେ ବିଜେଡି ଓ ବିଜେପିର ବିଜୟ ବ୍ୟବଧାନ ଓ ଭୋଟ ହାର ଅତି ପାଖାପାଖି ରହିଥିବାରୁ ଚଳିତ ନିର୍ବାଚନରେ ଶୃଙ୍ଖଳିତ ଗୋଟିଚାଳନା ଓ ଏକତାବଦ୍ଧ ଲଢେଇ ହିଁ ପ୍ରାର୍ଥୀଙ୍କ ବିଜୟର ଚାବିକାଠି ହେବବୋଲି ରାଜନୈତିକ ସମୀକ୍ଷକମାନେ ମତଦେଇଛନ୍ତି ।



ଦଶପଲ୍ଲାର ପ୍ରସିଦ୍ଧ ଲଙ୍କା ପୋଡ଼ି ଯାତ୍ରାର ଶେଷ ଦିନରେ ରାବଣ ପୋଡ଼ିର ଦୃଶ୍ୟ (ଫଟୋ : ଅମୁଲ୍ୟ)

# ବାଙ୍କୀ ନିର୍ବାଚନମଣ୍ଡଳୀରେ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ବାଙ୍କୀ,(ସବ୍ୟୁ) : ବାଙ୍କୀ ର୍ନିବାଚନ ମଣ୍ଡଳୀର ସଧାରଣ ପର୍ଯ୍ୟବେକ୍ଷକ ଉମା ଶଙ୍କର ସିଂ(ଭାରତୀୟ ପ୍ରଶାସନିକ ସେବା) ଓ ଆରକ୍ଷୀପର୍ଯ୍ୟବେକ୍ଷକ ଶ୍ରୀ ଆର. ଶିବକୁମାର (ଭାରତୀୟ ପୋଲିସ ସେବା ) ଗସ୍ତ କରି ଆସନ୍ତା ସାଧାରଣ ର୍ନିବାଚନ ସମ୍ବନ୍ଧୀୟ ବିଭିନ୍ନକାର୍ଯ୍ୟର ସମୀକ୍ଷା କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଶ୍ରୀ ଉମା ଶଙ୍କର ସିଂ ଓ ଆର. ଶିବକୁମାର ପହଞ୍ଚି ଉପଜିଲ୍ଲାପାଳ ଙ୍କକାର୍ଯ୍ୟାଳୟ ରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ସାଧାରଣ ର୍ନିବାଚନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ।ତାପରେ ବାଙ୍କୀ ସ୍ବୟଂଶାସିତ ମହାବିଦ୍ୟାଳୟ ପରିସରରେ ପ୍ରସ୍ତୁତ ହୋଇଥିବା ଥିବା ଷ୍ଟ୍ରଙ୍ଗରୁମ ଏବଂ ର୍ନିବାଚନ ପରିଚାଳନାକେନ୍ଦ୍ରକୁ ଉଭୟ ଶ୍ରୀ ସିଂ ଏବଂ ଶ୍ରୀ ଶିବାକୁମାର ପରିଦର୍ଶନ କରି ତଦାରଖ କରିଥିଲେ। ଷ୍ଟ୍ରଙ୍ଗରୁମରେ ଇଭିଏମ ଓ ଭିଭିପ୍ୟାଟ ରଖାଯିବାର ବ୍ୟବସ୍ଥା, ବିଦ୍ୟୁତ୍ ଓ ସୁରକ୍ଷା ବ୍ୟବସ୍ଥାକୁ କଡାକଡି ର୍ନିବାଚନ ରେ ନିୟୋଜିତ ଅଧିକାରୀ ଙ୍କ ସୁରକ୍ଷା, ପାନୀୟ ଜଳ, ଯାତାୟାତ,ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଆଦି ସମ୍ବନ୍ଧରେ



ସମୀକ୍ଷା କରିବା ସହ ନିବାର୍ଚନକୁ ଶାନ୍ତି ଓ ଶୃଙ୍ଖଳା ସହ ପରିଚାଳନା କରିବା ସମ୍ବନ୍ଧରେ ଉପଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ଙ୍କ ସହ ଆଲୋଚନା କରିଥିଲେ । ଏହି ଦୁଇ ପର୍ଯ୍ୟବେକ୍ଷକ ଙ୍କ ସମୀକ୍ଷାସମୟ ରେ କଟକ ଗ୍ରାମାଂଚଳ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଲଗନା ୟାଗୀ ଦିବ୍ୟା ଭି, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ କୃଷ୍ଣମହାପାତ୍ର, ବାଙ୍କୀ ଡମପଡା ବିଡ଼ିଓ ଅଂଶୁମାନ ଦସ, ଡମପଡ଼ା ତହସିଲଦାର ଶୁଚିସ୍ମିତା ଦାସ, ବାଙ୍କୀଏନ୍ , ଏ, ସି,ର୍ନିବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସ୍ତ୍ରୀ ହତ୍ୟା ଅଭିଯୋଗ : ସ୍ୱାମୀ ଗିରଫ

ଦଶପଲ୍ଲା,(ସବ୍ୟୁ) : ବଧୁହତ୍ୟା ଅଭିଯୋଗରେ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ସ୍ୱାମୀଙ୍କ ନାଁ ବିକାଶ ନାୟକ ଓ ତାଙ୍କ ଘର ଦଶପଲ୍ଲା ଥାନା ଅନ୍ତର୍ଗତ ପୁରୁଣା ଦଦପଲ୍ଲା ଗ୍ରାମରେ ବୋଲି ପୋଲିସ ସୁତ୍ରରୁ ଜଣା ପଡ଼ିଛି । ସୂଚନା ଯୋଗ୍ୟ ଯେ ବିକାଶ ଦଶପଲ୍ଲା ଥାନା ଚକ୍ରଧରପୁର ଗ୍ରାମର ଲିଙ୍ଗା ଖିଲାରଙ୍କ ଝିଅ ସୁଷମା ଖିଲାରଙ୍କୁ ଭଲପାଇ ବିବାହ କରିଥିଲେ । ଉଭୟଙ୍କ ଜାତି ଅଲଗା ହୋଇଥିବା ବେଳେ ବିକାଶଙ୍କ ଔରସରୁ ସୁଷମା ଦୁଇଟି ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ ।ଗତ ଏକ ବର୍ଷ ତଳେ ବିକାଶ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିବା ବେଳେ ଦ୍ୱିତୀୟ ସ୍ତ୍ରୀ ପ୍ରରୋଚନାରେ ବିକାଶ ସଦା ସର୍ବଦା ପ୍ରଥମ ସ୍ତ୍ରୀ ସୁଷମାକୁ ନାନା ଶାରୀରିକ ଓ ମାନସିକ ର୍ନିଯାତନା ଦେଇ ଆସୁଥିଲେ। ଗତ ପାଞ୍ଚ ତାରିଖ ରବିବାର ରାତିରେ ସୁଷମା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ତାର ଶଶୁର ଘର ଲୋକ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ ମଧ ସୁସମାଙ୍କ ବାପା ଲିଙ୍ଗରାଜ , ଯୋଜନା ବଧ ଭାବେ ତାଙ୍କ ଝିଅ ସୁସମାକୁ ହତ୍ୟା କରାଯାଇଥିବା ଲିଙ୍ଗରାଜ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣା ରେ ପୋଲିସ ୬ତାରିଖ ଦିନ ସୁଷମା ଙ୍କ ମୃତ ଶରୀର କୁ ଜବତ କରି ଶବ ବ୍ୟବଚ୍ଛେଦ କରିଥିବା ବେଳେ ତାର ସ୍ୱାମୀ ବିକାଶକୁ ଥାନାରେ ଅଟକ ରଖିଥିଲା। ହି ଘଟଣା ରେ ପୋଲିସ ସାଇଣ୍ଟିଫିକ ଟିମ ଘଟଣା ସ୍ଥାନରେ ପହଂଚି ତଦନ୍ତ କରିଥିବାବେଳେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରିଥିଲା । ୭ ତାରିଖ ମଙ୍ଗଳବାର ଦିନ ପୋଲିସ ଏହି ଘଟଣାରେ ଅଟକ ଥିବା ସୁଷମାଙ୍କ ସ୍ୱାମୀ ବିକାଶକୁ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଦଶପଲ୍ଲା ସବ ଜେଲଂକୁ ପଠାଇ ଦିଆଯାଇଛି ।

# ଗଙ୍ଗେଶ୍ୱରରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା



ଫୁଲନଖରା, (ସବ୍ୟୁ) :ସଦର ଥାନା ଅନ୍ତର୍ଗତ କୁରାଙ୍ଗ-ଭିଙ୍ଗାରପୁର ରାସ୍ତାର ଗଙ୍ଗେଶ୍ୱର ଛକରେ ଏକନୂତନ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ହୋଇଛି। ଏହାଦ୍ୱାରା ପଥିକ ଏବଂ ଯାତ୍ରୀଙ୍କ ସମେତ ନିକଟର୍ବୀଶୁଦ୍ଧାନନ୍ଦ କଲେଜ ଓ ଅକ୍ସଫୋର୍ଡ଼ କଲେଜ ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ।ଏହି ଉପଲକ୍ଷେ ବରିଷ୍ଠ ସମାଜସେବୀ ସୁନ୍ଦରପ୍ରଭାତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯକ୍ରମରେ ଅଲେଖ ମହିମାଧର୍ମାବଲମ୍ବୀ ବ୍ରହ୍ମ ଅବଧୂତ ମୃଷମ୍ବର ବାବା ମୁଖ ଅତିଥିରୂପେ ଯୋଗଦେଇ ପ୍ରକଳ୍ପକୁ ଉଦଘାଟନ କରିବା ସହିତପ୍ରଚଣ୍ଡ ଗ୍ରୀଷ୍ମ କାଳରେ ତୃର୍ଷାଙ୍କ ପାଇଁ ଏପରି ଏକ ମହତ କାର୍ଯର ଉଚ୍ଚ ପ୍ରଶଂସା କରିଥିଲେ। ଏହିଅବସରରେ ବାବାଜି ତଥା ପ୍ରବଚକ ଶ୍ରୀ ସନ୍ନାସୀଜୀ, ସରକାରୀ ଓକିଲ କବିନାରାୟଣ ଜେନା, କୈଳାସଚନ୍ଦ୍ରସାହୁ, ସତବ୍ରତ ଜେନା, ଦିଲୀପକୁମାର ପାତ୍ର, ଖଗେଶ୍ୱର ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ପାତ୍ର ଓସାଧୁସନ୍ଥ ଉପସ୍ଥିତ ଥିଲେ। ଅନୁସଂଧାନ ଚମ୍ପିରାୟ ଓ ଅନମାନେ କାର୍ଯକ୍ରମ ପରିଚାଳନା କରିଥିଲେ।

# ଖୁଣ୍ଟକୁ ଧକ୍କାଦେଲା କାର୍ ୧୦ ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ

ବାରଙ୍ଗ ,(ସବ୍ୟୁ) :ମଙ୍ଗଳବାର ସକାଳେ ଏକ ଦ୍ରୁତଗାମୀ କାର ଭାରସମ୍ୟ ହରାଇ କେନାଲବନ୍ଧ କଡରେ ଥିବା ଏକ ବିଦ୍ୟୁତ୍ ଖୁଂଟରେ ମାଡହେବାରୁ ବାରଙ୍ଗ ଅଂଚଳରେ ପ୍ରାୟ ୧୦ ଘଣ୍ଟା ପର୍ୟ୍ୟନ୍ତ ବିଦ୍ୟୁତ୍ ସରବରାହବନ୍ଦ ରହିଥିଲା । ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁ ଅସହ୍ୟ ଗୁଳୁଗୁଳିରେ ଅଞ୍ଚଳବାସୀ ନାହିଁନଥିବା ହଇରାଣ ହୋଇଥିଲେ । ପ୍ରକାଶ ଯେ, ମଙ୍ଗଳବାର ସକାଳ ୯ଟାପାଖାପାଖି ଓଡି୦୨-ଏଡବ୍ଲୁ-୫୦୮୪ନଂକାରଟି ଦ୍ରୁତଗତିରେ ପ୍ରତାପନଗରୀ ପଟକୁ ଯାଉଥିବାବେଳେ ମଧୁସୂଦନପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ କଡ଼ରେ ଥିବା ୧୧କେଭି ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା । ଯାହାଫଳରେ କାର ଧକ୍କାରେ ବିଦ୍ୟୁତ୍ ଖୁଣ୍ଟଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା ।ଅନ୍ୟପଟେ କାରର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବା ବେଳେ କାର ଚାଳକ ମଧ ଆହତ ହୋଇଥିଲେ। ଏହି ଘଟଣାରେ ବିଦ୍ୟୁତ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇ ଦୀର୍ଘ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଆସି ଖୁଣ୍ଟ ମରାମତି କରାଯିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

# ସାମ୍ବାଦିକ ଏକତା ମଞ୍ଚ ଗଠନ

ଅସ୍ତରଙ୍ଗ,(ସବ୍ୟୁ):ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ରେ ଅସ୍ତରଙ୍ଗ ଅଞ୍ଚଳ ଲକ୍ଷ୍ମୀ କଲ୍ୟାଣମଣ୍ଡପ ରେ ଏକ ସାମ୍ବାଦିକ ଏକତା ମଞ୍ଚ ଗଠନ ହୋଇଯାଇଛି। ଅସ୍ତରଙ୍ଗ ଅଞ୍ଚଳ ରେ କିଛି ସାମ୍ବାଦିକ ନିଜକୁ ଅନେକ ଗଣମାଧ୍ୟମ ର ପ୍ରତିନିଧି ପରିଚୟ ଦେଇ ଅନେକ ସ୍ଥାନରେ ସାମ୍ବାଦିକ ପରିବେଶକୁ ପ୍ରଦୂଷଣ କରିବାର ଅନେକ ପ୍ରମାଣ ହସ୍ତଗତ ହୋଇଛି । ଥାନା, ତହସିଲ, ବ୍ଲକ, ବୈଷୟିକ ବିଭାଗ, ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମେଡିକାଲ ଅନେକ ଅନୁଷ୍ଠାନ ରେ ଅନେକ କାର୍ଯ୍ୟରତ ସାମ୍ବାଦିକ ଙ୍କୁ ଉପେକ୍ଷା କରାଯାଇଛି ।ଏହି ସବୁ ଘଟଣା କୁ ଉପଲବ୍ଧି କରି ଅସ୍ତରଙ୍ଗ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ ଙ୍କ ସମେତ ନିରଞ୍ଜନ ଦାସ, ସଞ୍ଜୟ ପତି, ବିପିନ ବିହାରୀ ଦାସ, ଶରତ ଚନ୍ଦ୍ର ପରିଡା ଙ୍କ ମାର୍ଗଦର୍ଶିକା ରେ ଯୁବ ସାମ୍ବାଦିକ ଲୋକନାଥ ସ୍ୱାଇଁ, ଆର୍ଯ୍ୟ ବିଶ୍ୱାଳ, ସମୀର କର ଏକ ସାମ୍ବାଦିକ ଏକତା ମଞ୍ଚର ଆହ୍ୱାନ ଦେଇଥିଲେ ।ଏହି ଏକତା ମଞ୍ଚ ରେ ଉପର ଲିଖିତ ବରିଷ୍ଠ ଓ ଯୁବ ସାମ୍ବାଦିକଙ୍କ ସହିତ ଅସ୍ତରଙ୍ଗ ଅଞ୍ଚଳ ଅନେକ ସାମ୍ବାଦିକ ଏକାଠି ହୋଇଥିଲେ। ସେମାନଙ୍କ ଭିତରେ ଆଦିତ୍ୟ ରାଉତ, ପ୍ରଶାନ୍ତ ଜେନା, ଆର୍ତ୍ତ ତ୍ରାଣ ମହାନ୍ତି, ଆଦିତ୍ୟ ବିଶ୍ୱାଳ, ତ୍ରିଲୋଚନ ବେହେରା, ସୁଧୀର କୁମାର କର, ଅସ୍ତରଙ୍ଗ ସାମ୍ବାଦିକ ସଘ ସଭାପତି ବିଶ୍ୱରଞ୍ଜନ ବିଶ୍ୱଶ୍ରୀ,ବୃନ୍ଦାବନ ବିଶ୍ୱାଳ, ପ୍ରିୟବ୍ରତ ମୁଦୁଲୀ, ମନୋଜ ବିଶ୍ୱାଳ ଆଉ ଅନେକ ବୈଦ୍ୟୁତିକ,ଓ ଖବର କାଗଜ ସଂସ୍ଥା ର ସାମ୍ବାଦିକ ମାନେ ଉପସ୍ଥିତ ରହି, ଏକ ସୁସ୍ଥ ସମାଜ ଗଠନରେ ସାମ୍ବାଦିକଙ୍କ ଭୂମିକା ଉପରେ ଦୀର୍ଘ ସମୟ ଏକ ଆଲୋଚନା କରିଥିଲେ ।ସଭାଶେଷ ରେ ଅସ୍ତରଙ୍ଗ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରେ ମିଳିତ ସାମ୍ବାଦିକ ଏକତା ମଞ୍ଚ ତରଫରୁ ଦାବିପତ୍ର ଦିଆଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଗଲା । ପରିଶେଷରେ ଧନ୍ୟବାଦ ଜ୍ଞାପନ କରାଯାଇ ସଭାସଙ୍ଗ କରାଗଲା।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ବ୍ଲକ୍ ଅଧିନ ଶିଖରପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଦିର୍ଘବର୍ଷଧରି ଶିକ୍ଷକତା କରି କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ଶିକ୍ଷୟତ୍ରୀ ଲଳିତା କୁମାରୀ ଦାସଙ୍କୁଶିକ୍ଷାନୁଷ୍ଠାନ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକପ୍ରଫୁଲ୍ଲ କୁମାର ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ମାନୀତ ଅତିଥି ରୁପେ ଶିକ୍ଷାବିତ୍ ସୁଦର୍ଶନ ପ୍ରଧାନଙ୍କସମେତ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଶିକ୍ଷୟତ୍ରୀ ଶ୍ରୀମତୀ ଦାସଙ୍କ ଶିକ୍ଷାଦାନ ଶୈଳୀ, ସମୟାନୁବର୍ତିତା ଓଛାତ୍ରବତ୍ସଳତା ଉପରେ ଆଲୋକପାତ କରିଥିଲେ। ଅବସର ଗ୍ରହଣ କରିଥିବା ଶିକ୍ଷୟତ୍ରୀଙ୍କୁ ଅନୁଷ୍ଠାନପକ୍ଷରୁ ଉତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ,ଶିକ୍ଷୟତ୍ରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଆପ୍, କଂଗ୍ରେସ ସମେତ ୯ ଜଣଙ୍କ ନାମାଙ୍କନପତ୍ର ଦାଖଲ

ଆଠଗଡ଼ .(ସବ୍ୟୁ) : ସୋମବାର ଆଠଗଡ଼ ବିଧାନସଭା ର୍ନିବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ପତ୍ର ଦାଖଲର ଶେଷ ଦିନ ରେ ନଅ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆମ୍ ଆଦମୀ ପାର୍ଟି ପକ୍ଷରୁ ଦେବୀପ୍ରସାଦ ମହାପାତ୍ର ନାମାଙ୍କନ ଦାଖଲ କରିଥିବା ବେଳେ କଂଗ୍ରେସ ପକ୍ଷରୁ ସୁଦର୍ଶନ ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।ଅନ୍ୟ ମାନଙ୍କ ମଧରେ କଳିଙ୍ଗ ନ୍ୟାସନାଲ ଫ୍ରଣ୍ଟ ର ଗଗନ ବିହାରୀ ରାଉତ, ଜାତୀୟ ଅପନେ ପାର୍ଟି ର ସନ୍ତୋଷ କୁମାର କର, ବହୁଜନ ସମାଜବାଦୀ ପାର୍ଟି ର ଗଣେଶ୍ୱର ସାହୁ, ସୁପ୍ରିମ ଜିରୋ ପାର୍ଟି ର ପ୍ରଚେତା ପରମାଣିକ, ଏବଂ ସ୍ୱାଧିନ ପ୍ରାର୍ଥୀ ଭାବରେ ହରିହର ସାହୁ, ନମିତା ଖୁଣ୍ଟିଆ ଏବଂ ଶଙ୍କର୍ଷଣ ମହାନ୍ତି ରହିଛନ୍ତି।ଅନ୍ୟ ପକ୍ଷରେ ସ୍ୱାଧୀନ ପ୍ରାର୍ଥୀ ନମିତା ଖୁଣ୍ଟିଆ ବିଜେପି ପ୍ରାର୍ଥୀ ଅଭୟ ବାରିକ ଙ୍କ ସହଧର୍ମିଣୀ। ଆଗାମୀ ଦିନରେ ଆମ୍ ଆଦମୀ ପାର୍ଟିର ଦେବୀପ୍ରସାଦ ମହାପାତ୍ର ଆଠଗଡ଼ ରାଜନୈତିକ ସମୀକରଣ ବଦଳାଇବା ପାଇଁ ଦାବୀ କରୁଥିବା ବେଳେ ଅସନ୍ତୁଷ୍ଟ ବିଜେପି ର ଦୁଇ ସ୍ୱାଧିନ ପ୍ରାର୍ଥୀ ଙ୍କ ଭୂମିକା ଉପରେ ସମସ୍ତ ଙ୍କ ନଜର ରହିଛି। ଆମ୍ ଆଦମୀ ପାର୍ଟିର ଶ୍ରୀ ମହାପାତ୍ର ନିଜ ଅଞ୍ଚଳ ର ସାଧାରଣ ଲୋକ ମାନଙ୍କ ସହିତ ସୁଖ ଦୁଃଖର ସାଥି ହୋଇ ରହିଥିବା ବେଳେ ଆଗାମୀ ର୍ନିବାଚନ ବୈତରଣୀ ପାର ହେବା ତାଙ୍କ ପାଇଁ ସହଜ ହେବ ବୋଲି ଜଣାପଡିଛି।

# ହାଇୱା ଧକ୍କାରେ ମହିଳା ଗୁରୁତର

ନିମାପଡା, (ସବ୍ୟୁ): ନିମାପଡା ବଜାର ପୁରୁଣା ମାଛ ମାର୍କେଟ ସମ୍ମୁଖରେ ଆଜି ସକାଳୁ ଏକ ହାଇୱା ଗାଡି ଧକ୍କାରେ ଜଣେ ମହିଳା ଗୁରୁତର ଆହତହୋଇଥିବା ଜଣାପଡିଛି । ଉକ୍ତ ମହିଳା ଜଣକ ହେଲେ ନିମାପଡା ଥାନା ଅଂଶାଲୋଗ୍ରାମର ପୂଜାସ୍ମିତା ସାହୁ(୩୨) । ପୂଜାସ୍ମିତା ଏକ ସ୍କୁଟିରେ ସ୍ୱାମୀଙ୍କ ସହଯାଉଥିବା ସମୟରେ ପୁରୁଣା ମାଛ ମାର୍କେଟ ସମ୍ମୁଖରେ ଏକ ହାଇୱା ଗାଡି ଧକ୍କାଦେଇଥିଲା । ଗାଡିଟି ମହିଳାଙ୍କ ଗୋଡ ଉପରେ ଚଢିଯିବା ଯୋଗୁଁ ସେ ସେଠାରେ ସଂଜ୍ଞାହୀନ ହୋଇ ପଡିଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ପଠାଇଛନ୍ତି ।ଉତ୍ୟକ୍ତ ଲୋକମାନେ ରାସ୍ତାରୋକ କରିବା ସହ ହାଇୱା ଗାଡିଟିକୁ ଭଂଗାରୁଜାକରିଛନ୍ତି । ବାରମ୍ବାର ହାଇୱା ଗାଡି ଧକ୍କାରେ ବହୁ ମୂଲ୍ୟବାନ ଜୀବନଚାଲିଯାଉଛି । ଜନ ଗହଳି ପୂର୍ଣ୍ଣ ରାସ୍ତାରେ ହାଇୱା ଗାଡି ଚଳାଚଳ ବନ୍ଦକରିବାକୁ ଜନସାଧାରଣ ଦାବୀ କରିଛନ୍ତି । ଦୁର୍ଘଟଣା ସ୍ଥଳରେ ନିମାପଡା ପୁଲିସ ପହଂଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହିଟିଛି ।

# ସ୍ୱାଧୀନ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ସାକ୍ଷୀଗୋପାଳ ,(ସବ୍ୟୁ) : ସୋମବାର ସତ୍ୟବାଦୀ ବିଧାନସଭା ର୍ନିବାଚନ ମଣ୍ଡଳୀ ନିମନ୍ତେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସ୍ୱାଧୀନ ପ୍ରାର୍ଥୀ ଦେବୀ ପ୍ରସାଦ ଜେନା ତାଙ୍କର ସମର୍ଥକଙ୍କ ସହିତ ସାକ୍ଷୀଗୋପାଳ ଠାକୁରଙ୍କୁ ଦର୍ଶନ କରି ଏକ ଶୋଭାଯାତ୍ରାରେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ । ସେ ପିପିଲି ର୍ନିବାଚନ ମଣ୍ଡଳୀ ଧାନକେରା ଗ୍ରାମର ବାସିନ୍ଦା ଅଟନ୍ତି । ପୂର୍ବରୁ ସେ ସିଙ୍ଗାପୁର ଓ ମାଲେସିଆରେ ସଫ୍ଟଓୟାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ନିଜ ଅଞ୍ଚଳର ବିକାଶ ଓ ଲୋକଙ୍କ ସେବା କରିବା ନିମନ୍ତେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଶୋଭାଯାତ୍ରରେ ତାଙ୍କ ସଙ୍ଗଠନର ମୁଖ୍ୟ ଭାବେ ଚିନ୍ମୟ ସାମଲ , କାଳି ପ୍ରସାଦ ଜେନା ,ଅଶୋକ ଚୌଧୁରୀ , ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ମାନେ ସାମିଲ ହୋଇ ଥିଲେ ।ସେହିପରି କଣାସ ବଡାଲ ପଞ୍ଚାୟତ ହରିପୁର ଗ୍ରାମର ଭାସ୍କର ସାହୁ ସତ୍ୟବାଦୀ ର୍ନିବାଚନ ମଣ୍ଡଳୀ କ୍ଷେତ୍ର ନିମନ୍ତେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ଆଜି ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ଅନୁଭବଙ୍କ କର୍ମୀ ସମ୍ମିଳନୀ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡ଼ା ଅରୁଣ ନିବାସ ପରିସରରେ ପୂର୍ବତନ ବିଧାୟକ ତଥା ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଥିବା ଅନୁଭବ ପଟ୍ଟନାୟକଙ୍କଆବାହକତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବିଭିନ୍ନପଂଚାୟତରୁ ଜନପ୍ରତିନିଧି, ସଂଗଠକ ଓ କର୍ମୀମାନେ ଯୋଗଦେଇଥିଲେ। ସାଧାରଣ ନିର୍ବାଚନପରିପ୍ରେକ୍ଷୀରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚନା ହେବା ସହ ରଣନୀତି ସ୍ଥିରହୋଇଥିଲା। ସଂଗଠକ ଓ କର୍ମୀମାନେ ଦୃଢ ମନୋବଳ ନେଇ କାର୍ଯ୍ୟ କରିବାକୁ ଅନୁଭବଆହ୍ୱାନ ଦେଇଥିଲେ। ବୈଠକରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ପୂର୍ବତନ ସରପଂଚ ନବକିଶୋର ସାହୁ, ଶରତ ଚନ୍ଦ୍ର ସାହୁ, ସର୍ବେଶ୍ୱର ସ୍ୱାଇଁ, ବରିଷ୍ଠ ବିଜେଡ଼ି ନେତାଅଖିଳ କୁମାର ମହାରଣା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ରମାକାନ୍ତ ସେଠୀଙ୍କ ସମେତ ୧୫୦ରୁ ଉର୍ଦ୍ଧ୍ୱସମର୍ଥକ ଉପସ୍ଥିତ ଥିଲେ।

# ନାମାଙ୍କନ ପତ୍ର ଦାଖଲ କଲେ ସାବିତ୍ରୀ ପ୍ରଧାନ



ଭାପୁର , (ସବ୍ୟୁ) : ସୋମବାର ଦିନ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି ସାବିତ୍ରୀ ପ୍ରଧାନ । ଏହି ନାମାଙ୍କନ ଦାଖଲ ସମୟରେ ନିର୍ବାଚନ ମଣ୍ଡଳୀ ପାଇଁ ଦଳୀୟ ପର୍ଯ୍ୟବକ୍ଷକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଅମିତ କୁମାର ମଲ୍ଲିକ, କଟକ ନିର୍ବାଚନମଣ୍ଡଳୀ ବିଜେଡ଼ି ଲୋକସଭା ପ୍ରାର୍ଥୀ ଡା ସନ୍ତୃପ୍ତ ମିଶ୍ର ଓ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକଙ୍କ ଭଳି ବହୁ ତୁଙ୍ଗ ନେତୃବୃନ୍ଦଙ୍କ ଉପସ୍ଥିତି ରହିଥିବା ଦେଖିବାକୁ ମିଳିଥିଲା। ଜିଲ୍ଲାର ଏକମାତ୍ର ମହିଳା ପ୍ରାର୍ଥୀ ଭାବେ ଦଳ ତରଫରୁ ସାବିତ୍ରୀ ପ୍ରଧାନଙ୍କ ନାମ ଘୋଷଣା ପରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀ, ଜିଲ୍ଲା ଓ ରାଜ୍ୟ ନେତୃମଣ୍ଡଳୀମାନେ ଏହାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବାର ଦେଖିବାକୁ ମିଳିଛି।ଫତେଗଡ ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା ପରେ କୋଡ଼ିଏ ହଜାର ସମର୍ଥକ ଙ୍କ ଗହଣରେ ବିରାଟ ଶୋଭାଯାତ୍ରାରେ ଯାଇ ନୟାଗଡ଼ ଠାରେ ନାମାଙ୍କନ କରାଯିବା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖାଯାଇଥିବା ବେଳେ ବିରୋଧୀ ଶିବିରରେ ଭୟର ଛନକା ସୃଷ୍ଟି ହୋଇଛି। ରାଜ୍ୟରେ ବହୁଚର୍ଚ୍ଚିତ ଖଣ୍ଡ ପଡା ର୍ନିବାଚନ ମଣ୍ଡଳୀ ସବୁବେଳେ ଚର୍ଚ୍ଚିତ ହୋଇଆସିଛି ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଦଳରୁ ବିଦା ହେବାପରେ ଏହାର ଦାୟିତ୍ୱ ଓ ନେତୃତ୍ୱ କିଏ ନେବ ତାକୁ ନେଇ ସବୁଠାରେ ଆଲୋଚନାର ବିଷୟ ହୋଇଥିଲା।ଭାପୁର ବ୍ଲକରେ ଦୁର୍ନୀତି ବିରୁଦ୍ଧରେ ଲଢେଇ କରି ଭାପୁର ବ୍ଲକକୁ ଦୁର୍ନୀତି ମୁକ୍ତ କରିବାର ନାରା ଦେଇ ଅପାର ଜନ ସମର୍ଥନ ହାସଲ କରିଥିବା ସାବିତ୍ରୀ ପ୍ରଧାନ ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ବେଣୁଧର ପ୍ରଧାନ ଉପାଧ୍ୟକ୍ଷ ଭାବେ ର୍ନିବାଚିତ ହୋଇ ରାଜ୍ୟରେ ଚର୍ଚ୍ଚିତ ହୋଇଥିଲେ।ଏହି ଦମ୍ପତିଙ୍କ ଉପରେ ଦଳୀୟ ରାଜ୍ୟ ଶିର୍ଷ ନେତୃତ୍ୱ ଆସ୍ଥା ପ୍ରକଟ କରି ଉଦୀୟମାନ ମହିଳା ନେତ୍ରୀ ସାବିତ୍ରୀ ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ର୍ନିବାଚନ ମଣ୍ଡଳୀରେ ବିଶେଷ କରି ମହିଳାମାନଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି ହୋଇଛି। ଯାହାର ପ୍ରତିଫଳନ ନାମାଙ୍କନ ସମୟରେ ୧୦ ହଜାରରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇ ପ୍ରମାଣିତ କରିଛନ୍ତି।

# ପୋଖରୀରେ ବୁଡ଼ି ନାବାଳିକା ମୃତ

ବାଙ୍କୀ ,(ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ବ୍ଲକ୍ କେନ୍ଦୁପଲ୍ଲି ପଞ୍ଚାୟତର ପତନି ଗ୍ରାମ ପାଟଣା ପୋଖରୀରେ ମଙ୍ଗଳବାର ସକାଳେ ଗାଧୋଇବାକୁ ଯାଇ ପାଣି ବୁଡ଼ି ନାବାଳିକାଙ୍କ ମୃତ୍ୟୁ ହୋଇଛି। ପତନି ଗ୍ରାମର ସୁଶାନ୍ତ କୁମାର ସାହୁଙ୍କ ୮ ବର୍ଷ ବୟସର ସାନ ଝିଅ ତାର ବଡ ଭଉଣୀ ଓ ସାଙ୍ଗମାନଙ୍କ ସହିତ ପୋଖରୀରେ ଗାଧୋଇବାବେଳେ ଗଭୀର ପାଣି ଭିତରକୁ ପଶି ଯିବାରୁ ବୁଡ଼ି ଯାଇଥିଲେ। ଖବର ପାଇ ସ୍ଥାନୀୟ ଯୁବକମାନଙ୍କ ସହିତ କଳାପଥର ଅଗ୍ନିଶମ ବିଭାଗକର୍ମଚାରୀ ଉଦ୍ଧାର କରି କଳାପଥର ଡ଼ାକ୍ତର ଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଡ଼ାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

# ବିଜେଡ଼ି ଯୁବ ଛାତ୍ରଙ୍କ ବିଶାଳ ଶୋଭାଯାତ୍ରା



ବାଲୁଗାଁ, (ସବ୍ୟୁ): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ଚିଲିକା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉତ୍ତାପ ସେତିକି ବୃଦ୍ଧି ପାଇବାରେ ଲାଗିଛି । ପ୍ରମୁଖ ରାଜନୈତିକ ଦଳ ତଥା ଭାଜପା ଓ ବିଜେଡ଼ି ମଧ୍ୟରେ ଏଠାରେ କଡ଼ା ଟକ୍କର ଦେଖିବାକୁ ମିଳିଛି । ଉଭୟ ଦଳର ପ୍ରାର୍ଥୀ ନିଜ ନିଜ ଦଳର ସମର୍ଥକ ଓ କର୍ମୀମାନଙ୍କୁ ନେଇ ଦଳୀୟ ଶକ୍ତି ପ୍ରଦର୍ଶନ କରିବା ସହ ଭୋଟରଙ୍କ ନିକଟରେ ହୋଇ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏପରିସ୍ଥଳେ ମଙ୍ଗଳବାର ଚିଲିକା ନିର୍ବାଚନ ମଣ୍ଡଳୀର ବିଜେଡ଼ି ଯୁବ ଛାତ୍ରଙ୍କ ପକ୍ଷରୁ ବାଲୁଗାଁରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଲୁଗାଁ ସରଳାପଦର ଛକ ସ୍ଥିତ ମା' ଉତ୍ତରାୟଣୀ ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରିଥିଲା । ପୁରୀ ଲୋକସଭା ବିଜେଡ଼ି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଏବଂ ଚିଲିକା ବିଧାନସଭା ପ୍ରାର୍ଥୀ ରଘୁନାଥ ସାହୁ ମାଆଙ୍କୁ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ କାମନା କରି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବାଲୁଗାଁ ନଗର ପରିକ୍ରମା ପରେ ରାମପୁର ଛକ ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଗତ ୨୫ ବର୍ଷର ବିଜେଡ଼ି ଶାସନ କାଳ ମଧ୍ୟରେ ହୋଇଥିବା ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରାଯିବା ସହ ଆଗାମୀ ନିର୍ବାଚନରେ ପୁନର୍ବାର ବିଜେଡ଼ିକୁ ଜିତାଇ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା, ବାଣପୁର ନଗରପାଳ ମିଟୁ ନାୟକ, ପୂର୍ବତନ ମନ୍ତ୍ରୀ ଡ଼ାକ୍ତର ଦେବେନ୍ଦ୍ରନାଥ ମାନସିଂହ, ବାଣପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ମାନସ ରଂଜନ ପ୍ରଧାନ, ଚିଲିକା ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ, ଜିଲ୍ଲା ବିଜେଡ଼ି ସାଧାରଣ ସଂପାଦକ ଶୁଧାଂଶୁ ଶେଖର ପରିଡ଼ା, ଯୁବ ସଂଗଠକ ସନ୍ତୋଷ ପାଇକରାୟ ଓ କାଉନସିଲର ଅଭିମନ୍ୟୁ ସ୍ୱାଇଁଙ୍କ ସମେତ ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ । ପ୍ରାୟ ୨ହଜାର ରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ପ୍ରାର୍ଥିପତ୍ର ଦାଖଲ କଲେ ବିଜୟ ଦଳବେହେରା



ବଡ଼ମ୍ବା/ଆଠଗଡ଼ ,(ସବ୍ୟୁ) : ଆଗାମୀ ବଡ଼ମ୍ବା ବିଧାନସଭା ର୍ନିବାଚନ ମଣ୍ଡଳୀ ପାଇଁ ଶେଷ ଦିନରେ ନାମାଙ୍କନ ଦାଖଲ କରିଛନ୍ତି ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ବିଜୟ କୁମାର ଦଳବେହେରା।୮୭- ବଡ଼ମ୍ବା ବିଧାନସଭା ର୍ନିବାଚନ ମଣ୍ଡଳୀ ପାଇଁ ବିଜେପି ପ୍ରାର୍ଥୀ ଭାବରେ ଆଶାୟୀ ଥିବା ବିଜୟ କୁମାର ଦଳବେହେରାଙ୍କୁ ଦଳୀୟ ଟିକେଟ ନ ମିଳିବା ପରେ ସବୁ କଳ୍ପନାର ଅନ୍ତ ଘଟାଇ ସୋମବାରଦିନ ବିଜୟ ହଜାର ହଜାର ସମର୍ଥକ ଏବଂ ବିଜେପି ର ଦଳୀୟ ପଦାଧିକାରୀଙ୍କ ସହିତ ଆଠଗଡ଼ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣି ଅଫିସର ଙ୍କ କାର୍ଯ୍ୟାଳୟରେ ଆସି ସ୍ୱାଧିନ ଭାବରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।ଶ୍ରୀ ଦଳବେହେରା ନରସିଂହପୁର ଜଗନ୍ନାଥ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରି ହଜାର ହଜାର ସଂଖ୍ୟାରେ ସମର୍ଥକ ମାନଙ୍କ ସହ ବଡ଼ମ୍ବା ଭଟ୍ଟାରିକା ଓ ମଙ୍ଗଳା ମନ୍ଦିର ପୂଜା କରିବା ସହ ବଜାର ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କୋଡିଏ ହଜାରରୁ ଉର୍ଦ୍ଧ ଦଳୀୟ ନେତୃବର୍ଗ, ଜନପ୍ରତିନିଧିଙ୍କ ସହ ଆଠଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିଜର ସ୍ୱାଧୀନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।ଏହି ନାମାଙ୍କନ ଶୋଭାଯାତ୍ରାରେ ବିଜେପି କଟକ ଜିଲ୍ଲା ଉପସଭାପତି ବିଭୁଦତ୍ତ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଉପସଭାନେତ୍ରୀ ଦୁର୍ଗାପ୍ରିୟା ଦଳବେହେରା, ସମ୍ପାଦକ ସୂର୍ଯ୍ୟମଣି ଜେନା,ମନୋଜ କୁମାର ପଣ୍ଡା, ସାମାଜିକକର୍ମୀ ଚିନ୍ମୟ ପଟ୍ଟନାୟକ, ସନ୍ତୋଷ କୁମାର ବେହେରାଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ସମ୍ପାଦକ,ଯୁବମୋର୍ଚ୍ଚା, ମହିଳାମୋର୍ଚ୍ଚା, କୃଷକମୋର୍ଚ୍ଚା ଆଦି ସାମିଲ ହୋଇଥିଲେ ବଡ଼ମ୍ବା ର୍ନିବାଚନ ମଣ୍ଡଳୀ ରେ ବିଜୟ ଦଳବେହେରାଙ୍କ ସମର୍ଥନ ବଢୁଥିବା ବେଳେ ଅନ୍ୟ ଦଳ ମାନଙ୍କର ଲୋକପ୍ରିୟତା ଧିରେ ଧିରେ କମୁଥିବା ଥିବା ସାଧାରଣ ରେ ଆଲୋଚନା ହେଉଛି।ସେହିପରି ସ୍ୱାଧିନ ପ୍ରାର୍ଥୀ ଭାବରେ ତାଙ୍କର ସ୍ତ୍ରୀ ଦୁର୍ଗା ପ୍ରିୟା ଦଳବେହେରା ମଧ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି।ଅନ୍ୟ ମାନଙ୍କ ମଧରେ କଳିଙ୍ଗ ନ୍ୟାସନାଲ ଫ୍ରଣ୍ଟ ର ସରୋଜ କୁମାର କରଣ, ସମୃଦ୍ଧ ଓଡିଶା ର କୈଳାଶ ଚନ୍ଦ୍ର ନାୟକ, ନ୍ୟାସନାଲ ଅପନେ ପାର୍ଟି ର ମନୋରଞ୍ଜନ ବେହେରା, ସୁପ୍ରିମ ଜିରୋ ପାର୍ଟି ର ପ୍ରଶାନ୍ତି ପ୍ରଧାନ, ଜନତା ଦରବାର ପାର୍ଟିର ପ୍ରମୋଦ କୁମାର ନାଏକ ଏବଂ ସ୍ୱାଧିନ ପ୍ରାର୍ଥୀ ଭାବରେ ନିତ୍ୟାନନ୍ଦ ଖଟୁଆ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

(ଶ୍ରୀମଦ୍‌ଭଗବଦ୍ ଗୀତା ୫/୨୪)
–କର୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ )

ଯୋନ୍ତଃସୁଖୋନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।
ସ ଯୋଗୀବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଧିଗଚ୍ଛତି ॥୨୪॥

ଆତ୍ମାରେହିଁ ସୁଖ( ବିଷୟ ଭୋଗରେ ନୁହେଁ), ଆତ୍ମାରେହିଁ ଯାହାଙ୍କର ଆମୋଦ (ବାହାର ବ୍ୟାପାରରେ ନୁହେଁ), ଆତ୍ମାରେହିଁ ଯାହାଙ୍କର ଦୃଷ୍ଟି (ଗୀତ ନୃତ୍ୟାଦିରେ ନୁହଁ), ସେହି ଯୋଗୀ ବ୍ରହ୍ମରେ ଅବସ୍ଥିତ ହୋଇ ବ୍ରହ୍ମନିର୍ବାଣ (ମୋକ୍ଷ) ପ୍ରାପ୍ତ ହୁଅନ୍ତି ॥୨୪॥

## ସମ୍ପାଦକୀୟ

# ଭାରତର ଅର୍ଥନୀତି

ଭାରତର ଅର୍ଥନୀତି ଏକ ବିପରୀତ ଚିତ୍ର ଉପସ୍ଥାପନ କରେ । ଗୋଟିଏ ପଟେ ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ଆମେ ଅନେକ ଆଶାବାଦୀ ହେଇପଡୁଥିବା ବେଳେ ଅନ୍ୟପଟେ ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଯୁବକଯୁବତୀମାନେ ଚାକିରି ପାଇଁ ସଂଘର୍ଷ କରୁଛନ୍ତି । ଲୋକସଭା ନିର୍ବାଚନ ପାଇଁ ବ୍ୟସ୍ତବହୁଳ ପ୍ରଚାର ମଧ୍ୟରେ ଦେଶ ଅର୍ଥନୀତିର ସ୍ଥିତିକୁ ନେଇ ଅନେକ ସମୟରେ ପରସ୍ପରର ବିରୋଧୀ କାହାଣୀ ଶୁଣିବାକୁ ମିଳୁଛି । ସରକାରୀ ଦଳ ଦେଶର ଅର୍ଥନୀତି ଉପରେ ସକାରାତ୍ମକ ଟିପ୍ପଣୀ ଦେଉଥିବାବେଳେ ବିରୋଧୀ ନକାରାତ୍ମକ ଟିପ୍ପଣୀ ଦେବାରେ ଲାଗିଛନ୍ତି । ବିଭିନ୍ନ ଆନ୍ତର୍ଜାତୀୟ ସଂସ୍ଥାଙ୍କ କହିବା ଅନୁସାରେ, ବିଶ୍ୱ ଅର୍ଥନୀତିର ଅସ୍ଥିରତା ସତ୍ତ୍ୱେ ଭାରତର ଅର୍ଥନୀତି ଆଶା କରାଯାଉଥିବା ଠାରୁ ଭଲ କରୁଛି ଏବଂ ଏହି ଧାରା ଜାରିରହିବ ବୋଲି ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଆଶାବ୍ୟକ୍ତ କରିଛନ୍ତି । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଦ୍ୱିତୀୟ ଅଗ୍ରୀମ ଆକଳନ ପୂର୍ଣ୍ଣ ବର୍ଷ ପାଇଁ ୭.୬ ପ୍ରତିଶତ ଅଭିବୃଦ୍ଧି ହେବା ନେଇ ଆକଳନ କରିଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ରିଜିଓନାଲ ଇକୋନୋମିକ ଆଉଟ୍‌ଲୁକ ରିପୋର୍ଟ ଅନୁଯାୟୀ ଭାରତ ବାରମ୍ବାର ସକାରାତ୍ମକ ଅଭିବୃଦ୍ଧିର ଉତ୍ସ ହୋଇପାରିଛି । ଚଳିତ ବର୍ଷ ମଧ୍ୟ ଅଭିବୃଦ୍ଧି ଗତିଶୀଳ ହେବ ବୋଲି ଆଶା କରାଯାଉଛି । ସମ୍ପ୍ରତି ବିଶ୍ୱ ଅର୍ଥନୈତିକ ପରିସ୍ଥିତି ଅନୁସାରେ, ଆଇଏମ୍‌ଏଫ୍ ଆର୍ଥିକ ବର୍ଷ ୨୦୨୪–୨୫ରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୬.୮ ପ୍ରତିଶତ ହେବ ବୋଲି ଆକଳନ କରିଛି ଯାହା ପୂର୍ବରୁ ୬.୫ ପ୍ରତିଶତ ହେବ ବୋଲି କୁହାଯାଇଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ଅର୍ଥନୈତିକ ଅଭିବୃଦ୍ଧି ଭଲ ହେବ ବୋଲି ଆଶା କରିଛନ୍ତି । ମୁଦ୍ରା ନୀତି କମିଟି ବୈଠକରେ ଏହା ୭ ପ୍ରତିଶତ ଅଭିବୃଦ୍ଧିର ଆକଳନ କରିଛି । ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ ମଧ୍ୟ ଚଳିତ ବର୍ଷ ଅଭିବୃଦ୍ଧିର ଆନୁମାନିକ ମୂଲ୍ୟକୁ ୭ ପ୍ରତିଶତକୁ ବୃଦ୍ଧି କରିଥିବାବେଳେ ବିଶ୍ୱ ବ୍ୟାଙ୍କ ଅର୍ଥନୀତିକୁ ଦକ୍ଷିଣ ଏସିଆ ବିକାଶ ପରିପ୍ରେକ୍ଷୀରେ ୬.୬ ପ୍ରତିଶତକୁ ହ୍ରାସ କରିବାକୁ ସ୍ଥିର କରିଛ । ରେଟିଂ ଏଜେନ୍ସି କ୍ରିସିଲ ଆଶାକରିଛି ଯେ' ଅଭିବୃଦ୍ଧି ହାର ୬.୮ ପ୍ରତିଶତ ହେବ । ଏହି ସବୁ ଆକଳନ ଅନୁସାରେ, ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତରୁ ୭ ପ୍ରତିଶତ ମଧ୍ୟରେ ରହିବା ନେଇ ଆଶା କରାଯାଉଛି, ଯାହା ସ୍ପଷ୍ଟ କରିଛି ଯେ' ଭାରତୀୟ ଅର୍ଥନୀତି ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ଉଭା ହେବ । ତଥାପି, ବଢୁଥିବା ବେକାରୀ ସମସ୍ୟା ଚିନ୍ତାର କାରଣ ହେବାରେ ଲାଗିଛି । ଅନ୍ତର୍ଜାତୀୟ ଶ୍ରମ ସଂଗଠନର ସଦ୍ୟତମ ତଥ୍ୟ ଅନୁଯାୟୀ ମୋଟ ବେକାରୀ ସଂଖ୍ୟା ମଧ୍ୟରେ ଶିକ୍ଷିତ ଯୁବକମାନଙ୍କର ଅଂଶ ୨୦୦୦ ରେ ୫୪.୨ ପ୍ରତିଶତରୁ ୨୦୨୨ରେ ୬୫.୭ ପ୍ରତିଶତକୁ ବୃଦ୍ଧି ପାଇଛି । ୨୦୧୪ ମସିହାରୁ ପ୍ରକୃତ ମଜୁରୀରେ ମଧ୍ୟ କୌଣସି ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇନାହିଁ । ଦେଶ ଏହାର ଜନସଂଖ୍ୟାର ଏକ ବୃହତ ଅଂଶ ଅର୍ଥାତ ଯେଉଁମାନେ କାମ କରିବାର ବୟସରେ ଅଛନ୍ତି, ସେମାନଙ୍କର ସଠିକ ଉପଯୋଗ କରିପାରୁ ନାହିଁ । ବେରୋଜଗାର ସମସ୍ୟା ହେଉଛି ଦେଶ ପାଇଁ ଗୋଟିଏ ବଡ ସମସ୍ୟା ଯାହାର ସମାଧାନ ନିଯୁକ୍ତି ଏବଂ ନିଯୁକ୍ତି ସୃଷ୍ଟି ଉପରେ ଅନେକଟା ନିର୍ଭର କରେ । ସେହିପରି ଶିକ୍ଷା, ବ୍ୟବସାୟ ପାଇଁ ଉତ୍ତମ ପରିବେଶ ଓ ପରିସ୍ଥିତି ସୃଷ୍ଟି କରିବା ଓ ଯୁବ ସମାଜକୁ ଏ ନେଇ ମାନସିକ ସ୍ତରରେ ପ୍ରସ୍ତୁତ କରିବା ସହ ଭିତ୍ତିଭୂମିର ବିକାଶ, ବେକାରୀ ସମସ୍ୟା ଲାଘବ କରିବାରେ ଅନେକଟା ସାହାଯ୍ୟ କରିବ ବୋଲି ଆମେ ସମସ୍ତେ ଜାଣିଛେ ଏବଂ ଏହା ଉପରେ ଆଲୋଚନା କରୁଛେ, କିନ୍ତୁ ସେହି ଅନୁସାରେ କାର୍ଯ୍ୟ କିଛି ଆଗେଇ ପାରୁନାହିଁ । ଜିଡିପିରେ ଉତ୍ପାଦନର ଅଂଶ ଯାହାଥିଲା ତାହା ଏବେ ମଧ୍ୟ ସ୍ଥିର ରହୁଛି । କେତେକ ପ୍ରୋତ୍ସାହନ ନୀତି ସତ୍ତ୍ୱେ ବିଗତ ଏକ ଦଶନ୍ଧି ମଧ୍ୟରେ ସ୍ଥିର ରହିଛି । ଏଠାରେ ବୃହତ ଶିଳ୍ପର ଅଭାବ ରହିଛି ଏବଂ ଭାରତର ଜନସଂଖ୍ୟାର ଅର୍ଦ୍ଧେକ ସେମାନଙ୍କ ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି – ଯାହା ଦିନକୁ ଦିନ ଲାଭଜନକ ହେଇପାରୁନାହିଁ । ସାମଗ୍ରିକ ବ୍ୟକ୍ତିଗତ ଖର୍ଚ୍ଚର ଅଭିବୃଦ୍ଧି ଯାହା ଜିନିଷ କିଣିବାରେ ଲୋକମାନେ ଖର୍ଚ୍ଚ କରୁଥିବା ଅର୍ଥ, ଏବେମଧ୍ୟ ୩ ପ୍ରତିଶତ ରହିଛି ଯାହା ୨୦ ବର୍ଷ ମଧ୍ୟରେ ସବୁଠାରୁ କମ୍ ଅଟେ । ପ୍ରତିବର୍ଷ ଶ୍ରମଶକ୍ତିରେ ପ୍ରବେଶ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ପାଇଁ ଅଧିକ ଉତ୍ପାଦନକାରୀ ସଂସ୍ଥା ସୃଷ୍ଟି କରିବା ଉପରେ ସରକାର ପାଇଁ ପ୍ରାଥମିକତା ହେବା ଉଚିତ । ନିଯୁକ୍ତି ଓ ବେରୋଜଗାରୀ ସମସ୍ୟାର ସମାଧାନ ନୂଆ ସରକାରଙ୍କ ପାଇଁ ସବୁଠାରୁ ବଡ ଆହ୍ୱାନ ହେବ ଏବଂ ସରକାର ମଧ୍ୟ ଏହା ଉପରେ ଯଥେଷ୍ଟ ଧ୍ୟାନ ଦେବା ଉଚିତ, ନଚେତ୍ ଅର୍ଥନୈତିକ ଅଭିବୃଦ୍ଧିର କିଛି ଗୁରୁତ୍ୱ ରହିବ ନାହିଁ ।

# ଭବିଷ୍ୟତର ବିପଦ

ବିଶ୍ୱରେ କ୍ରମାଗତ ଭାବରେ ତାପମାତ୍ରା ବଢ଼ିବାରେ ଲାଗିଛି, ଯାହା ବର୍ତ୍ତମାନ ସମୟରେ ସବୁଠାରୁ ବଡ ଖବର ଏବଂ ମାନବ ସମାଜ ଠାରୁ ଆରମ୍ଭକରି, ଜୀବଜନ୍ତୁ, ଗଛପତ୍ର, ଜଳ, ସ୍ଥଳ ସବୁକିଛି ପ୍ରଭାବିତ ହେବାରେ ଲାଗିଛି । ଜୀବନ ଓ ଜୀବିକା ଉଭୟ ବିପଦରେ । ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ଏବଂ ଏହା ବିଶ୍ୱର ବିଭିନ୍ନ ଅଂଶକୁ କିପରି ପ୍ରଭାବିତ କରିବ ସେ ସମ୍ବନ୍ଧରେ ଭବିଷ୍ୟବାଣୀ କରାଯାଇଛି ଏବଂ କରାଯାଉଛି ମଧ୍ୟ ଯାହା ଆମ ସମସ୍ତଙ୍କୁ ଚିନ୍ତା କରିବାକୁ ବାଧ୍ୟ କରୁଛି । ସବୁ ସ୍ତରରେ ଏ ନେଇ ଆଲୋଚନା ହେଉଛି । ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ନେଇ ନୂଆ ନୂଆ ତଥ୍ୟ ପ୍ରକାଶ ହେବାରେ ଲାଗିଛି । ବୈଜ୍ଞାନିକଙ୍କ ଦ୍ୱାରା ଭାରତ ମହାସାଗର ଉପରେ ଗୋଟିଏ ଭବିଷ୍ୟବାଣୀ କରାଯାଇଛି ଯାହା ଆମକୁ ବିଶେଷ ଭାବରେ ଭୟଭୀତ କରିବ । କାରଣ ଆମେ ଏହାର ଉପକୂଳରେ ଅଛୁ ପୁନେର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜିର ଜଳବାୟୁ ବୈଜ୍ଞାନିକ ରକ୍ସି ମାଥ୍ୟୁ କୋଲ୍‌ଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଆସନ୍ତା ଦଶନ୍ଧି ମଧ୍ୟରେ ଭାରତ ମହାସାଗରରେ ଜଳର ଉପରିଭାଗ ୧.୪ ଡିଗ୍ରୀ ସେଲସିୟସ୍‌ରୁ ୩ ଡିଗ୍ରୀ ସେଲସିୟସ୍ ଗରମ ହୋଇପାରେ । ଏହା ସ୍ଥାୟୀ ହିଟ ୱେଭ ଅବସ୍ଥା ବୋଲି କୁହାଯାଉଛି । ସାମୁଦ୍ରିକ ହିଟ ୱେଭ ବର୍ତ୍ତମାନ ବର୍ଷକୁ ୨୦ ଦିନରୁ ଶତାବ୍ଦୀର ଶେଷ ସୁଦ୍ଧା ୨୨୦–୨୫୦ ଦିନକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଉଷ୍ମତା ସମୁଦ୍ର ପୃଷ୍ଠରେ ସୀମିତ ରହିବ ନାହିଁ । ଏହା ୨,୦୦୦ ମିଟର ଗଭୀରତା ଉପରେ ପ୍ରଭାବ ପକାଇବ । ତାପମାତ୍ରାର ବୃଦ୍ଧି ମୌସୁମୀ ଠାରୁ ଆରମ୍ଭ କରି ସମୁଦ୍ରର ପରିବେଶ ପର୍ଯ୍ୟନ୍ତ ଏବଂ ସାମୁଦ୍ରିକ ଜୀବ ଓ ସମୁଦ୍ର ସହିତ ଜଡିତ ସମସ୍ତ ବିଷୟ ଉପରେ ପ୍ରଭାବ ପକାଇବ । ଘୂର୍ଣ୍ଣିବଳୟ ଏବଂ ଅତ୍ୟଧିକ ବୃଷ୍ଟିପାତ ପରି ଚରମ ପାଣିପାଗ ଘଟଣା ସାଧାରଣ ହେବ ଏବଂ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଆରବ ସାଗର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବ । ସମୁଦ୍ର ପତ୍ତନ ବୃଦ୍ଧି ପାଇବ ଏବଂ ଆମର ଉପକୂଳର ଏକ ବଡ ଅଂଶ ସମୁଦ୍ର ଦ୍ୱାରା ଧୋଇ ହୋଇ ଯାଇପାରେ । ଅଧ୍ୟୟନ ଅନ୍ୟାନ୍ୟ ବିଭିନ୍ନ ବିବରଣୀ ଦେଇଛି ଏବଂ ଏମିତି ଏକ ପରିସ୍ଥିତିକୁ ଆକଳନ କରିଛି ଯାହା ବର୍ତ୍ତମାନ ପର୍ଯ୍ୟନ୍ତ କଳ୍ପନା କରାଯାଇଥିବା ପରିସ୍ଥିତି ଠାରୁ ଯଥେଷ୍ଟ ଅଧିକ । ଭାରତ ମହାସାଗର କୂଳରେ ୪୦ ଟି ଦେଶ ଅଛି ଏବଂ ସେଠାରେ ବିଶ୍ୱର ଏକ ତୃତୀୟାଂଶ ଲୋକ ବାସ କରନ୍ତି । ଏକ ଉତ୍ତପ୍ତ ଭାରତ ମହାସାଗର ସେମାନଙ୍କ ତଥା ବିଶ୍ୱର ସମସ୍ତ ଲୋକଙ୍କ ଆର୍ଥିକ ତଥା ସାମାଜିକ ଜୀବନକୁ ପ୍ରଭାବିତ କରିବ । ଜଳବାୟୁ ପରିବର୍ତ୍ତନ ଭବିଷ୍ୟତର ବିପଦ ନୁହେଁ । ଏହା ପୂର୍ବରୁ ଘଟିଛି ଏବଂ ଏବେ ମଧ୍ୟ ଘଟୁଛି , ଯାହାର ଅନୁଭବ ଆମେ ସମସ୍ତେ କରୁଛେ । ବଙ୍ଗୋପସାଗର ଏବଂ ଆରବ ସାଗର ବର୍ତ୍ତମାନ ତାହା ନାହିଁ ଯାହା ଏକ ଦଶନ୍ଧି ପୂର୍ବରୁ ଥିଲା । ମୋଟାମୋଟି ଭାବରେ ଏହା କୁହାଯାଇପାରେ ଯେ' ଜଳବାୟୁର ପରିବର୍ତ୍ତନ ଆମର ଜଳ, ସ୍ଥଳ, ବାୟୁକୁ ପ୍ରଭାବିତ କରିବାରେ ଲାଗିଛି, ଯାହା ସାରା ବିଶ୍ୱକୁ ପ୍ରଭାବିତ କରିଚାଲିଛି ଏବଂ ଆଗାମୀ ଦିନରେ ଆହୁରି ଭୟଙ୍କର ଭାବରେ ପ୍ରଭାବିତ କରିବ । ତେଣୁ, ଏହି ଅବସ୍ଥା ବା ପରିସ୍ଥିତିରୁ ସାରା ବିଶ୍ୱକୁ ସୁରକ୍ଷିତ ରଖିବା ପାଇଁ, ଆମକୁ ଯତ୍ନବାନ ହେବା ଜରୁରୀ ।

# ରକ୍ତ ହିଁ ଜୀବନ ବିନ୍ଦୁ

**ଡ.ଇଂ.ସଞ୍ଜୀୟ କୁମାର ପଣ୍ଡା**

ରକ୍ତ ଏପରି ଏକ ଦିବ୍ୟ ଦତ୍ତ ଦୁର୍ଲଭ ବସ୍ତୁ ଯାହାକୁ ଏବେ ସୁଦ୍ଧା ମାନବବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ତିଆରି କରି ପାରୁନାହିଁ । ଏଣୁ ରକ୍ତର ଆବଶ୍ୟକତା କେତେ, ତାହା ସହଜେ ଅନୁମେୟ । ଏହି ଆବଶ୍ୟକତା ପରିପୂର୍ଣ୍ଣ କରିବାକୁ ହେଲେ ରକ୍ତଦାନ ହିଁ ଏକମାତ୍ର ପନ୍ଥା । ସୁସ୍ଥ ସମାଜର ସ୍ୱପ୍ନ ସାକାର କରିବାକୁ ହେଲେ ଶରୀର, ପରିବେଶ ଆଦିର ସୁସ୍ଥତା ନିତାନ୍ତ ଆବଶ୍ୟକ । ଶରୀର ସୁସ୍ଥ ରଖିଲେ ହିଁ ଅନ୍ୟ ଜଣକୁ ରକ୍ତଦାନ କରି ଜୀବନ ବଞ୍ଚାଯାଇ ପାରିବ । ଏଣୁ ସ୍ୱଚ୍ଛ, ନିର୍ମଳ ଓ ପ୍ରଦୂଷଣ ମୁକ୍ତ ପରିବେଶରେ ପ୍ରାଣୀ ଓ ଉଦ୍ଭିଦ ଜଗତର ସମତୁଲ ସହ ଭାଗିତାରେ ମନୁଷ୍ୟର ଶାରିରୀକ ସୁସ୍ଥତାକୁ ସଂଯୋଜିତ କରାଯାଇପାରେ । ନିଜକୁ ସୁସ୍ଥ ରଖି ଜରୁରୀ ସମୟରେ ରକ୍ତଦାନ କରିବାର ମନୋବୃତ୍ତି ରହିଲେ, ରକ୍ତଦାନ ମହତଦାନକୁ ଏକ ସାମାଜିକ ବିପ୍ଳବରେ ପରିଣତ କରାଯାଇପାରିବ ।

ଅତୀତରେ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ରେଡକ୍ରସ ଓ ରେଡ୍ କ୍ରେସେଣ୍ଟ, ମାନବୀୟ ଆନ୍ଦୋଳନର ବର୍ତ୍ତମାନ ୧୬୦ ଲକ୍ଷ ସ୍ୱେଚ୍ଛାସେବୀ, ସଦସ୍ୟ ଓ ଅନେକ ରାଷ୍ଟ୍ର, ସଂଯୁକ୍ତ ରାଷ୍ଟ୍ରର ସଦସ୍ୟତାରେ ସାରା ବିଶ୍ୱରେ କାର୍ଯ୍ୟରତ । ଏହାର ମୂଳ ଲକ୍ଷ୍ୟ ହେଲା ମାନବୀୟ ଜୀବନ ଓ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଜନ୍ ହେନ୍‌ରୀ ଡୁନାଣ୍ଟ୍ ନାମକ ଏକ ସୁଇଜରଲାଣ୍ଡ ବ୍ୟବସାୟୀ ନିଜର ବ୍ୟବସାୟ ଅଭିବୃଦ୍ଧି ନିମିତ୍ତ ତତ୍କାଳୀନ ଫରାସୀ ସମ୍ରାଟ ନେପୋଲିୟନ (ତୃତୀୟ) ଙ୍କୁ ଖ୍ରୀ ୧୯୫୩ରେ ଇଟାଲୀରେ ସାକ୍ଷାତ କରିବାକୁ ଆସିଥିଲେ । ଏହି ସମୟରେ ଇଟାଲୀ ଫରାସୀ ଶାସନାଧିନ ଥିଲା। ୨୪,ଜୁନ୍,୧୮୫୯ ମସିହାରେ ଇଟାଲୀ ଏକ କ୍ଷୁଦ୍ର ସହର ସୋଲ୍‌ଫେରିନୋରେ ନେପୋଲିୟନ (ତୃତୀୟ)ଙ୍କ ସାହାଯ୍ୟରେ ଅଷ୍ଟ୍ରିଆ ସାର୍ଡାନିଆନ୍ ସହ ଯୁଦ୍ଧ କରିଥିଲା । ଏହି ଯୁଦ୍ଧରେ ଏକ ଦିବସରେ ଅନ୍ୟୁନ ୪୦,୦୦୦ ସୈନ୍ୟ ମୃତ କିମ୍ବା ଆହତ ହେଲେ ଓ ଯୁଦ୍ଧ ଭୂମିରେ ଇତସ୍ତତଃ ହୋଇ ପଡି ରହିଥିଲେ । ହେନ୍‌ରୀ ଡୁନାଣ୍ଟ୍ ଏହି ହୃଦୟ ବିଦାରକ ଦୃଶ୍ୟକୁ ଦେଖି ମ୍ରିୟମାଣ ହୋଇଗଲେ ଓ ନିଜର ବ୍ୟବସାୟ ଲକ୍ଷ୍ୟକୁ ଭୁଲିଯାଇ ଆଗାମୀ କିଛିଦିନ ପର୍ଯ୍ୟନ୍ତ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଏମାନଙ୍କ ସେବା କରିବାକୁ ଲାଗିଲେ ।

ଏହାପରେ ନିଜର ସହର ଜେନେଭାକୁ ପ୍ରତ୍ୟାବର୍ତ୍ତନ କରି 'ଏ ମେମୋରି ଅଫ୍ ସୋଲ୍‌ଫେରିନୋ' ନାମରେ ଏକ ପୁସ୍ତକ ଖ୍ରୀ ୧୮୬୨ରେ ଲେଖିଥିଲେ । ଖ୍ରୀ ୧୮୬୩ରେ ଉପର ବର୍ଣ୍ଣିତ ପାଞ୍ଚଜଣଙ୍କୁ ନେଇ ଏକ କମିଟି ଗଠନ କଲେ । ଏହି ନୂତନ ସଂସ୍ଥାର ନାମ ଥିଲା 'ଇଣ୍ଟରନେସ୍‌ନାଲ୍ କମିଟି ଫର୍ ରିଲିଫ୍ ଟୁ ଉଣ୍ଡେଡ୍' ଓ ଏହାର ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ୨୬–୨୯, ଅକ୍ଟୋବର, ୧୮୬୩ରେ ଜେନେଭାରେ ଆୟୋଜିତ କରାଯାଇଥିଲା । ଏହାର ଏକ ବର୍ଷ ପରେ ସ୍ୱିଜରଲାଣ୍ଡ ସରକାରଙ୍କ ଆବାହକତ୍ୱରେ ଆମେରିକା, ବ୍ରାଜିଲ, ୟୁରୋପିଆନ୍ ୟୁନିୟନ ଆଦି ୧୬ଟି ଦେଶର ଯୋଗଦାନରେ ପ୍ରଥମ 'ଜେନେଭା କନ୍‌ଭେନସନ' ଆୟୋଜିତ ହୋଇ ରେଡକ୍ରସର ଆନ୍ଦୋଳନକୁ ବିଶ୍ୱସ୍ତରୀୟ ରୂପରେଖ ପ୍ରଦାନ କରାଗଲା ଓ ବିଭିନ୍ନ ଦେଶରେ ରେଡ୍‌କ୍ରସ୍ ଶାଖା ଉନ୍ମୋଚିତ ହେଲା ।

ଖ୍ରୀ ୧୯୦୧ରେ ଜୀନ ହେନେରୀ ଡୁନାଣ୍ଟଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଗଲା । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ରେଡକ୍ରସ୍ ସୋସାଇଟିର ଉଦ୍ୟମ ପ୍ରଶଂସନୀୟ । ବିଭିନ୍ନ ଦେଶର ସ୍ୱେଚ୍ଛାସେବୀ, ସେବିକାଙ୍କ ସହାୟତାରେ ସୈନିକମାନଙ୍କ ଚିକିତ୍ସା କରିବା ସହ ଯୁଦ୍ଧବନ୍ଦୀମାନଙ୍କ ସହ ତାଙ୍କ ପରିବାରଙ୍କ ଯୋଗସୂତ୍ର ରକ୍ଷା କରିପାରିଲା ରେଡକ୍ରସ୍ । ବିଶ୍ୱଯୁଦ୍ଧ ଶେଷବେଳକୁ ରେଡକ୍ରସ୍ ଦ୍ୱାରା ଗଠିତ ଯୁଦ୍ଧବନ୍ଦୀ ଏଜେନ୍ସି ଅନ୍ୟୁନ ଦୁଇକୋଟି ଚିଠି, ୧୯ଲକ୍ଷ ପାର୍ସଲ ଦେଣନେଣ କରିଥିବାବେଳେ ଦୁଇକୋଟି ସ୍ୱିସ୍ ଫ୍ରାଙ୍କ ମୁଦ୍ରା ପ୍ରଭାବିତ ଦେଶମାନଙ୍କୁ ଦାନ କରିଥିଲା । ଏହା ସହ ଦୁଇଲକ୍ଷ ଯୁଦ୍ଧବନ୍ଦୀ ନିଜ ଦେଶକୁ ହସ୍ତାନ୍ତରିତ ହୋଇଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅନ୍ତର୍ଜାତୀୟ ରେଡକ୍ରସ୍ କମିଟି ପ୍ରଥମ ବିଶ୍ୱଯୁଦ୍ଧ ପରି ମାନବୀୟ ସେବା, ସହାୟତା ପ୍ରଦାନ କରିବା ସହ ଯୁଦ୍ଧବନ୍ଦୀମାନଙ୍କୁ ସ୍ୱଦେଶକୁ ହସ୍ତାନ୍ତରିତ କରିଥିଲା । ଯଦିଓ ନାଜୀ ସରକାର ଜର୍ମାନୀ ରେଡକ୍ରସକୁ ନିୟନ୍ତ୍ରଣ କରୁଥିବାରୁ ରେଡକ୍ରସ୍‌କୁ ବିଶେଷ ସୁବିଧା ମିଳି ନଥିଲା, ତଥାପି ରେଡକ୍ରସ୍ ଏହି ଯୁଦ୍ଧରେ ଅନ୍ୟୁନ୍ୟ ୧.୨ କୋଟି ଚିଠି ଆଦାନ ପ୍ରଦାନ କରିବା ସହ ୪୧ଟି ଦେଶରେ ଥିବା ଯୁଦ୍ଧ ବନ୍ଦୀ ଶିବିରକୁ ଗସ୍ତ କରିବାରେ ସକ୍ଷମ ହୋଇଥିଲା । ଜାପାନ ଓ ରୁଷିଆ ଜେନେଭା ସମ୍ମିଳନ, ୧୯୨୯ରେ ସଭ୍ୟ ନଥିବାରୁ ଏମାନଙ୍କ ସହଯୋଗ ମଧ୍ୟ ମିଳି ନ ଥିଲା । ତଥାପି ୧୯୪୪ରେ ପୁନଶ୍ଚ ଶାନ୍ତି ଓ ସେବା ପାଇଁ ଦ୍ୱିତୀୟ ନୋବେଲ ପୁରସ୍କାର ପାଇଥିଲା ରେଡକ୍ରସ ଓ ନିଜର ଶତବାର୍ଷିକୀରେ ଖ୍ରୀ ୧୯୬୩ରେ ପୁନଶ୍ଚ ତୃତୀୟ ନୋବେଲ ପୁରସ୍କାର ପାଇଥିଲା ଆନ୍ତର୍ଜାତୀୟ ରେଡକ୍ରସ କମିଟି ।

ଠିକ୍ ସେହିପରି ଏକବିଂଶ ଶତାବ୍ଦୀରେ ଆଫଗାନିସ୍ତାନ ବିଦ୍ରୋହ ସମୟରେ ବୋମାମାଡ, ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପୀଡିତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରିଥିଲା । ନାଟୋଦେଶ ଆଫଗାନିସ୍ତାନ ଛାଡିବା ପରେ ମଧ୍ୟ ରେଡକ୍ରସ୍ ସେଠାରେ ରହି ହାରାହାରି ୪୦୦୦୦ ଆହତ ସୈନ୍ୟଙ୍କ ଓ ସାଧାରଣ ଜନତାଙ୍କ ସେବା କରିବାରେ ସକ୍ଷମ ହୋଇଥିଲା ।

ଖ୍ରୀ ୨୦୨୩ରେ ରୁଷିଆ ଓ ୟୁକ୍ରେନ ଯୁଦ୍ଧରେ ମଧ୍ୟ ଆନ୍ତର୍ଜାତୀୟ ରେଡକ୍ରସ୍ ସୋସାଇଟିର ଭୂମିକା, ସୈନ୍ୟ ଓ ସାଧାରଣ ଜନତାଙ୍କ ସେବା କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ । 'ଅନ୍ତର୍ଜାତୀୟ କମିଟି ରେଡକ୍ରସ' ଏକ ନିରପେକ୍ଷ, ସନ୍ତୁଳିତ ଓ ସ୍ୱାଧୀନ ସଙ୍ଗଠନ ଅଟେ । ଯିଏ କି ସାଧାରଣ ଜନତାଙ୍କ ଜୀବନ ଓ ସ୍ୱାଭିମାନକୁ ସୁରକ୍ଷା ପ୍ରଦାନ କରିଥାଏ । ଏହାର ମୁଖ୍ୟ ଦାୟିତ୍ୱ ହେଲା ଯୁଦ୍ଧବନ୍ଦୀଙ୍କୁ ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବା, ହଜିଯାଇଥିବା ସୈନ୍ୟଙ୍କୁ ଉଦ୍ଧାର, ସାଧାରଣ ଜନତାଙ୍କ ସେବା ଓ ସୁରକ୍ଷା ଓ ଯୁଦ୍ଧ ପ୍ରପୀଡିତ ଦେଶଙ୍କ ମଧ୍ୟରେ ମଧ୍ୟସ୍ଥତା ଆଦି ପ୍ରଦାନ କରିବା ।

ଭାରତରେ ଖ୍ରୀ ୧୯୨୦ରେ ପାର୍ଲାମେଣ୍ଟରେ ଧାରା ୧୫ରେ ଇଣ୍ଡିୟାନ୍ ରେଡକ୍ରସ୍ ସୋସାଇଟି ପଞ୍ଜିକୃତ ହୋଇଛି । ସାରା ଭାରତବର୍ଷରେ ରେଡକ୍ରସ୍ ସୋସାଇଟିର ୧୨୦୦ ଶାଖା ରହିଛି । ଇଣ୍ଡିୟାନ ରେଡକ୍ରସ ସୋସାଇଟି ଆନ୍ତର୍ଜାତୀୟ ରେଡକ୍ରସ କମିଟି ଓ ରେଡ କ୍ରେସେଣ୍ଟ ଆନ୍ଦୋଳନର ସଦସ୍ୟ ଅଟେ । ରେଡକ୍ରସର ସାତୋଟି ପ୍ରମୁଖ ନିୟମ ରହିଛି ଯଥା – ମାନବିକତା, ନିରପେକ୍ଷତା, ସ୍ଥିରତା, ସ୍ୱାଧୀନତା, ସ୍ୱେଚ୍ଛାସେବୀ, ସଂଘବଦ୍ଧତା ଓ ବିଶ୍ୱଭାବନା ।

ଭାରତରେ ରେଡକ୍ରସ୍ ସୋସାଇଟି କେବଳ ରକ୍ତଦାନ ବା ସ୍ୱାସ୍ଥ୍ୟସେବାରେ ନିୟୋଜିତ ହୋଇନାହିଁ, ପରନ୍ତୁ ବନ୍ୟା, ବାତ୍ୟା, ଭୂମିକମ୍ପ, ଭୂସ୍ଖଳନ, ଅଗ୍ନି ବିପନ୍ନ, ମହାମାରୀ, ରାଷ୍ଟ୍ରୀୟ ବିପଦ, ଦୁର୍ଘଟଣା ଆଦି ସମାଜସେବା କ୍ଷେତ୍ରରେ ନିଜର ସହଭାଗୀତା ପ୍ରତିପାଦିତ କରି ପୀଡିତଙ୍କୁ ସୁଖ, ଶାନ୍ତି ଓ ସାହାଯ୍ୟ ପ୍ରଦାନ କରିପାରିଛି।

ଏକ ଆକଳନ ଅନୁଯାୟୀ ପ୍ରତି ହଜାରେ ଲୋକ ମଧ୍ୟରୁ ଅତିକମ୍‌ରେ ୩୬ଜଣ ସମ୍ପୂର୍ଣ୍ଣ ରକ୍ତଦାନ କଲେ ରକ୍ତର ଆବଶ୍ୟକତା ପୂରଣ ହୋଇପାରିବ । କିନ୍ତୁ କେବଳ ୩୩.୫ ଜଣ ପ୍ରତି ହଜାର ଯୋଗ୍ୟ ଜନସଂଖ୍ୟାରେ ରକ୍ତଦାନ କରୁଥିବାରୁ ରକ୍ତର ଅଭାବ ସହଜେ ଅନୁମେୟ । ଏହି କ୍ରମରେ ପ୍ରତ୍ୟେକ ଦିନ ପ୍ରାୟ ୩୦,୦୦୦ରୁ ଅଧିକ ରକ୍ତ ୟୁନିଟ୍ ସାରା ଭାରତର ଆବଶ୍ୟକତା ଅଟେ । ଅତଏବ ପ୍ରତ୍ୟେକ ବର୍ଷର ୫କୋଟି ୟୁନିଟ୍ ରକ୍ତର ଆବଶ୍ୟକତା ଥିବାବେଳେ କେବଳ ୨.୫କୋଟି ଆଦାୟ ହେଉଛି ।

ଓଡିଶାରେ ପ୍ରତ୍ୟେକ ବର୍ଷ ଅତିକମ୍‌ରେ ୪.୫ ଲକ୍ଷ ରକ୍ତ ୟୁନିଟ୍ ଆବଶ୍ୟକତା ଥିବାବେଳେ ୪.୩ ଲକ୍ଷ ରକ୍ତ ୟୁନିଟ୍ ସଂଗ୍ରହ ହୋଇପାରୁଛି । ଅନ୍ୟ ଏକ ଅନୁଶୀଳନରୁ ଜ୍ଞାତ ହୁଏ ଯେ ପ୍ରାୟ ଏକ ଲକ୍ଷ ରକ୍ତଦାତା ବର୍ଷକୁ ଥରେ ମାତ୍ର ରକ୍ତଦାନ କରୁଥିବା ବେଳେ ଏହାର ଦଶ ପ୍ରତିଶତ ବର୍ଷରେ ଏକାଧିକ ଥର ରକ୍ତଦାନ କରିଥାନ୍ତି । ଏଣୁ ରକ୍ତଦାନର ଆବଶ୍ୟକତା ଓ ଗମ୍ଭିରତା ସମସ୍ତ ଯୁବ ସମାଜ, ରକ୍ତଦାତା ହୃଦୟଙ୍ଗମ କରିବା ଆବଶ୍ୟକ ।

ସାରା ଭାରତରେ ପ୍ରତି ଦୁଇ ସେକେଣ୍ଡରେ ଏକ ରକ୍ତ ୟୁନିଟ୍‌ର ଆବଶ୍ୟକତା ରହିଛି । ଏକ ପୂର୍ଣ୍ଣ ରକ୍ତ ୟୁନିଟ୍ ସାଧାରଣତଃ ବିଭାଜିତ କରାଯାଇ ତିନିଜଣଙ୍କ ଜୀବନ ବଞ୍ଚାଯାଇଥାଏ । ସିକିଲ୍ ସେଲ୍ ବା ରକ୍ତ ଶୀକୁଳି କର୍କଟ ଆଦି ରୋଗାକ୍ରାନ୍ତ ପାଇଁ ରକ୍ତର ଯଥେଷ୍ଟ ଆବଶ୍ୟକତା ଥାଏ । ୩୫ ପ୍ରତିଶତ ଲୋକଙ୍କ ରକ୍ତ ବର୍ଗ 'ଓ' ଯୁକ୍ତ ରହିଥାଏ ଓ ୭ ପ୍ରତିଶତ ଲୋକଙ୍କ 'ଓ' ବିଯୁକ୍ତ ବର୍ଗ ରହିଥାଏ । 'ଓ' ଗ୍ରୁପ ରକ୍ତର ଯଥେଷ୍ଟ ଚାହିଦା ରହିଛି କାରଣ ଏହାର ଲୋହିତ ରକ୍ତ କଣିକା ସମସ୍ତ ବର୍ଗର ରୋଗୀ ଗ୍ରହଣ କରିପାରନ୍ତି । ସେହିପରି 'ଏବି ଯୁକ୍ତ' ପ୍ଲାଜ୍‌ମା ସମସ୍ତ ରକ୍ତବର୍ଗର ରୋଗୀଙ୍କୁ ପ୍ରଦାନ କରାଯାଉଥିବାରୁ ଏହାର ପ୍ରବଳ ଅଭାବ ପରିଲକ୍ଷିତ ହୁଏ । ସୂଚନାଯୋଗ୍ୟ ଯେ ୦.୪ ପ୍ରତିଶତ ଲୋକଙ୍କ ରକ୍ତ ବର୍ଗ 'ଏବି ଯୁକ୍ତ' ରହିଥାଏ । ଭାରତୀୟ ରେଡକ୍ରସ୍ ସୋସାଇଟି ସହ ରକ୍ତଦାତା ପ୍ରବର୍ତ୍ତକ ସଂଘ ଆଦି ଅନେକ ଅନୁଷ୍ଠାନ ରକ୍ତଦାନକୁ ଏକ ସାମାଜିକ ଆନ୍ଦୋଳନ ଭାବେ ଗ୍ରହଣ କରି ନିୟମିତ ରକ୍ତଦାନକୁ ଗୁରୁତ୍ୱ ଦେଉଥିବାବେଳେ ନୂତନ ରକ୍ତଦାତା ସୃଷ୍ଟି କରିବାରେ ଅନବରତ ଚେଷ୍ଟା ଜାରି ରଖିଛନ୍ତି ।

ଜଣେ ସ୍ୱାସ୍ଥ୍ୟବାନ ପୁରୁଷ ନିଜର ଶରୀର ଓଜନର ସାତ ପ୍ରତିଶତ ରକ୍ତଦାନ କରିପାରିବ । ଏହା ତିନିମାସ ମଧ୍ୟରେ ଶରୀରରେ ପ୍ରସ୍ତୁତ ହୋଇଯାଇଥାଏ । ତଥାପି ପ୍ରତ୍ୟେକ ପୁରୁଷ ପ୍ରତି ତିନିମାସରେ ଓ ସ୍ତ୍ରୀ ପ୍ରତି ଛ' ମାସରେ ଥରେ ସୁରକ୍ଷିତ ରକ୍ତଦାନ କରିପାରିବେ । ଗୋଟିଏ ରକ୍ତ ୟୁନିଟ୍‌କୁ ବିଭାଜିତ କଲେ ଲୋହିତ ରକ୍ତ କଣିକା, ପ୍ଲାଜ୍‌ମା, ପ୍ଲେଟ୍‌ଲେଟ୍ ଓ କ୍ରାୟୋପ୍ରେସିପିଟେଟ୍ ଆଦି ଚାରୋଟି ଉପାଦାନ ମିଳିଥାଏ । ଯାହାକି ପୃଥକ ପୃଥକ ଭାବେ ରୋଗୀର ଆବଶ୍ୟକତା ଅନୁଯାୟୀ ପ୍ରଦାନ କରାଯାଇପାରେ । ଏଣୁ ଜଣେ ରକ୍ତଦାତା ଯଦି ଚାହିଁବେ ସମ୍ପୂର୍ଣ୍ଣ ରକ୍ତ ୟୁନିଟ୍ କିମ୍ବା ନିର୍ଦ୍ଦିଷ୍ଟ ରକ୍ତ ଉପାଦାନ ଦାନ କରି ଜନସେବାରେ ବ୍ରତୀ ହୋଇପାରିବେ । ଏହି ରକ୍ତଦାନ ପ୍ରାପ୍ତ ବୟସରେ ଆରମ୍ଭ କରି ପଞ୍ଚଷଠୀ ବର୍ଷ ପର୍ଯ୍ୟନ୍ତ ସୁସ୍ଥ ଶରୀରରେ କରାଯାଇପାରିବ ଓ ରକ୍ତଦାତାଙ୍କ ସର୍ବନିମ୍ନ ଓଜନ ୫୦ କେଜି ଓ ଲୋହିତ ରକ୍ତ କଣିକା ୧୨.୫ ମାନକ ରହିବା ବିଧେୟ ।

କହିବା ବାହୁଲ୍ୟ ଯେ ନିୟମିତ ରକ୍ତଦାନ କଲେ ଶରୀର ସୁସ୍ଥ ରହିବା ସହ ଓଜନ ଓ କୋଲେଷ୍ଟ୍ରୋଲ ମାତ୍ରା ନିୟନ୍ତ୍ରିତ ହେବା ସହ ରକ୍ତଚାପ, ମଧୁମେହ ରୋଗ କମ୍ ହୋଇଥାଏ । ଜଣଙ୍କର ଜୀବନ ବଞ୍ଚାଇବାର ଆତ୍ମତୃପ୍ତି ଦିବ୍ୟ ଓ ଭବ୍ୟ। ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ସମସ୍ତେ ରକ୍ତଦାନ ପାଇଁ ଆଗଭର ହୋଇ ରାଷ୍ଟ୍ରସେବାରେ ବ୍ରତୀ ହେବା ସହ ପୀଡିତ ମୁଖରେ ହସ ଫୁଟାଇବାର ସୁଯୋଗ କର ଛଡା କରିବା କଥା ନୁହେଁ । ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନବରତ ରକ୍ତଦାନ ଶିବିର ଆୟୋଜନ କରାଇବା ଉଚିତ୍ । ଇଣ୍ଡିୟାନ୍ ରେଡକ୍ରସ୍ ସୋସାଇଟିକୁ ମୁକ୍ତ ହସ୍ତରେ ଦାନ କରିବା ସହ ରକ୍ତ ବିନ୍ଦୁ ହିଁ ଜୀବନ ବିନ୍ଦୁର ଆନ୍ଦୋଳନରେ ସାମିଲ ହେଲେ ଭାରତ ତଥା ବିଶ୍ୱରେ ରକ୍ତର ଅଭାବ ରହିବ ନାହିଁ । ରକ୍ତ ହିଁ ରକ୍ତର ସମ୍ପର୍କ ସୃଷ୍ଟି କରିପାରେ । ଆଜିର ଅଣୁ ପରିବାର ପରିବେଶରେ ଅନ୍ୟର ଶରୀରରେ ନିଜ ରକ୍ତର ପ୍ରବାହିତ କରାଇପାରିଲେ, ବୋଧହୁଏ ସୁଦୃଢ ଆତ୍ମୀୟ ଭାବ ଜାଗ୍ରତ ହେବା ସହ ସମ୍ପର୍କର ଶୃଙ୍ଖଳ ବୃଦ୍ଧି ହୋଇପାରିବ । ରକ୍ତ ହିଁ ଜୀବନ ବିନ୍ଦୁ ....... ରକ୍ତଦାନ ହିଁ ଜୀବନ ଦାନ ....... ଏହା ଧ୍ରୁବ ସତ୍ୟ । ଅନ୍ତର୍ଜାତୀୟ ରେଡକ୍ରସ କମିଟିର ପ୍ରତିଷ୍ଠାତା ଜନ ହେନେରୀ ଡୁନାଣ୍ଟଙ୍କ ଜନ୍ମ ଦିବସ ମେ ଆଠ ତାରିଖରେ ବିଶ୍ୱ ରେଡକ୍ରସ ଓ ରେଡ୍ କ୍ରେସେଣ୍ଟ ଦିବସ ଭାବେ ପାଳନ କରାଯାଏ ।

**ଇଣ୍ଡିୟାନ୍ ରେଡକ୍ରସ ସୋସାଇଟି, ବୌଦ୍ଧ**

# ବୟସ୍କ ପିତାମାତାଙ୍କ ଦୁଃଖ

**ରବିନାରାୟଣ ପଟ୍ଟନାୟକ**

ଚାକିରି ଜୀବନ ଯେତେବେଳେ ଯାଏଁ ଥାଏ ଜଣେ ବିଭିନ୍ନ ଲୋକଙ୍କ ସହିତ କଥା ବାର୍ତ୍ତା କରେ ଯାହା ଫଳରେ କି ନିଜ ମନ କଥା ବାଣ୍ଟିପାରେ । କିନ୍ତୁ ସେଇ ମଣିଷ ଯେତେବେଳେ ବୟସର ଶେଷ ସମୟରେ ପହଞ୍ଚେ ସେଇ ସମୟରେ ନିଜେ ନିଜର ଦୁଃଖ ମନ ଭିତରେ ରଖିବା ଛଡ଼ା ଆଉ କିଛି ଉପାୟ ନାହିଁ । ବର୍ତ୍ତମାନ ସମୟରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଜିନିଷ ଯଦି ମଣିଷ ଜୀବନରେ ଥାଏ ତା ହେଲେ ସେଇଟା ସମୟ । ଆଜି ଦିନରେ କାହା ପାଖରେ ସମୟ ନାହିଁ । କିନ୍ତୁ ସବୁଠୁ କଷ୍ଟ ସେତେବେଳେ ଲାଗେ ଯେତେବେଳେ ଜଣଙ୍କର ବୃଦ୍ଧ ବାପାମାଆଙ୍କ ପାଇଁ ମଧ୍ୟ ସମୟ ଦେବାକୁ ମଧ୍ୟ ସମୟର ଅଭାବ ଥାଏ ।

ପିତାମାତା ତାଙ୍କ ଜୀବନସାରା ବହୁ ପରିଶ୍ରମ କରିଥାନ୍ତି ଏହି ଆଶା ନେଇକି କି ଶେଷ ସମୟରେ ତାଙ୍କ ପିଲାମାନେ ତାଙ୍କ ପାଖରେ ରହିବେ । ତାଙ୍କ ସହିତ ଟିକେ ସୁଖ ଦୁଃଖ ଭଲରେ କଥା ହେବେ । କିନ୍ତୁ ଅନେକ କ୍ଷେତ୍ରରେ ତାଙ୍କର ଏହି ଆଶା ଆଶାରେ ହିଁ ରହିଯାଉଛି । ଯେତେବେଳେ ପିଲାମାନେ ଏହାକୁ ଅନୁଭବ କରୁଛନ୍ତି, ସେତେବେଳକୁ ବହୁ ଡେରି ହେଇଯାଉଛି ଯାହା ଫଳରେ କି ସେମାନେ ଫଟୋ ଭିତରୁ ନିଜ ବାପାମାଆଙ୍କୁ ଖୋଜୁଛନ୍ତି ଯାହାର କି ଆଉ କିଛି ମୂଲ୍ୟ ନଥାଏ ।

ଆଜିର ସମାଜ ଏକ ପ୍ରତିଯୋଗିତା ଭିତରେ ଧାଇଁଛି । କାହା ପାଇଁ ଆଜି କାହାର ସମୟ ନାହିଁ । ବୃଦ୍ଧ ବାପା ମାଆ ଚାହିଁଥିବେ କାମରୁ ଆସିଲା ପରେ ମୋ ସହିତ କିପରି ମୋ ପିଲାମାନେ ଟିକେ ସୁଖ ଦୁଃଖ ହେବେ । କିନ୍ତୁ ପିଲାମାନେ ଅନେକେ ବିଭିନ୍ନ ପ୍ରକାର ବାହାନା କରି ତାଙ୍କୁ ପ୍ରାୟ ଅଣଦେଖା କରୁଛନ୍ତି । ଯେତେବେଳେ କିଛି କଥା ବାପାମାଆ କହୁଛନ୍ତି 'ତୁମେ ଦୁନିଆଁ ବିଷୟରେ କିଛି ଜାଣିନ' ଏହା ଉତ୍ତର ଦେଉଛନ୍ତି ପିଲାମାନେ । ଭାବୁନାହାନ୍ତି ସେମାନେ ବି ଦିନେ ଏହି ଦିନ ଦେଇକି ଗତି କରିବେ । ବାପା ମାଆଙ୍କ ଭଲ ପାଇବା ବିନା ସର୍ତ୍ତ ଓ ବିନା ସ୍ୱାର୍ଥରେ ଥାଏ ପିଲାମାନଙ୍କ ପ୍ରତି ଏହା ବୁଝିବାକୁ ଯେମିତି କେହି ପ୍ରସ୍ତୁତ ନୁହନ୍ତି । ଆଜି ସମୟରେ ଜଣେ ବୟସ୍କ ମଣିଷ ନିଜ ଭାବନା କାହା ସହିତ ବାଣ୍ଟି ମଧ୍ୟ ପାରୁନାହାନ୍ତି । ନିଜ ଭାବନାକୁ ନିଜ ଅନ୍ତର ମଧ୍ୟରେ ରଖୁଛନ୍ତି । ଏହା ତାଙ୍କୁ ବହୁତ ଭାବରେ ମାନସିକ ଚାପଗ୍ରସ୍ତ କରି ଦେଉଛି ।

ବାପା ମାଆଙ୍କୁ ଯେତେ ହେଇପାରିବ ଭଲ ପାଇବା ଦେବା ଉଚିତ କାରଣ ଯେଉଁ ସମୟରେ ଜଣେ ପିଲା ବଡ଼ ହୁଏ ସେଇ ସମୟରେ ବାପା ମାଆ ବୟସ୍କ ହୁଅନ୍ତି । ଏଇଟା ସମସ୍ତେ ମନେ ରଖିବା ଉଚିତ ବହୁ କ୍ଷେତ୍ରରେ ଏମିତି ଦେଖା ହେଉଛି ବୟସ୍କ ପିତାମାତାଙ୍କୁ ବୃଦ୍ଧାଶ୍ରମରେ ଛାଡି ଦେଇଆସୁଛନ୍ତି । ଯେଉଁମାନେ ନିଜେ ଅସୁବିଧାରେ ରହି ନିଜ ପିଲାଙ୍କୁ ପାଠ ପଢେଇ ମଣିଷ କରୁଛନ୍ତି, ସେମାନେ ବଡ଼ ହେଇକି ବୃଦ୍ଧାଶ୍ରମରେ ସେମାନଙ୍କୁ ଛାଡୁଛନ୍ତି । ସେତେବେଳେ ଅନ୍ୟମାନେ ତାଙ୍କର ନିଜର ହେଉଛନ୍ତି । ବାପା ମାଆଙ୍କୁ ଛାଡିକି ଆସିକି ବାହାରେ ଗର୍ବର ସହ କହୁଛନ୍ତି ଆମ ପାଖରେ ସମୟ ନାହିଁ ସେଇଠି ସେମାନେ ଖୁସିରେ ରୁହନ୍ତି । ଭୁଲି ଯାଉଛନ୍ତି ସେ ମଧ୍ୟ ଆଗକୁ ବୟସ୍କ ହେବେ ବୋଲି ।

ଶେଷରେ ଗୋଟେ ଛୋଟ କାହାଣୀ କହିବି ଜଣେ ବୃଦ୍ଧ ବାପା ଗୋଟିଏ ବୃଦ୍ଧାଶ୍ରମରେ ରହୁଥିଲେ । ତାଙ୍କ ଜୀବନର ଶେଷ ଦିନରେ ସେ ଚାହିଁଲେ ତାଙ୍କ ନାତିକୁ ଦେଖା କରିବାକୁ । ଅନିଚ୍ଛା ସତ୍ତ୍ୱେ ପୁଅ ଓ ନାତି ସେଇ ବୃଦ୍ଧାଶ୍ରମକୁ ଆସିଲେ ଦେଖା କରିବାକୁ । ଯେତେବେଳ ନାତି ଜେଜେ ବାପାଙ୍କ ପାଖରେ ବସିଲା ନାତିକୁ ଧରିକି ଜେଜେ ବାପା କାନ୍ଦି କାନ୍ଦି କହିଲେ ତୁ ଯେତେବେଳେ ତୋ ବାପାକୁ ଏଇଠିକୁ ପଠେଇବୁ ଗୋଟେ ପଙ୍ଖା ଦେଇକି ପଠେଇବୁ କାରଣ ମୁଁ ଏଇଠି ବିନା ପଙ୍ଖାରେ ମୋ ଜୀବନର ଶେଷ ସମୟ କାଟିଛି । ଛୋଟ ଜିନିଷ ବୁଝିବାକୁ ପଡ଼ିବ ଆଜି ନିଜ ବାପା ମାଆଙ୍କ ପାଇଁ ପିଲାମାନେ ଯାହା କରିଥିବେ, ଭବିଷ୍ୟତରେ ସେଇଟା ପାଇବାକୁ ପ୍ରସ୍ତୁତ ହେଇକି ରହିବା ଉଚିତ ।

**ଭୁବନେଶ୍ୱର**
**ମୋ–୯୯୩୮୧୧୩୨୨୬**

# ଗୁରୁଙ୍କ ଚିଠି...

ଜଣେ ଗୃହସ୍ଥ ନିଜର ଜୀବିକାର ଅଧାଭାଗ ଦୁଇଦିନର ଘର ଖର୍ଚ୍ଚ ପାଇଁ ନିଜର ସ୍ତ୍ରୀକୁ ଦେଇକରି ନିଜର ଗୁରୁଦେବଙ୍କ ପାଖକୁ ଚାଲିଗଲେ । ଦୁଇଦିନ ପରେ ସେ ଗୁରୁଦେବଙ୍କୁ ନିବେଦନ କଲେ କି ମୋତେ ଏବେ ଘରକୁ ଫେରିଯିବାକୁ ହେବ । ମୁଁ ମୋ ସ୍ତ୍ରୀକୁ ଦୁଇଦିନର ଖର୍ଚ୍ଚ ଦେଇ କରି ଆସିଥିଲି । ଏବେ ତ ତା'ର ସବୁ ଅର୍ଥ ସରିଯିବଣି । ଏବେ ମୋ ସ୍ତ୍ରୀ ଆଉ ଛୁଆ ମାନେ କେମିତି ଚଳିବେ ? ଗୁରୁଦେବ ବହୁତ ବୁଝେଇଲା ପରେ ମଧ୍ୟ ସେ ସେଠାରେ ରହିଲେନି । ଆଉ ଗୁରୁଦେବ ଯିବା ସମୟରେ ତାକୁ ଗୋଟିଏ ଚିଠି ଦେଇ କହିଲେ, ରାସ୍ତାରେ ମୋର ଜଣେ ଭକ୍ତଙ୍କୁ ଏହି ଚିଠିଟା ଦେଇକରି ଯିବ । ସେ ସେହି ଚିଠିକୁ ଧରି ଭକ୍ତଙ୍କ ପାଖକୁଗଲା । ସେ ଚିଠିରେ ଲେଖା ହୋଇଥିଲା କି ଯେମିତି ଏହି ଚିଠି ମୋ ଭକ୍ତ ତୁମକୁ ଦେବ ତୁମେ ତାକୁ ଛଅ ମାସ ପାଇଁ ମୌନ ସାଧନାର ସୁବିଧାବାଲା ଯାଗାରେ ବନ୍ଦ କରିଦେବ । ସେହି ଗୁରୁଭକ୍ତ ଗୁରୁଙ୍କ ଆଦେଶ ମାନିକରି ସେଇଆ କଲେ । ସେହି ଗୃହସ୍ଥ ଶିଷ୍ୟ ଛଅମାସ ପର୍ଯ୍ୟନ୍ତ ଭିତରେ ଗୁରୁଙ୍କ ପଦ୍ଧତି ନିୟମ,ସାଧନା କରିଚାଲିଥିଲେ କିନ୍ତୁ ବେଳେବେଳେ ଏହି ଭାବରେ ମଧ୍ୟ ପଡି ଯାଉଥିଲେକି ମୋର ସ୍ତ୍ରୀର କ'ଣ ହେଲା ? ମୋ ଛୁଆମାନେ କେଉଁ ଅବସ୍ଥାରେ ଥିବେ ? ଏପଟେ ତା'ର ସ୍ତ୍ରୀ ବହୁତ ଦିନ ଅପେକ୍ଷା କଲାପରେ ସେ ବୁଝିଗଲେ ଯେ ବୋଧେ ଏବେ ଆଉ ତାଙ୍କ ସ୍ୱାମୀ ଫେରିବେନି । ଆଉ ସେ ଅନ୍ୟମାନଙ୍କ କ୍ଷେତରେ କାମକରିବା ଆରମ୍ଭ କରିଦେଲେ । ଚାଷ କରୁ କରୁ ଦିନେ ତାଙ୍କୁ କ୍ଷେତରୁ ସୁନାଭର୍ତ୍ତି ଗୋଟିଏ ମାଠିଆ ମିଳିଲା । ସେ ଜାଣିଥିଲେ ଯେ ଏହି ସୁନା ତାଙ୍କର ନୁହେଁ ତେଣୁ ସେ ଯାଇ ସେହି କ୍ଷେତର ମାଲିକଙ୍କୁ ସୁନାଭର୍ତ୍ତି ମାଠିଆକୁ ଦେଇଦେଲେ । ଆଉ ତା'ର ବିଶ୍ୱାସ ଦେଖି କ୍ଷେତର ମାଲିକ ଖୁସିହୋଇ ତା' ପାଇଁ ଗୋଟିଏ ଭଲ ଘର ତିଆରି କରିଦେଲେ । ଆଉ ଜୀବିକା ପାଇଁ ତାକୁ ଜମି କିଛି ଦେଲେ । ଏବେ ସେ ନିଜର କ୍ଷେତରେ ଚାଷକରି ଭଲ ଭାବରେ ଜୀବନ ଯାପନ କରିବାକୁ ଲାଗିଲା । ଏବେ ସେହି ଶିଷ୍ୟ ଛଅମାସ ପରେ ନିଜ ଘରକୁ ଫେରିଲେ ଆଉ ନିଜର ଘରକୁ ଦେଖିକରି ଆଶ୍ଚର୍ଯ୍ୟ ହୋଇଗଲେ । ଆଉ ମନରେ ଗୁରୁଦେବଙ୍କ କରୁଣାକୃପାର ପ୍ରତି କୃତଜ୍ଞତା ବ୍ୟକ୍ତ କରିବାକୁ ଲାଗିଲେ କି ସଦ୍‌ଗୁରୁ ମୋତେ ଅନ୍ଧକାରରୁ ମୁକ୍ତ କରିଦେଲେ । ମୁଁ ଭାବୁଥିଲି କି ମୁଁ ଯଦି ରୋଜଗାର କରି ନ ଦେବି ତା'ହେଲେ ମୋ ସ୍ତ୍ରୀ ଆଉ ଛୁଆଙ୍କର କ'ଣ ହେବ ? କରିବାବାଲା ତ ସବୁ ଭଗବାନ କଲେ । କିନ୍ତୁମିଛ ଅହଂକାରର କାରଣରୁ ମନୁଷ୍ୟ ବୁଝିଥାଏ କି ମୁଁ ଏହା କରିନି । ସେ ତା'ର ଗୁରୁଦେବଙ୍କ ପାଖକୁ ଯାଇ କରି ତାଙ୍କର ଚରଣ ତଳେ ପଡିଗଲେ । ଗୁରୁଦେବ ତାକୁ ବୁଝେଇ କରି କହିଲେ, ପୁଅ ! ପ୍ରତ୍ୟେକ ଜୀବର ନିଜ ନିଜର ପ୍ରାରବ୍ଧ ହୋଇଥାଏ । ଆଉ ତାହାର ଅନୁସାରେ ଜୀବନଯାପନ ହୋଇଥାଏ । ମୁଁ ଭଗବାନଙ୍କ ଭଜନରେ ଲାଗିକରି ମନେ ମନେ ଚିନ୍ତା କରୁଛି ମୋର ପରିବାରର କ'ଣ ହେବ ? ମୁଁ ସମସ୍ତଙ୍କର ପାଳନ ପୋଷଣ କରିଥାଏ ଆଉ ମୋ ପରେ ତାଙ୍କର କ'ଣ ହେବ ? ଏହା ଅହଂକାର ମାତ୍ର ଅଟେ । ବାସ୍ତବରେ ଯେଉଁ ପରମାତ୍ମା ଏହି ଶରୀର ଦେଇଛନ୍ତି ସେ ଏହାର ଭରଣପୋଷଣ ମଧ୍ୟ ସେହି ପରମାତ୍ମା କରିଥାନ୍ତି ।

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,**
**ୟୁନିଟ୍–୯(ଫ୍ଲାଟ),ଭୁବନେଶ୍ୱର**
**ମୋ–୭୯୭୮୮୩୦୬୧୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜୁନ୍...

କରାଯାଇସାରିଛି । ମାର୍ଚ୍ଚ୧ରୁ ମେ'୬ ପର୍ଯ୍ୟନ୍ତ ମୋଟ ୨୭୯୩ ଲକ୍ଷ ଟଙ୍କାର ସାମଗ୍ରୀ ଓ ଟଙ୍କା ଜବତ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସମସ୍ତ ମତଦାତା ମତଦାନ କରି ନିଜ ନିଜର ଗଣତାନ୍ତ୍ରିକ କର୍ତ୍ତବ୍ୟ ନିର୍ବାହ କରିବା ସହ ଆମ ଦେଶର ସର୍ବବୃହତ ଗଣତାନ୍ତ୍ରିକ ମହାପର୍ବରେ ଅଂଶୀଦାର ହେବା ପାଇଁ ଶ୍ରୀ ଧଳ ସମସ୍ତଙ୍କୁ ପ୍ରୋତ୍ସାହିତ କରିଛନ୍ତି ।

## ତୃତୀୟ...

୭, ଗୋଆର ୨, ଗୁଜରାଟର ୨୬, କର୍ଣ୍ଣାଟକ ୧୪, ମଧ୍ୟପ୍ରଦେଶ ୮, ମହାରାଷ୍ଟ୍ରର ୧୧, ଉତ୍ତରପ୍ରଦେଶର ୧୦, ପଶ୍ଚିମବଙ୍ଗର ୪, ଦାଦ୍ରା ଓ ନାଗରହାବେଲି, ଦାମନଡିଓର ଦୁଇଟି ଆସନରେ ଭୋଟ୍ ଗ୍ରହଣ ହୋଇଛି । ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜସିଂ ଚୌହାନ, କେନ୍ଦ୍ରମନ୍ତ୍ରୀ ଜ୍ୟୋତିରଆଦିତ୍ୟ ସିନ୍ଧିଆ, ଏନ୍‌ସିପି (ଶରଦ ପାୱାର) ନେତ୍ରୀ ସୁପ୍ରିୟା ସୋଲେ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ପତ୍ନୀ ଡିମ୍ପଲ ଯାଦବ ଅଛନ୍ତି । ଆସାମରେ ସର୍ବାଧିକ ୭୪.୮୬% ମତଦାନ ହୋଇଥିବାବେଳେ ମହାରାଷ୍ଟ୍ରରେ ୫୩.୪୦% ସର୍ବନିମ୍ନ ମତଦାନ ହୋଇଛି । ଅହମ୍ମଦାବାଦର ରଣୀପ୍‌ରେ ଥିବା ନିଶାନ୍ ପବ୍ଲିକ୍ ସ୍କୁଲରେ ପ୍ରଧାନମନ୍ତ୍ରୀ ଭୋଟ୍ ଦେଇଛନ୍ତି । ଏହି ଅବସରରେ ସେ ଲୋକମାନଙ୍କୁ ଅଧିକ ପାଣି ପିଇବା ଲାଗି ପରାମର୍ଶ ଦେଇଛନ୍ତି । ସେହିଭଳି ପଶ୍ଚିମବଙ୍ଗର ଜାଙ୍ଗିପୁରରେ ବିଜେପି କର୍ମୀ ଓ ସ୍ଥାନୀୟ ତୃଣମୂଳ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିବା ଜଣାପଡିଛି । ଟିଏମ୍‌ସି ପକ୍ଷରୁ କୁହାଯାଇଛି ଯେ ବିଜେପି ପ୍ରାର୍ଥୀ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ । ଉତ୍ତରମାଲଦାରେ ଜଣେ ଅଚିହ୍ନା ବ୍ୟକ୍ତି ଏକ ବୋମା ଫୋପାଡି ଥିବା ଜଣାପଡିଛି । ତେବେ ଏଥିରେ କେହି ଆହତ ହୋଇନାହାନ୍ତି । ଗୁଜରାଟ କଂଗ୍ରେସ ମୁଖ୍ୟ କହିଛନ୍ତି ଯେ ବିଜେପି ଗାନ୍ଧିନଗର ବୁଥ୍‌ରେ ତାଙ୍କ ଚିହ୍ନ ପଦ୍ମ ସେଠାରେ ଥିବା ନିର୍ବାଚନ ଅଧିକାରୀଙ୍କ କଲମରେ ରହିଛି । ବିଜେପି ଏବେ ନିର୍ବାଚନ ହାରିବାର ଭୟରେ ରହିଛି । ୨୦୧୯ରେ ଏହି ୯୪ ଆସନ ମଧ୍ୟରୁ ବିଜେପି ୭୨ ଆସନରେ ଜିତିଥିବାବେଳେ କଂଗ୍ରେସ ଓ ଶିବସେନା ୪, ଜନତା ଦଳ ୟୁ ଓ ଏନ୍‌ସିପି ୩ଟି ଲେଖାଏଁ, ସମାଜବାଦୀ ପାର୍ଟି ଓ ତୃଣମୂଳକ କଂଗ୍ରେସ ଦୁଇଟି ଲେଖାଏ, ଲୋକ ଜନଶକ୍ତି ପାର୍ଟି ଗୋଟିଏ ଆସନରେ ଜିତିଥିବାବେଳେ ଦୁଇଟି ଆସନରେ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ ।

## ବଦଳିଲା...

ସର୍ବାଧିକ ଦିନ ତାପମାତ୍ରରେ ୧୦ଡ଼ିଗ୍ରୀ ଯାଏଁ ହ୍ରାସ ଘଟିଥିବା ବେଳେ, ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ୮ରୁ ୯ ଡ଼ିଗ୍ରୀ ଯାଏଁ ତାପମାତ୍ରା ତଳକୁ ଖସିଛି । ରାଜଧାନୀ ଭୁବନେଶ୍ୱରରେ ୭.୩ ଡିଗ୍ରୀ ଏବଂ କଟକରେ ୪.୨ ଡିଗ୍ରୀ ତଳକୁ ଖସିଛି ତାତି । ଆଜି ନବରଙ୍ଗପୁରରେ ୧୧.୬ ମିମି ବର୍ଷା ହୋଇଥିବା ବେଳେ କୋରାପୁଟରେ ୭.୨ ମିମି, ଭୁବନେଶ୍ୱର ଓ କଟକରେ ୪.୨ ମିମି, ଯାଜପୁରରେ ୨.୪ ମିମି ଓ ଝାରସୁଗୁଡ଼ାରେ ୨ ମିମି ବର୍ଷା ରେକର୍ଡ କରାଯାଇଛି ।

## ବିରୋଧୀ...

ନିର୍ଣ୍ଣୟ କରିବେ ନା ବିଜେପିର ହାଇକମାଣ୍ଡ ? ବିଜେପି ଯଦି ଶାସନକୁ ଆସେ, ତାହେଲେ ଓଡ଼ିଶା ୨୪ବର୍ଷ ପଛକୁ ପଳେଇବ । ଆଗରୁ କଂଗ୍ରେସ ଦଳ ବି ଥିଲା, ବନ୍ୟା, ବାତ୍ୟା ସବୁଥିରେ କେନ୍ଦ୍ରକୁ ପଚାରିବେ, ତେଣୁ ସେତେବେଳେ କିଛି କାମ ହୋଇପାରେନି । ମହାବାତ୍ୟା ସମୟରେ କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ବିପୁଳ ଧନ ଜୀବନ କ୍ଷୟ କ୍ଷତି ଘଟିଥିଲା ।

ଜାତୀୟ ଦଳମାନେ ହାଇକମାଣ୍ଡ ଉପରେ ନିର୍ଭରଶୀଳ, ହାଇକମାଣ୍ଡଙ୍କ ନିଷ୍ପତ୍ତିରେ ମୁଖ୍ୟମନ୍ତ୍ରୀ ହେଲେ, ସେମାନେ ଓଡ଼ିଶାବାସୀଙ୍କ ପ୍ରତି ନୁହେଁ, ବରଂ ହାଇକମାଣ୍ଡ ପ୍ରତି ଉତ୍ତରଦାୟୀ ରହିବେ, ସେ ଦିଲ୍ଲୀରୁ ରିମୋଟ କଣ୍ଟ୍ରୋଲରେ ଚାଲିବେ, କିନ୍ତୁ ଆମ ନବୀନବାବୁ ଆପଣମାନଙ୍କ ପାଖରେ ଉତ୍ତରଦାୟୀ, ତାଙ୍କ ରିମୋଟ ୪.୫୦ କୋଟି ଓଡ଼ିଶାବାସୀଙ୍କ ପାଖରେ ଅଛି ।

ଓଡ଼ିଶାର ବିକାଶ ଉପରେ ବିରୋଧୀଙ୍କ ମନ୍ତବ୍ୟ ଉପରେ ଟିପ୍ପଣୀ ଦେଇ କହିଥିଲେ ଯେ, ଓଡ଼ିଶା ବିକାଶ ଓ ରୂପାନ୍ତର ଆପଣମାନଙ୍କୁ ସମସ୍ତଙ୍କୁ ଦେଖାଯାଉଛି କିନ୍ତୁ ବିରୋଧୀଙ୍କୁ ଦେଖାଯାଉନାହିଁ ।

ମୁଖ୍ୟମନ୍ତ୍ରୀଙ୍କୁ ଆପଣ କେତେମାତ୍ରାରେ ଭଲ ପାଆନ୍ତି, ଏତେ ସକାଳୁ ଏତେ ବଡ଼ ସମାବେଶ ଦେଖି ଜଣାପଡୁଛି, ଆପଣଙ୍କ ମୁହଁରେ ହସ ଫୁଟିଲେ ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ହସ ଫୁଟେ । ଉପସ୍ଥିତ ଜନତାଙ୍କୁ ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ବହୁତ ଭଲ ପାଆନ୍ତି ଏବଂ ପଚାରିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କୁ ଆପଣମାନେ ଭଲ ପାଉଛନ୍ତି କି ? ପ୍ରତ୍ୟୁତ୍ତରରେ ସମବେତ ଜନତା ଉଚ୍ଛ୍ୱସିତ ସ୍ୱରରେ ଜଣାଇଲେ ସମ୍ମତି, 'ହଁ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସଭାସ୍ଥଳ । ସେ ଆହୁରି ମଧ୍ୟ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ନିଜ ପରିବାରର ସଦସ୍ୟ ବୋଲି ଭାବିଥାନ୍ତି, ୫ ବର୍ଷରେ ଥରେ ସୁଯୋଗ ଆସିଛି ତାଙ୍କୁ ଆଶୀର୍ବାଦ କରିବା ପାଇଁ, ଆପଣମାନଙ୍କର ଗୋଟିଏ ଗୋଟିଏ ଭୋଟ ମୁଖ୍ୟମନ୍ତ୍ରୀଙ୍କୁ ଆହୁରି ଶକ୍ତି ଦେବ ।

ଲୋକଙ୍କୁ ବିକାଶର ହିସାବ ଦେଇ ସେ କହିଥିଲେ ଯେ ହିଞ୍ଜିଳି-ଶେରଗଡ଼ର ଜଗନ୍ନାଥ ମନ୍ଦିର, ତାରାତାରିଣୀ, ସ୍ୱପ୍ନେଶ୍ୱର ଓ ଉଦୟନାଥ ମନ୍ଦିରର ଉନ୍ନତି ପାଇଁ ୧.୩୦ କୋଟି ଟଙ୍କା, ହରଭଙ୍ଗୀ ଜଳସେଚନ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ୧୭୦ କୋଟି ଟଙ୍କା, ଏହି ପ୍ରକଳ୍ପ ଜରିଆରେ ୭୦୦୦ ଏକର ଜମିକୁ ଜଳସେଚନ ସୁବିଧା ମିଳିବ । ସେହିପରି ଶେରଗଡ଼ ଓ ପଥରପୁଙ୍ଗୀ ମେଗାଲିଫ୍ଟ ପାଇଁ ୬୦ କୋଟି ଟଙ୍କା, ୪୫ ଗୋଟି କ୍ଷୁଦ୍ର ଜଳସେଚନର ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୧୪ କୋଟି ଟଙ୍କାରେ ପ୍ରକଳ୍ପ କାର୍ଯ୍ୟ ଜାରିରହିଛି । ଶେରଗଡ଼ କଲେଜକୁ କଟକ, ଭୁବନେଶ୍ୱରର ଅଗ୍ରଣୀ କଲେଜ ସହିତ ମୁଖ୍ୟମନ୍ତ୍ରୀ ସମକକ୍ଷ କରିଛନ୍ତି, ଆହୁରି ମଧ୍ୟ ଉଦୟପ୍ରତାପ ହାୟର ସେକେଣ୍ଡାରି ସ୍କୁଲ ଓ ଡିଗ୍ରୀ କଲେଜର ରୂପାନ୍ତରଣ କରିଛନ୍ତି, ପିତ୍ତଳ ହାୟର ସେକେଣ୍ଡାରି ସ୍କୁଲର ରୂପାନ୍ତରଣ ପାଇଁ ୫୦ ଲକ୍ଷ ଟଙ୍କା, କାଞ୍ଚିଆମା ହାଇସ୍କୁଲ, ପିତ୍ତଳ ଗାର୍ଲସ୍ ହାଇସ୍କୁଲ, ନରେନ୍ଦ୍ରପୁର ହାଇସ୍କୁଲ, ରାମଚନ୍ଦ୍ରପୁର ହାଇସ୍କୁଲ ଏବଂ ବ୍ରାହ୍ମଣସାହୀ ହାଇସ୍କୁଲର ରୂପାନ୍ତରଣ ପାଇଁ ପ୍ରତ୍ୟେକଙ୍କୁ ୫୦ ଲକ୍ଷ ଟଙ୍କା ଇତ୍ୟାଦି ପିତ୍ତଳର ସ୍କୁଲ, କଲେଜ, ମନ୍ଦିର ଆଦି ଅନେକ ଅନୁଷ୍ଠାନର ରୂପାନ୍ତରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ।

ସେ ଆହୁରି ମଧ୍ୟ କହିଥିଲେ ଯେ ପୂର୍ବରୁ ୧୦୦ ଟଙ୍କା, ୩୦୦ ଟଙ୍କା, ୫୦୦ ଟଙ୍କା ଭତ୍ତା ଥିଲା ଏବେ ମଧୁବାବୁ ପେନ୍‌ସନ୍‌ରେ ଓଡ଼ିଶାର ୫୦ ଲକ୍ଷ ପରିବାର ୧୦୦୦ ଟଙ୍କା ଭତ୍ତା ପାଉଛନ୍ତି ।

## ନକଲି...

ହୋଇଥିଲା। ଆଡ଼ମିଟ୍ କାର୍ଡ଼ରେ ନକଲି ପରୀକ୍ଷାର୍ଥୀଙ୍କ ଫଟୋ ଥିବା ବେଳେ ଆଧାର କାର୍ଡ଼ ଯାଂଚ ପାଇଁ ବାୟୋମେଟ୍ରିକ୍‌ରେ ଟିପଚିହ୍ନ ମିଶିନଥିଲା। ଏନେଇ ସେଂଟର ସୁପରିଟେଣ୍ଡେଂଟଙ୍କ ତରଫରୁ ପରୀକ୍ଷା କରାଉଥିବା ଆଉଟ୍‌ସୋର୍ସିଂ ସଂସ୍ଥା ଇନୋଭେଟିଭ ଟେକ୍‌ର ଆଡ଼ମିନିଷ୍ଟ୍ରେଟିଭ ଅଫିସର୍‌ଙ୍କୁ ଅଫିସରଙ୍କୁ ଅବଗତ କରାଯାଇଥିଲା। ପରେ ନକଲି ପରୀକ୍ଷାର୍ଥୀଙ୍କୁ ଅଟକ ରଖାଯାଇ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପ୍ରକୃତ ପରୀକ୍ଷାର୍ଥୀ ମୟୂରଭଞ୍ଜ ଅଂଚଳର ଶାଶ୍ୱତ ତ୍ରିପାଠୀ ହୋଇଥିବା ବେଳେ ତାଙ୍କ ପାଇଁ ସେ ନକଲି ପରୀକ୍ଷାର୍ଥୀ ଯୋଗାଡ଼ କରିବାକୁ ଜଣେ ମଧ୍ୟସ୍ଥିଙ୍କ ସହାୟତାରେ ବିହାରର ଜଣେ ଆଇଟିଆର୍ ପାସ୍ କରିଥିବା ଛାତ୍ର ରାଜେଶ ମଧୁକରଙ୍କୁ ଯୋଗାଯୋଗ କରିଥିଲେ। ରାଜେଶ ପରୀକ୍ଷାର୍ଥୀ ଯୋଗାଡ଼ କରିବା ପାଇଁ ଆର୍ୟୁବେଦରେ ଡିଗ୍ରୀ କରିଥିବା ବିହାରର ତାଙ୍କର ସହକର୍ମୀ ଆଦିତ୍ୟ କୁମାରଙ୍କ ସହ ଯୋଗାଯୋଗ କରିଥିଲେ। ଆଦିତ୍ୟ ତାଙ୍କର ଜଣେ ସାଙ୍ଗ ନିଟ୍ ପାସ୍ କରି କଲିକତା ମେଡିକାଲ କଲେଜର ତୃତୀୟ ବର୍ଷ ଅଧ୍ୟୟନରତ ଅଙ୍କିତ ରାଜକୁ ଯୋଗାଯୋଗ କରିଥିଲେ। ଅଙ୍କିତ୧୦ ଲକ୍ଷ ଟଙ୍କା ନେଇ ପରୀକ୍ଷା ଦେବାକୁ ରାଜି ହୋଇଥିଲେ। ପରେ ଅଙ୍କିତର ଫଟୋକୁ ପ୍ରକୃତ ପରୀକ୍ଷାର୍ଥୀ ଶାଶ୍ୱତଙ୍କ ଫଟୋ ଜାଗାରେ ପେଷ୍ଟ କରି ପରୀକ୍ଷା ପାଇଁ ଆବେଦନ କରିଥିଲେ। ପରେ ମିଳିଥିବା ଆଡ଼ମିଟ୍ କାର୍ଡ଼ରେ ଅଙ୍କିତଙ୍କ ଫଟୋ ରହିଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି ବିହାରର ଅଙ୍କିତ ରାଜ(୨୨), ମଧ୍ୟସ୍ଥି ରାଜେଶ କୁମାର ମଧୁକର(୪୦) ଓ ପ୍ରେମ ଶଙ୍କର ପାଣ୍ଡେ ଗିରଫ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବା ଏସ୍‌ଡିପିଓ ଓତା ସୂଚନା ଦେଇଛନ୍ତି। ସମ୍ମିଳନୀରେ ଗ୍ରାମାଂଚଳ ଥାନାଧିକାରୀ ଅମିତାଭ ଦାଶ, ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ଅନୁରାଗ ମହାନ୍ତି ଉପସ୍ଥିତ ଥିଲେ।

## ସଙ୍କଟରେ...

କରିଛନ୍ତି ଯେ ବିଜେପିର ପ୍ରତି ବର୍ଗରେ ଲୋକ ଏବେ ଅସୁଖୀ ହୋଇପଡିଛନ୍ତି । ବେରୋଜଗାରୀ, ମୂଦ୍ରାସ୍ଫିତି, ବୃଦ୍ଧି ପାଉଥିବା ଅପରାଧ, ପରିବାର ଓ ସମ୍ପତ୍ତିର ପରିଚୟ ନେଇ ସରକାରଙ୍କ ଉପରେ ଲୋକ ଅସୁଖୀ । ଚାଷୀ, ଶ୍ରମିକ, କର୍ମଚାରୀ ଓ ବଣିକ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଏହି ସ୍ୱାଧୀନ ବିଧାୟକମାନେ ବିଭିନ୍ନ ଘଟଣାରେ ବିଜେପିକୁ ଚେତାଇ ଥିଲେ ବି କୌଣସି ପଦକ୍ଷେପ ନିଆଯାଇନାହିଁ । ଶ୍ରୀ ହୁଡା ଏହି ବିଧାୟକମାନଙ୍କୁ ସମର୍ଥନ କରିଛନ୍ତି । ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଗଣତନ୍ତ୍ର...

ପ୍ରତି ନିର୍ବାଚନମଣ୍ଡଳୀରୁ ତଥ୍ୟ ଆଣି ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁ । ଚୂଡାନ୍ତ ଫଳାଫଳକୁ ଏପଟ ସେପଟ କରିବା ପାଇଁ ଏକ ପ୍ରଚେଷ୍ଟା ହେଉନାହିଁ ତ ବୋଲି ଖଡ୍‌ଗେ ସନ୍ଦେହ ପ୍ରକଟ କରିଛନ୍ତି । ସେ ମଧ୍ୟ ଆହୁରି ଅଭିଯୋଗ କରିଛନ୍ତି ଯେ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭ୍ରାନ୍ତ କରୁଥିବା ଓ ହତାଶ ହେଉଥିବା ଦେଖିବାକୁ ମିଳୁଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପରେ ଏହି ଲକ୍ଷଣ ଦେଖାଦେଇଛି । ଏହି ପରିପ୍ରେକ୍ଷୀରେ ଏହି ଅସାମଞ୍ଜସ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ଅନୁରୋଧ କରିଛନ୍ତି ।

## କଲରାପତରିଆ...

ରାସ୍ତା ଉପରେ ପଡିଥିଲା। ଅସୁସ୍ଥ ଅବସ୍ଥାରେ ବାଘ ରାସ୍ତା ଉପରେ ପଡିଥିବା ଦେଖିବାକୁ ପାଇଥିଲା ବନବିଭାଗ । ବାଘଟିର ସ୍ୱାଭାବିକ ମୃତ୍ୟ ହୋଇଛି ନାଁ ଶିକାରୀ ଶିକାର କରିଛି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅପରପକ୍ଷେ ବନବିଭାଗ ଗୋଟିଏ ବନ୍ଧୁକ ସହ ଦୁଇ ଜଣଙ୍କୁ ଅଟକ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣା ପଡିଛି ।

# ବିଜେଡ଼ିରେ ମିଶିଲେ କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେପି ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ




ଭୁବନେଶ୍ୱର (ସବ୍ୟୁ) : ଯାଜପୁର ଜିଲ୍ଲା ଅନ୍ତର୍ଗତ କୋରେଇ ନିର୍ବାଚନ ମଣ୍ଡଳୀର ୨୦୧୪ ସାଧାରଣ ନିର୍ବାଚନର କଂଗ୍ରେସ ବିଧାୟକ ପ୍ରାର୍ଥୀ ଏବଂ ୨୦୧୯ ସାଧାରଣ ନିର୍ବାଚନର ବିଜେପି ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକଙ୍କ ସହ ଶତାଧିକ ବିଜେପି କର୍ମୀ ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ବିଶ୍ୱଜିତ ନାୟକ ଓ ଶତାଧିକ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କୋରେଇ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତା ବିଶ୍ୱଜିତ ନାୟକ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ ବିକ୍ରମ ବିଶ୍ୱାଳ, ପ୍ରମୋଦ ନାୟକ, ରବିନ୍ଦ୍ର ବେହେରା, ବିକ୍ରମ ରାଜ, ଗୌରାଙ୍ଗ ମଲିକ, ଘବିନା ଦଳେଇ, ହେମନ୍ତ ସେଠୀ, କ୍ଷୀରୋଦା ଦାଶ, ଭାଗ୍ୟଶ୍ରୀ ମଲ୍ଲିକ, ରମେଶ ଦୁଆରି, ସନ୍ଧ୍ୟାରାଣୀ ରାଉତ, ସୁରଜ ଦାସ, ପ୍ରସନ୍ନ ରାଉତ, ମମତା ଘଡ଼େଇ, ରବୀନ୍ଦ୍ର ବେହେରା, ବିଜୟ ଘଡ଼େଇ, ଶଶୀଭୂଷଣ ସେନାପତି, ମାୟାଧର ପଲେଇ, ଅମ୍ଳାନ କୁମାର ସାହୁ, ସନ୍ଦୀପ ପରିଡ଼ା, ଲିଳାବତୀ ସ୍ୱାଇଁ, ଗୋକୁଳ ପରିଡ଼ା, ରବୀନ୍ଦ୍ର ବାରିକ, କାଶୀନାଥ ବାରିକ, ରଘୁନାଥ ସାହୁ, ସତ୍ୟବ୍ରତ ଦାସ, ଏସ୍‌କେ. ଝାମ୍ପୋ, ସୁବାସ ନାଥ, ଲକ୍ଷ୍ମୀଧର ବିଶ୍ୱାଳ, ଜଗଦିଶ ସାହୁଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡ଼ିରେ ସାମିଲ ହେଲେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଜେପି ଓ କଂଗ୍ରେସର ରାଜ୍ୟ କର୍ମକର୍ତ୍ତା




ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସର ରାଜ୍ୟ କର୍ମର୍କା ଏବଂ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ୨୦୨୪ ସାଧାରଣ ନିର୍ବାଚନର ଭୁବନେଶ୍ୱର ବିଜେଡ଼ି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ଶତାଧିକ ବିଜେପି ଓ କଂଗ୍ରେସ ରାଜ୍ୟ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ଜେନା, ଶ୍ରୀ ରାଉତରାୟ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ଜେନା, ଶ୍ରୀ ରାଉତରାୟ ଓ ଡକ୍ଟର ପାତ୍ର କହିଥିଲେ ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ଓ କଂଗ୍ରେସ ନେତାମାନେ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ।

ଏହି ମିଶ୍ରଣ ପର୍ବରେ ପରୱାନା ପରବିନ, ଜହର ଅଲ୍ଲୀ ଖାନ, ଗୁରୁବାରୀ ନାୟକ, ସସ୍ମିତା ନାୟକ, ଅଞ୍ଜନା ସାମଲ, ଦେବରାଜ ସେନାପତି, ଛାୟା ନାୟକ, ଲିପି ନାୟକ, ଶିବେନ୍ଦ୍ର ପ୍ରଧାନ, ରାକେଶ କୁମାର ବେହେରା, ଅଜୟ କୁମାର ବେହେରା, ଦିପକ ବେହେରା, ଅବନି ସାହୁ, ପୂଜା ସାହୁ, ପିଙ୍କି ନାୟକ, ରମା ଦେଇ, ଲକ୍ଷ୍ମୀପ୍ରିୟା ନାଏକ, ସିଶୁଳା ନାୟକ, କାଜଲ ବେହେରା, ପ୍ରମିଳା ବାରିକ, କଳ୍ପନା ବାରିକ, ଉର୍ମିଳା ବାରିକ, ଆଞ୍ଚଳି ଦାସ, ଅହଲ୍ୟା ପ୍ରଧାନ, ଭାନୁ ପ୍ରଧାନ, ସୁଭାସିନି ସାହୁ, ଗଣପତି ବେହେରା, ପାର୍ବତୀ ବେହେରା, ଟୁନୁ ନାଏକ, ଧ୍ରୁବ ନାଏକ, ଉଷା ରେଡ୍ଡୀ, ମଞ୍ଜୁ ରେଡ୍ଡୀ, ହୁନା ରାଣୀ ରେଡ୍ଡୀ, ସରିତା ପାଲ, ଗୀତାଞ୍ଜଳି ଦାସ, ରାଜଲକ୍ଷ୍ମୀ ନାୟକ, ସଙ୍ଗୀତା ପାଣି, କରିସ୍ମା ବେହେରା, ତପି ପାଣି, ରାଜଶ୍ରୀ ମିଶ୍ର, ଶ୍ରଦ୍ଧା ନାୟକ, ନିଶା ନାୟକ, ଜିନା ମହାନ୍ତି, ମାମାଲି ନାୟକ, ଦୀପକ ରଞ୍ଜନ ବେହେରା, ଆଶୁତୋଷ ପଣ୍ଡା, ସରବଜିତ ସାହୁ, ଚନ୍ଦନ ବେହେରା, ରାକେଶ ମଲିକ, ପୁଟନା ନାୟଡୁ, ଝରି ନାୟଡୁ, ସୋମନାଥ ମଲ୍‌ଲିକ, ଶୁଭକାନ୍ତ ପାତ୍ର, ରଞ୍ଜିତା ବେହେରା, ଦୀନବନ୍ଧୁ ଦାସ, ଶାନ୍ତିଲତା ବାରିକ, ଗଗନ ବାରିକ, କିନା ବେହେରାଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ସର୍ବଶ୍ରୀ ଶ୍ରୀଧର ଜେନା, ରଞ୍ଜୁଲତା ରାୟ, ଆସିୟା ବେଗମ, ପଦ୍ମଜା ପ୍ରିୟଦର୍ଶନୀ ଜେନା, କୁମରେନ୍ଦ୍ର ମହାପାତ୍ର, ସମିତା ମହାନ୍ତି, ଆଶିଷ ପଟ୍ଟନାୟକ, ପୁଷ୍ପା ରାଉତ, ଅଲିଅଳି ମଲ୍ଲିକ, ସ୍ମୃତିରେଖା ବରିସାଲ ଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-KUR-PRDP-FYS-253-24

କାର୍ଯ୍ୟର ନାମ : 02 ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ପାରାଦ୍ୱୀପ ଏରିଆର ବୋୱେଇ/ଖଲାସ ସାଇଡ଼ିଙ୍ଗ୍ (RRS & JSW) ଗୁଡ଼ିକଠାରେ ଡୋର ଯାଞ୍ଚ (Door Checking) ଏବଂ ଛୋଟ ମରାମତି ସ୍ଥଳରେ ଉପସ୍ଥିତ ହେବା ପାଇଁ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଗ୍ୟାଙ୍ଗ୍ (ମୋବାଇଲ ୱାର୍କ ଷ୍ଟେସନ) ଉପଲବ୍ଧ କରାଇବା ।

ବିଜ୍ଞାପିତ ମୂଲ୍ୟ : ₹2,62,46,286.46, EMD : ₹2,81,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹11,800/-, ଶେଷ ହେବା ଅବଧି: 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.05.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2024 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ଼

PR-86/P/24-25



**LOST**

I, Sri Amiya Ranjan Padhi, aged about-53 years, S/o.: Late Bhabani Prasad Padhi, presently working as Chief Manager, Bank of Baroda, Janpath Branch, OCHCL Building, Bhubaneswar-751001, Dist.: Khurda, Odisha, declared that on dtd 01.05.2024 vide General Dairy No.: 009 informed to the Kharavela Nagar Police Station about missing of **Original Documents of Swojit Mohapatra, S/o: Sourajit Mohapatra and Sourajit Mohapatra of CDA, Cuttack** i.e. land allotment letter No.: 18819, possession handover letter No.: 8433, No objection Letter issued by CDA vide Letter No. 66, Benchmark valuation letter issued by CDA vide letter No.: 10855, Origion Ground Rent Money Receipt No.: 24682 and CDA Plan Map and No dues certificate of previous mortgage of SBI on behalf of the Bank as well as the Branch Hence, I request anybody comes across these documents please contact me over Telephone **No. 7077722156** or in above address.



**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଡିଭିଜନାଲ ଇଲେକ୍‌ଟ୍ରିକାଲ ଇଞ୍ଜିନିୟର (ଟିଆରଏସ-ସିଏନ/ଇନ-ଚାର୍ଜ), ଦକ୍ଷିଣ ପୂର୍ବ ରେଳବାଇ, ରାଉରକେଲା ନିମ୍ନରେ ବର୍ଣ୍ଣିତ କାର୍ଯ୍ୟ ପାଇଁ ଜିଇଏମ ବିଡ ଏବଂ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହିସବୁ ଟେଣ୍ଡର ବାବଦରେ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରାଯିବ ନାହିଁ ଏବଂ ମିଳିଥିବା ଏଭଳି କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣୀୟ ହେବ ନାହିଁ । (୧) ଜିଇଏମ ବିଡ୍ ନଂ : ଜିଇଏମ/୨୦୨୪/ବି/୪୯୧୬୬୨୦, ତାରିଖ : ୦୬.୦୫.୨୦୨୪ । କାର୍ଯ୍ୟର ବିବରଣୀ : ଇଏଲଏସ/ରାଉରକେଲା ଇଲେକ୍‌ଟ୍ରିକ ଲୋକୋମୋଟିଭ ଗୁଡ଼ିକର ସେବା- ପରିଷ୍କୃତ କରିବା ପାଇଁ କଷ୍ଟମ ବିଡ୍ । କାର୍ଯ୍ୟର ଅଟକଳ ମୂଲ୍ୟ : ୬୬,୩୧,୯୬୦ । ଅର୍ଣ୍ଣେଷ୍ଟ ମନି : ଟ. ୧,୩୨,୬୪୦ । ବିଡ ବନ୍ଦ ହେବା ତାରିଖ ଓ ସମୟ : ୩୧.୦୫.୨୦୨୪, ୧୧.୦୦ ଘଣ୍ଟା । ୱେବସାଇଟ୍ ତଥ୍ୟ ଏବଂ ବିବରଣୀ : https://www.gem.gov.in । ଜିଇଏମ ବିଡ୍ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟରେ ଉପଲବ୍ଧ ହେବ । (୨) ଇ-ଟେଣ୍ଡର ନୋଟିସ ନଂ : ଟିଆରଏସ-ଆରଓୟୁ-୦୧-୨୦୨୪-୨୫, ତାରିଖ : ୦୬-୦୫-୨୦୨୪ । କାର୍ଯ୍ୟର ବିବରଣୀ : ଇଏଲଏସ/ରାଉରକେଲାର ପୂର୍ବର ପିୟୁ ପେଣ୍ଟେଡ୍ ଇଲେକ୍‌ଟ୍ରିକ ଲୋକୋମୋଟିଭ ଗୁଡ଼ିକର ପିୟୁ ପେଣ୍ଟିଙ୍ଗ । କାର୍ଯ୍ୟର ଅଟକଳ ମୂଲ୍ୟ : ଟ. ୬୬,୯୩,୧୨୦ । ଅର୍ଣ୍ଣେଷ୍ଟ ମନି : ଟ. ୧,୩୩,୯୦୦ । ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ୩୧.୦୫.୨୦୨୪, ୧୧.୦୦ ଘଣ୍ଟା । ୱେବସାଇଟ୍ ତଥ୍ୟ ଏବଂ ସଂପୂର୍ଣ୍ଣ ବିବରଣୀ : https://www.ireps.gov.in । ଇ-ଟେଣ୍ଡର ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍‌ରେ ଉପଲବ୍ଧ ହେବ । (PR-121)


# ବିଜେଡ଼ିରେ ଯୋଗଦେଲେ କଂଗ୍ରେସ ନେତା ସତ୍ୟ ମହାନ୍ତି




ଭୁବନେଶ୍ୱର (ସବ୍ୟୁ) : କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସତ୍ୟ ମହାନ୍ତିଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଆଜି ଶଙ୍ଖଭବନ ଠାରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସତ୍ୟ ମହାନ୍ତି ଓ ଶତାଧିକ କଂଗ୍ରେସ କର୍ମୀଙ୍କୁ ଶ୍ରୀ ବିଶ୍ୱାଳ ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି କଟକ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ବିଶ୍ୱାଳ ଓ ଡକ୍ଟର ପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସତ୍ୟ ମହାନ୍ତି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ ଜ୍ଞାନେନ୍ଦ୍ର କୁମାର ପରିଡ଼ା, ଦିଲ୍ଲୀପ ପାଲିତ, ସୁଜିତ କୁମାର ସ୍ୱାଇଁ, ଅକ୍ଷୟ ସାହୁ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ପୂର୍ଣ୍ଣିମା ସାହୁ, ପ୍ରଭାସ ମହାନ୍ତି, ଫିରୋଜ ଉଦ୍ଦିନଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-98 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୦୩ **ବିଜ୍ଞାପନ** ତା : ୨୬.୪.୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଇଡବ୍ଲୁଏସ୍-୯ (EWS-9) ଧନୁର୍ଜୟପୁର, କେନ୍ଦୁଝର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଉମେଶ ଚନ୍ଦ୍ର ଦାଶ, ପିତା- ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ସା- ଜନାର୍ଦ୍ଦନପୁର ଶାସନ, ପୋ-କେନ୍ଦୁଝରଗଡ (ବଜାର), ଥାନା-କେନ୍ଦୁଝର ଟାଉନ (Town), ଜିଲ୍ଲା-କେନ୍ଦୁଝରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଉମେଶ ଚନ୍ଦ୍ର ଦାଶ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, ପିତା- କାର୍ତ୍ତିକ ସେଠୀ, ସା-ନଗୁଆଁ, ଦରକୁଣ୍ଡି, ପୋ-ଦରକୁଣ୍ଡି, ଥାନା- ଧର୍ମଶାଳା, ଜିଲ୍ଲା-ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର **ପନ୍ଦର ଦିନ** ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0083/2425


# ତେଲିପାଳ ପଞ୍ଚାୟତରେ ବିଜେଡ଼ି ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୀଳଗିରି, (ସବ୍ୟୁ) : ୨୦୨୪ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନୀଳଗିରି ବ୍ଲକ ଅଧିନସ୍ଥ ତେଲିପାଳ ପାଞ୍ଚାୟତ ଠାରେ ବିଜେଡ଼ି କାର୍ଯ୍ୟାଳୟକୁ ନୀଳଗିରି ନିର୍ବାଚନ ମଣ୍ଡଳୀ କୋଡ଼ିନେଟର ତଥା ନିଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ଫିତା କାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ବଣସୀମା ଅଞ୍ଚଳର ଯୁବନେତା ତଥା ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୧ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ୧୩ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ଜିଲ୍ଲା ଯୁବଜନତା ଦଳ ସଭାପତି ତାପସ ପରିଡା, ସ୍ଥାନୀୟ ସରପଂଚ ବାହାମଣି ମାରାଣ୍ଡି, ସମିତିସଭ୍ୟା ଟିକି ସିଂ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ,ଯୁବ ନେତା ବିଦ୍ୟାଧର ଦଳେଇ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ସହିତ ନୀଳଗିରି ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ସୁକାନ୍ତ ନାୟକ ଓ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ଡ଼ଃ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଡବଲ ଶଙ୍ଖ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ଦାସ, ରଂଜନଦ୍ୱାରୀକ, ମନୋଜ ଜେନା, ପୂର୍ବତନ ସରପଂଚ ସାରେଲ ବାସ୍କେ,ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ହାଁସଦାଙ୍କ ସମେତ ଶହଶହ ସଂଖ୍ୟାରେ ମାଆ ଭଉଣୀ, ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-101 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୦୭ **ବିଜ୍ଞାପନ** ତା : ୩୦.୪.୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବେଦନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ-ସ୍ୱର୍ଗତ ଶୁକଦେବ ପଲ, ପିତା- ସ୍ୱର୍ଗତ ଲକ୍ଷ୍ମୀନାରାୟଣ ପଲ, ଘର ନଂ. ଏମ.ଆଇ.ଟି-୧-୩୫ ଛେଣ୍ଡ, ଦ୍ୱିତୀୟ ପର୍ଯ୍ୟାୟ ରାଉରକେଲା, ଜିଲ୍ଲା - ସୁନ୍ଦରଗଡ | ଘର ନଂ.ଏମ.ଆଇ.ଜି-୧-୩୫ (MIG-I-35) ଛେଣ୍ଡ, ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ଜିଲ୍ଲା-ସୁନ୍ଦରଗଡ | ୧. ଲିଲି ପଲ (ସ୍ତ୍ରୀ) ୨. ପାର୍ଥ ପଲ (ବି.ପୁତ୍ର) ୩. ସିଦ୍ଧାର୍ଥ ପଲ (ବି. ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0088/2425



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

### ରେଙ୍ଗାଲି ନିର୍ବାଚନମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରଚାର

# ଓଡ଼ିଶାରେ ଗଣତନ୍ତ୍ର ନାହିଁ, ସ୍ୱେଚ୍ଛାଚାରିତା ଚାଲିଛି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଗଣତନ୍ତ୍ର ନାହିଁ, ସ୍ୱେଚ୍ଛାଚାରିତା ଚାଲିଛି । ଜନତା ବିଜେଡ଼ିକୁ ଠିକ ଜବାବ ଦେଲେ ବୋଲି ମଙ୍ଗଳବାର ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପୁରମାନପୁରରେ ଆୟୋଜିତ ପଦଯାତ୍ରାରେ ରେଙ୍ଗାଲି ବିଧାୟକ ପ୍ରାର୍ଥୀ ନାଉରୀ ନାୟକଙ୍କ ପାଇଁ ପ୍ରଚାର କରିଛନ୍ତି । ରାଣୀଖିଣ୍ଡା ଓ ଠେଲକୋଲୋଇରେ ଆୟୋଜିତ ଜନସଭାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୀର୍ଘ ୨୪ ବର୍ଷର ସରକାରରେ ରେଙ୍ଗାଲି ଅବହେଳିତ । ଏଠାରେ ପିଇବା ପାଇଁ ବିଶୁଦ୍ଧ ପାଣି ମୁନ୍ଦିଏ ନାହିଁ । ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା ସବୁ ବିପର୍ଯ୍ୟସ୍ତ । ଯୁବକ ଯୁବତୀ ମାନଙ୍କୁ



ରୋଜଗାର ମିଳୁନାହିଁ । ଅପରପକ୍ଷରେ ଦୀର୍ଘ ୧୦ ବର୍ଷ ଧରି ଦେଶରେ ନରେନ୍ଦ୍ର ମୋଦୀ ଲୋକଙ୍କ ସେବା କରୁଛନ୍ତି । ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରେଙ୍ଗାଲିର ୧ ଲକ୍ଷ ୮୦ ହଜାର ଲୋକଙ୍କୁ ୫ କେଜି ଲେଖାଏ ମାଗଣା ଚାଉଳ ଦିଆଯାଇଛି । ୧୫ ହଜାର ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରାଯାଇଛି । ସ୍ୱଚ୍ଛ ଭାରତ ଯୋଜନାରେ ୪୦ ହଜାର ଘରେ ଶୌଚାଳୟ ତିଆରି ହୋଇଛି । ଉଜ୍ଜ୍ୱଳା ଯୋଜନାରେ ୩୦ ହଜାର ଘରେ ରନ୍ଧନ ଗ୍ୟାସ ସଂଯୋଗ ହୋଇଛି । ୧୨ ହଜାର ଲୋକଙ୍କୁ ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଉଛି । ବିଜେପି କ୍ଷମତାକୁ ଆସିଲେ ଏସଏଚଜିକୁ ବନ୍ଦ କରିଦେବାର ଅପପ୍ରଚାର କରୁଛି ବିଜେଡ଼ି । ଏସଏଚଜି ବିଜେଡି ନୁହେଁ ମୋଦୀ ସରକାରଙ୍କ କାର୍ଯ୍ୟକ୍ରମର ଅଂଶବିଶେଷ । ଏସଏଚଜିଙ୍କୁ ବ୍ୟାଙ୍କରୁ ଋଣ ଦେବାର ବ୍ୟବସ୍ଥା ମୋଦୀ କରିଛନ୍ତି । ସେହିପରି ମୋଦୀ ସରକାର ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଚାଉଳ ଦେବା ପରେ ବିଜେଡି ବ୍ୟାଗ୍ ଦେଇ ସେମାନେ ଚାଉଳ ଦେବାର ମିଛ କଥା କହିବା ଦୁର୍ଭାଗ୍ୟଜନକ । ବିଜେପିର ସଂକଳ୍ପ ପତ୍ର ଉପରେ ମଧ କେନ୍ଦ୍ରମନ୍ତ୍ରୀ ଅବଗତ କରାଇବା ସହ ପଦ୍ମଫୁଲରେ ଭୋଟ୍ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । କେନ୍ଦ୍ରମନ୍ତ୍ରୀ ରାଣୀଖିଣ୍ଡା ସ୍ଥିତ ସମଲେଶ୍ୱରୀ ମନ୍ଦିର ଓ ସିନ୍ଧୁରପଙ୍କ ଠାରେ ପୀତାବଳୀ ମନ୍ଦିରରେ ଦର୍ଶନ କରିଥିବା ବେଳେ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ପ୍ରକାଶ ବୁଲୁଛନ୍ତି ଘରକୁ ଘର: ମିଳୁଛି ବିପୁଳ ଜନସମର୍ଥନ

କଟକ (ସବ୍ୟୁ): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜୁ ଜନତା ଦଳ ତା'ର ରଣକୌଶଳକୁ ସେତିକି ତୀବ୍ରତର କରୁଛି । ବାରବାଟୀ-କଟକ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦିତା କରୁଥିବା ଯୁବନେତା ପ୍ରକାଶ ଚନ୍ଦ୍ର ବେହେରା ଆହୁରି ଅଧିକ ସକ୍ରିୟ ହୋଇ ପଡିଛନ୍ତି । ଛାମୁଆ ନେତା ଓ କର୍ମୀଙ୍କୁ ନେଇ ଘନଘନ ବୈଠକ ଡାକିବା ସହ ଅଧିକ ଭୋଟ୍ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି । ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୧୫ ଓ ୧୭ରେ କର୍ମୀ ସମ୍ମିଳନୀ କରିବା ସହ ଘରକୁ ଘର ବୁଲି ପ୍ରଚାର ଚଳାଇଛନ୍ତି ପ୍ରକାଶ । ତାଙ୍କୁ ଯୁବ ଭୋଟର ଠାରୁ ଆରମ୍ଭ କରି ସମସ୍ତ ବର୍ଗର ଲୋକଙ୍କ ପକ୍ଷରୁ ମିଳୁଛି ବିପୁଳ ସମର୍ଥନ । ନିଜର ନେତାଙ୍କୁ ପାଖରେ



ପାଇଁ ଅନେକ ସମସ୍ୟା ଓ ଏହାର ସମାଧାନ ବାବଦରେ ବିଜେଡି ଦଳର ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ସହିତ ଆଲୋଚନା କରୁଛନ୍ତି ସହରବାସୀ ।

୧୫ ନମ୍ବର ୱାର୍ଡର ସୂତାହାଟ ଛକସ୍ଥିତ ଇଣ୍ଡିପେଣ୍ଡେଣ୍ଟ କ୍ଲବରୁ ଆରମ୍ଭ ହୋଇଥିବା ପଦଯାତ୍ରା ଚାମ୍ପିଅନ ଛକ, ପଙ୍ଖାପୋଲ, ନାରୀସେବା ସଦନ, ପୁଲିସ ଲାଇନ, ମଣିସାହୁ ଛକ ଏବଂ ମସ୍ତାନ ରୋଡ଼ରେ ଶେଷ ହୋଇଥଲା । ଏଥିରେ ୱାର୍ଡ ସଭାପତି ଦୀପଙ୍କର ମହାନ୍ତି, କଟକ ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ଆରିଫ ଖାନ, ୧୭ ନମ୍ବର ୱାର୍ଡ଼ କର୍ପୋରେଟର ଏ. ଶ୍ରୀଦେବୀ, ୱାର୍ଡ ସଭାପତି ଶେଖ ଫୟାଜ ବକ୍ସ ଓ ୧୯ ନମ୍ବର ୱାର୍ଡ଼ କର୍ପୋରେଟର କୁରେସା ନୂର ପ୍ରମୁଖ ଯୋଗ ଦେଇଥିଲେ । ଏହାପରେ ୱାର୍ଡ ନଂ ୧୨ ଅନ୍ତର୍ଗତ ଅଲିଶା ବଜାର ଅଞ୍ଚଳର ହରିଜନ ସାହିରେ ବୈଠକ ଆୟୋଜିତ ହୋଇଥିଲା । ସାହି କମିଟି, ଯୁବ, ଛାତ୍ର, ବରିଷ୍ଠ ବ୍ୟକ୍ତିଙ୍କ ସମେତ ମହିଳା ମାନେ ଉପସ୍ଥିତ ରହି ବିଜେଡ଼ିର ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ସହିତ ବିସ୍ତୃତ ଆଲୋଚନା କରିଥଲେ । ଏଥିରେ ୱାର୍ଡ଼ କର୍ପୋରେଟର ଦୀପାଞ୍ଜଳି ସିଂ, କଟକ ମେୟର ସୁବାସ ସିଂହ, ବାରବାଟୀ ଯୁବ ବିଜେଡି ସଭାପତି ସୟଦ ଜଲିଲ ଏବଂ ରାଜ୍ୟ ଯୁବ ବିଜେଡ଼ିର ସାଧାରଣ ସମ୍ପାଦକ ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ଆଶାପୁରୀ ଗୋଲ୍ଡ ଅର୍ଣ୍ଣାମେ ଲିମିଟେଡର ୪୮.୭୫ କୋଟି ଟଙ୍କାର ରାଇଟସ ୨୦୨୪ ମେ ୮ରେ ଉନ୍ମୁକ୍ତ ହେଉଛି

ଭୁବନେଶ୍ୱର (ସବ୍ୟୁ): ଆଶାପୁରୀ ଗୋଲ୍ଡ ଅର୍ଣ୍ଣାମେ ଲିମିଟେଡ (ବିଏସଇ-ଏଜିଓଏଲ-୫୪୨୫୭୯) ତାହାର ୪୮.୭୫ କୋଟି ଟଙ୍କାର ରାଇଟସ ଇସ୍ୟୁ ୨୦୨୪ ମେ ୮ ତାରିଖରେ ଉନ୍ମୁକ୍ତ କରିବାକୁ ଯାଉଛି। ଏହି ଇସ୍ୟୁ ଜରିଆରେ ସଂଗୃହୀତ ହେବାକୁ ଥିବା ପାଣ୍ଠିକୁ କମ୍ପାନୀର ସମ୍ପ୍ରସାରଣ ଯୋଜନା ନିମନ୍ତେ ଆବଶ୍ୟକ କାର୍ଯ୍ୟକାରୀ ମୂଳଧନ, ନୂତନ ଭୌଗୋଳିକ ଅଞ୍ଚଳକୁ ପ୍ରବେଶ ଏବଂ ସାଧାରଣ ବ୍ୟବସାୟିକ ଉଦ୍ଦେଶ୍ୟରେ ବିନିଯୋଗ କରାଯିବ । କମ୍ପାନୀର ରାଇଟସ୍ ଇସ୍ୟୁ ସେୟାର ପିଛା ୫.୮୫ ଟଙ୍କାରେ - ୨୦୨୪ ମେ ୩ ତାରିଖର କ୍ଲୋଜିଂ ମୂଲ୍ୟର ୫୭.୪୫% ରିହାତିରେ ଯୋଗାଇ ଦିଆଯାଉଛି। ରାଇଟସ ଇସ୍ୟୁ ୨୦୨୪ ମେ ୨୭ରେ ବନ୍ଦ ହେବ । କମ୍ପାନୀ ପ୍ରତି ସେୟାର ପିଛା ୫.୮୫ ଟଙ୍କାରେ (ପ୍ରତି ଇକ୍ୱିଟି ସେୟାର ପିଛା ୪.୮୪ ଟଙ୍କା ପ୍ରିମିୟମ ସହିତ) ନଗଦ ଅର୍ଥରେ ପ୍ରତ୍ୟେକ ୧ ଟଙ୍କା ଫେସ ଭାଲ୍ୟୁର ୮,୩୩,୨୮,୬୬୬ ଫୁଲି ପେଡ-ଅପ ଇକ୍ୱିଟି ସେୟାର ଇସ୍ୟୁ କରିବ ଯାହା ମୋଟ ୪୮.୭୫ କୋଟି ଟଙ୍କା ହେବା ପ୍ରସ୍ତାବିତ ଇସ୍ୟୁ ନିମନ୍ତେ ରାଇଟସ ଯୋଗ୍ୟକା ଅନୁପାତ ୧:୩ ଧାର୍ଯ୍ୟ କରାଯାଇଛି ।

# ଭଣ୍ଡାରିପୋଖରୀ ନିର୍ବାଚନକ୍ଷେତ୍ର, ବିଜେପି ଦୁଇ ଫାଳ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ଚୟନକୁ କେନ୍ଦ୍ର କରି ଭାରତୀୟ ଜନତା ପାର୍ଟି ବସ୍ତୁତଃ ୨ ଗୋଷ୍ଠୀରେ ବିଭାଜିତ ହୋଇଯାଇଛି। ରବିବାର ଦଳର ବ୍ଲକସ୍ତରୀୟ ନିର୍ବାଚନପ୍ରସ୍ତୁତି ବୈଠକ ଧାନଗରଛକ ନିକଟ ଏକ ହୋଟେଲରେ ଆହୂତ ହୋଇଥିଲା। ଦଳର ଲୋକସଭା ସଂଯୋଜକ ଇଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ଲୋକସଭା ପର୍ଯ୍ୟବେକ୍ଷକ ଭୋଳା ସିଂ, ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାନସଭା ପ୍ରାର୍ଥୀ ସୁଧାଂଶୁ ନାୟକ, ବିଧାନସଭା ପ୍ରଭାରୀ ଆଶୋକ ପରିଜା ଯୋଗଦେଇ ଦଳକୁ ଏକଜୁଟ କରି ନିର୍ବାଚନୀ ପ୍ରସ୍ତୁତି ପାଇଁ ବୈଠକ କରିଥିଲେ। ହେଲେ ବିଧାନସଭା ପ୍ରାର୍ଥୀ ଆମଦାନୀ ନେତା ସୁଧାଂଶୁଙ୍କୁ ଗ୍ରହଣ କରୁନଥିବା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଦଳର ପୂର୍ବ ୨ଥର ବିଧାନସଭା ପ୍ରାର୍ଥୀ ବଦ୍ରୀନାରାୟଣ ଧଳ ଓ ପଞ୍ଚାନନ ରାଉତଙ୍କ ସମେତ ପୂର୍ବତନ ଜିଲ୍ଲା ସଭାପତି ଅକ୍ଷୟ ସାହୁ, ଜିଲ୍ଲାକାର୍ଯ୍ୟକାରିଣୀ ସଦସ୍ୟ ତଥା ବରିଷ୍ଠ ନେତା ସୂର୍ଯ୍ୟମଣି ରାଉତ, ଅମୂଲ୍ୟ ସେଠୀ, ଭୀମସେନ ନାୟକ, ପ୍ରଣବ ରାଉତ, ପ୍ରଦୀପ ସାହୁ, ରୁକ୍ମଣୀ ଦାସ, ଭଣ୍ଡାରିପୋଖରୀ ଯୁବମୋର୍ଚ୍ଚା ସଭାପତି ପ୍ରତାପ ଦ୍ୱିବେଦୀ, ସମିତି ସଭ୍ୟା ସୁପ୍ରିୟା ସେଠୀ ପ୍ରମୁଖ ବହୁ ଆଗଧାଡିର ନେତା ଏହି ବୈଠକରେ ଅନୁପସ୍ଥିତ ଥିଲେ। ଏପରିକି ବିଜେଡିରୁ ଦୁର୍ନିତୀ ଓ ବିଶୃଙ୍ଖଳା ଅଭିଯୋଗରେ ବହିଷ୍କୃତ ବ୍ୟକ୍ତିଙ୍କୁ ଦଳ ଟିକେଟ ଦେଇ ଉଚିତ କରିନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ବିଜେପିର ନେତା ଓ କର୍ମୀମାନେ ବିକ୍ଷେଦଗାର ଚଳାଇଛନ୍ତି। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରରେ ସର୍ବଦା ୩ ନଂ ସ୍ଥାନରେ ଥିବା ବିଜେପିର ସ୍ଥିତି ଏହାଦ୍ୱାରା ଦୋହଲିବାକୁ ଯାଉଛି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

### ଅଲ୍ଟିମେଟ୍ ଇଲେକ୍ଟ୍ରୋଲାଇଟ ଡ୍ରିଙ୍କ ହିମାଳୟା ରି-ହାଇଡ୍ରେଟ୍‌ର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ୱେଲନେସ୍ ବ୍ରାଣ୍ଡ ହିମାଳୟା ୱେଲ୍‌ନେସ୍ କମ୍ପାନୀ, ରିହାଇଡ୍ରେଶନ ଓ ଥକ୍କାପଣର ମୁକାବିଲା କରିବା ପାଇଁ ଏହାର ନୂତନ ଉତ୍ପାଦ ହିମାଳୟା ରି-ହାଇଡ୍ରେଟ୍‌ର ଉନ୍ମୋଚନ କରିଛି, ଯାହାକି ଦୁଇଟି ଫ୍ଲେଭର ଯଥା ଆପଲ ଓ ଅରେରେ ଉପଲବ୍ଧ ହେଉଛି। ଶରୀର ହରାଇଥିବା ପୋଷକତତ୍ତ୍ୱଗୁଡିକୁ ପୁଣିଥରେ ପୂରଣ କରିବା ପାଇଁ ଏହି ଇଲେକ୍ଟ୍ରୋଲାଇଟ୍ ଡ୍ରିଙ୍କକୁ ଯତ୍ନର ସହ ପ୍ରସ୍ତୁତ କରାଯାଇଛି ଯାହା ଉପଭୋକ୍ତାଙ୍କୁ ସତେଜ ଓ ଶକ୍ତିଶାଳୀ ଅନୁଭବ ଦେଇଥାଏ। ହିମାଳୟା ରି-ହାଇଡ୍ରେଟ୍‌କୁ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତିମାନଙ୍କ ପାଇଁ ୪୦% କମ୍ ଅତିରିକ୍ତ ଚିନି ଓ ୫୦% ଅଧିକ ଭିଟାମିନ ସି ସହିତ ବୈଜ୍ଞାନିକ ଭାବେ ଡିଜାଇନ କରାଯାଇଛି। ଭିଟାମିନ ସି ଥକ୍କାପଣକୁ ଶୀଘ୍ର ଦୂର କରୁଥିବା ବେଳେ କମ ଚିନି ପରିମାଣ ଆଜିର ସଚେତନ ଉପଭୋକ୍ତାମାନଙ୍କ ପସନ୍ଦ ସହ ଜଡିତ ରହିଛି।

# ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ବିଶ୍ୱ ହାତ ସ୍ୱଚ୍ଛତା ଦିବସ



ଭୁବନେଶ୍ୱର (ସବ୍ୟୁ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସ୍‌ରେ ଅଣୁଜୀବ ବିଜ୍ଞାନ ବିଭାଗ ପକ୍ଷରୁ ସୋମବାର 'ବିଶ୍ୱ ହାତ ସ୍ୱଚ୍ଛତା ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ୟାମ୍ପସ୍‌ର ଡିନ୍ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁ, ପାଥୋଲୋଜି ବିଭାଗର ମୁଖ୍ୟ ଡାକ୍ତର କେ. ମୋହିନୀ ରାଓ ଏବଂ ଲାବୋରେଟୋରୀର ନିର୍ଦ୍ଦେଶକ ତଥା ଅଣୁଜୀବ ବିଜ୍ଞାନ (ମାଇକ୍ରୋବାୟୋଲୋଜି) ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ସାହୁ ଯୋଗ ଦେଇ ହାତ ଧୋଇବା ଦ୍ୱାରା କିଭଳି ସଂକ୍ରମଣକୁ କିପରି ଦୂରରେ ରଖିହେବ ଏବଂ ଅନ୍ୟ ବ୍ୟକ୍ତି ମଧ୍ୟ ସୁସ୍ଥ ରଖିପାରିବେ ଏ ନେଇ ବିସ୍ତୃତ ଭାବେ ସଚେତନତା ନିମନ୍ତେ ବାର୍ତ୍ତା ଦେଇଥିଲେ । ଅଣୁଜୀବ ବିଜ୍ଞାନ ବିଭାଗର ଡାକ୍ତର ଓ ଷ୍ଟାଫ୍ ମାନଙ୍କ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଘ ଏ ବର୍ଷର ସ୍ଲୋଗାନ 'ହ୍ୱାଏ ଇଜ୍ ସେୟାରିଂ ନଲେଜ୍ ଏବାଉଟ୍ ହ୍ୟାଣ୍ଡ ହାଇଜିନ୍ ଷ୍ଟିଲ୍ ସୋ ଇମ୍ପୋର୍ଟାଣ୍ଟ ସେ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇ ରୋଗୀ ସେବାରେ ଏହାକୁ ପ୍ରାଧାନ୍ୟ ଦେବା ପାଇଁ ଅନୁରୋଧ କରାଯାଇଥିଲା । ଏହି ବାର୍ତ୍ତାକୁ ହସ୍ପିଟାଲର ସମସ୍ତ ବିଭାଗୀୟ କର୍ମଚାରୀ ହସ୍ତ ଅଙ୍କିତ ପୋଷ୍ଟର ମାଧ୍ୟମରେ ଅତି ସୁନ୍ଦର ଭାବରେ ଉପସ୍ଥାପିତ କରିଥିଲେ ଏବଂ ଶ୍ରେଷ୍ଠ ବିବେଚିତ ପୋଷ୍ଟରକୁ ପୁରସ୍କୃତ କରାଯାଇଥିଲା।

### ନୀଳାଚଳ ସାରସ୍ୱତ ସଂଘ ଭକ୍ତ ସମ୍ମିଳନୀ ପ୍ରସ୍ତୁତି ବୈଠକ

# ଯୋଗଦେବେ ଦେଶ ବିଦେଶର ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ

ଭୁବନେଶ୍ୱର (ସବ୍ୟୁ) ପରମହଂସ ସଦଗୁରୁ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ପୁରୀସ୍ଥିତ ନୀଳାଚଳ ସାରସ୍ୱତ ସଂଘ ଦ୍ୱାରା ଅନୁଷ୍ଠିତ ହେଉଥିବା ଉତ୍କଳ ପ୍ରାଦେଶିକ ଭକ୍ତ



ସମ୍ମିଳନୀର ୭୪ତମ ଅଧିବେଶନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ୨୦୨୫ ମସିହାରେ ଏହି ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ସୋରଠାରେ ଅନୁଷ୍ଠିତ ହେବ। ସଙ୍ଘର ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଙ୍ଘର ପରିଚାଳକ ଶରତ ଚନ୍ଦ୍ର ସିଂଦେଓ ସମ୍ମିଳନୀର ବିଭିନ୍ନ ସେବା ବିଭାଗ ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତା ବର୍ଷ ଫେବୃଆରୀ ମାସ ମାଘ ପୂର୍ଣ୍ଣିମା ସମୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଭକ୍ତ ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ଭକ୍ତମାନଙ୍କର ରହିବା ଓ ପ୍ରସାଦ ପାଇବାର ସମସ୍ତ ଆୟୋଜନ ସଙ୍ଘ ପକ୍ଷରୁ କରାଯିବ। ଏଥିପାଇଁ ସମ୍ମିଳନୀର ବିଭିନ୍ନ ସେବା ବିଭାଗର ମୁଖ୍ୟ ସେବକମାନେ ମିଳିତ ହୋଇ ସମସ୍ତ ଆୟୋଜନର ସମୀକ୍ଷା କରିଥିଲେ । ସଦଗୁରୁ ସ୍ୱାମୀ ନିଗମାନନ୍ଦଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଙ୍ଘ ଅଧୀନରେ ଥିବା ବାଲେଶ୍ୱର ଜିଲ୍ଲା ସାରସ୍ୱତ ସଙ୍ଘର ଆନୁକୂଲ୍ୟରେ ସୋର ସାରସ୍ୱତ ସଙ୍ଘଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସମ୍ମିଳନୀ ସମୟରେ ସ୍ଥାନୀୟ ଜନ ସାଧାରଣଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ । ସମ୍ମିଳନୀର ୨ୟ ଦିବସରେ ଏକ ରକ୍ତ ଦାନ ଶିବିର ମଧ୍ୟ ଅନୁଷ୍ଠିତ ହେବ। ପବିତ୍ର ଅକ୍ଷୟ ତୃତୀୟାରେ ସ୍ଥାନୀୟ ଲୋକଙ୍କୁ ଫଳ ଚାରା ବଣ୍ଟନ କରାଯିବ । ଏହି ସମ୍ମିଳନୀର ସଫଳ ରୂପାୟନ ପାଇଁ ଆବଶ୍ୟକ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସଙ୍ଘ ପକ୍ଷରୁ ନିବେଦନ କରାଯାଇଛି।

# ୬୦ ଲକ୍ଷ ଠକେଇ : ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୬୦ ଲକ୍ଷ ଟଙ୍କା ସାଇବର ଠକେଇ କରିଥିବା ୪ ଠକଙ୍କୁ ଅହମ୍ମଦାବାଦରୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ସାଇବର ୟୁନିଟ୍ । ଅନ୍‌ଲାଇନ୍ ଟ୍ରେଡିଂ ବାହାନାରେ ଭୁବନେଶ୍ୱର ଜଣେ ବ୍ୟକ୍ତିଙ୍କ ଠାରୁ ଠକେଇ ହେବା ପରେ ସେ କ୍ରାଇମ୍‌ବ୍ରାଞ୍ଚରେ ଅଭିଯୋଗ କରିଥିଲେ ।

ଅଭିଯୋଗ ଭିତ୍ତିରେ କ୍ରାଇମ୍‌ବ୍ରାଞ୍ଚ ସାଇବର ୟୁନିଟ୍ ସେମାନଙ୍କ ମୋବାଇଲ୍ ଲୋକେସନ୍‌କୁ ଠାବ କରି ତାଙ୍କୁ ଅହମ୍ମଦାବାଦରୁ ଗିରଫ କରିବା ପରେ ସେଠିକା କୋର୍ଟରେ ହାଜର କରାଇଥିଲେ । ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିବା ପରେ ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ହାଜର କରାଇଥିଲା ପୋଲିସ୍ । ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ଆଣିଥିବା କ୍ରାଇମ୍‌ବ୍ରାଞ୍ଚ କହିଛି । ଅନ୍‌ଲାଇନ୍ ଟ୍ରେଡିଂ ପାଇଁ ଅପରାଧୀଙ୍କ ସହ ଯୋଗାଯୋଗରେ ଥିଲେ ଏତଲାକାରୀ । ସେମାନେ ୨୦ ଦିନରେ ୬୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି ।

ଗିରଫ ହୋଇଥିବା ୪ ଅପରାଧୀ ହେଲେ ଫକୀର ଆଲଫାଜ୍‌ସା ବିସ୍ମିଲାସା (୨୦), ସୈକ୍ ହୁମ୍ମାପର୍‌ବିନ୍ ରାଫିକ୍ (୨୭), ରାଫିକ୍ ଅବ୍‌ଦୁଲ୍‌ମଜିଦ୍ ସୈକ୍ (୨୮) ଓ ଅହମ୍ମଦଖାନ୍ ସର୍ଦ୍ଦାରଖାନ୍ ବାଲୋଚ୍ (୨୮) । ଚାରିଜଣଙ୍କ ଘର ଅହମ୍ମଦାବାଦରେ ବୋଲି କ୍ରାଇମ୍‌ବ୍ରାଞ୍ଚ କହିଛି । ସେମାନଙ୍କ ବିରୋଧରେ ୨୦୨୩ ନଭେମ୍ବର ୨୬ ତାରିଖରେ ୪୧୯, ୪୨୦, ୪୬୫, ୪୬୭, ୪୭୧, ୧୨୦-ବି ଓ ୩୪ ଆଇପିସିରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଏହି ସାଇବର ଠକ ର୍‌ୟାକେଟ୍ କେବଳ ଓଡ଼ିଶା ନୁହେଁ ଭାରତର ବିଭିନ୍ନ ରାଜ୍ୟର ଲୋକଙ୍କୁ ଅନ୍‌ଲାଇନ୍‌ରେ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଠକେଇ କରୁଥିବା ଜଣାପଡ଼ିଥିଲେ ମଧ ତାହା ସ୍ପଷ୍ଟ ହେବା ପାଇଁ ତଦନ୍ତକାରୀ ଟିମ୍ ତଦନ୍ତ ଜାରି ରଖିଛି ।

# ସାଧାରଣ ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ ବୁଥ ପରିଦର୍ଶନ

ପୁରୀ (ସବ୍ୟୁ): ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଡା କୁନାଲ ପ୍ରକାଶ ପୁରୀ ରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି । ସେ ୧୦୭ ପୁରୀ,୧୦୮ ବ୍ରହ୍ମଗିରି, ୧୦୯ ସତ୍ୟବାଦୀ ଓ ୧୧୦ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ର ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିର୍ବାଚନ କାର୍ଯ୍ୟ ତଦାରଖ କରିବେ । ଶ୍ରୀ ପ୍ରକାଶ ପୁରୀ ରେ ପହଞ୍ଚିବା ପରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତାଙ୍କୁ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ପରେ ସର୍କିଟ ହାଉସ ଠାରେ ପର୍ଯ୍ୟବେକ୍ଷକ ଶ୍ରୀ ପ୍ରକାଶ ସମସ୍ତ ରିଟର୍ଣ୍ଣିଂ ଅଫିସର ମାନଙ୍କ ସହ ଆଲୋଚନା କରିଥିଲେ । ରିଟର୍ଣ୍ଣିଂ ଅଫିସର ମାନେ ସେମାନଙ୍କ ନିର୍ବାଚନମଣ୍ଡଳୀର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଉପ ଜିଲ୍ଲାପାଳ ନିଳମାଧବ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ପରେ ଡା ପ୍ରକାଶ ପୁରୀ ପୌରପାଳିକା ଅନ୍ତର୍ଗତ ୯୨,୯୩, ୯୪, ୯୫, ୧୫୫,୧୫୬ ଓ ୧୫୭ ନମ୍ବର ବୁଥକୁ ପରିଦର୍ଶନ କରି ଭୋଟର ମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ବ୍ୟବସ୍ଥା ର ଅନୁଧ୍ୟାନ କରିଥିଲେ । ପରେ ପର୍ଯ୍ୟବେକ୍ଷକ ଇଭିଏମ ଓ୍ୱାର ହାଉସ କୁ ପରିଦର୍ଶନ କରିଥିଲେ ।

# କେଏଲ୍‌ଏଚ୍ ବଟୁପାଲ୍ଲୀ ପକ୍ଷରୁ ବିଓ୍ୱେନ୍ତିଆ ୨୦୨୪

ଭୁବନେଶ୍ୱର (ସବ୍ୟୁ): କେଏଲ୍ ଡିମ୍‌ଡ ଟୁ ବି ୟୁନିଭର୍ସିଟିର, କେଏଲ୍‌ଏଚ୍ ବାଟୁପାଲ୍ଲୀ କ୍ୟାମ୍ପସ୍ ପକ୍ଷରୁ ଉଲ୍ଲେଖନୀୟ ସଫଳତା ସହିତ ବିଓ୍ୱେନ୍ତିଆ ୨୦୨୪ର ଆୟୋଜନ କରାଯାଇଛି । ଏହା ହେଉଛି କ୍ୟାମ୍ପସର ପ୍ରଥମ ବାର୍ଷିକ ବୈଷୟିକ-ସାଂସ୍କୃତିକ ସମାରୋହ, ଯାହାକି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ଭାବନ ଓ ସୃଜନଶୀଳତାର ଧାରାକୁ ପ୍ରଦର୍ଶିତ କରୁଛି। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଏକତ୍ରିତ




ହୋଇଥିଲେ ଏବଂ ସେମାନେ ଟେକ୍ନିକାଲ ୱର୍କସପଠାରୁ ଆରମ୍ଭ କରି ଏକ୍ସପୋ, ହ୍ୟାକାଥନ ଓ କୋଡିଙ୍ଗ୍ ବ୍ୟାଟେଲ୍ ଆଦି ବିଭିନ୍ନ ପ୍ରକାରର କାର୍ଯ୍ୟକଳାପରେ ସାମିଲ ହୋଇଥିଲେ । ଏହି ଫେଷ୍ଟିଭାଲରେ ଗ୍ଲାମ୍ କୋଡ୍ କୋଟର, ବଟ୍‌ସ ବ୍ୟାଟେଲ, ହ୍ୟାକ୍-ଏ-ଥନ୍, ଆଇଡିଆସ୍ ସ୍ପାର୍କ, ପିସିବି ଡିଜାଇନ ୱର୍କସପ୍ ଭଳି ଟେକ୍‌କର୍ଣ୍ଣର ଇଭେଂଟ୍‌ଗୁଡିକ ସାମିଲ ଥିଲା। ଏହାବ୍ୟତୀତ ଇ-ଗେମିଂ, ଗେମ୍‌କନ୍‌କ୍ୱେଷ୍ଟ ସ୍ମାଶ୍ କାର୍ଟସ୍, ଗେମ୍‌କନ୍‌କ୍ୱେଷ୍ଟ ଟମ୍ବୋଲା ଭଳି ଅଣ ଟେକ୍ନୋହବ୍ ଇଭେଂଟ୍‌ଗୁଡିକ ଏହି ମହୋତ୍ସବ ମଧ୍ୟରେ ସମସ୍ତଙ୍କ ପାଇଁ କିଛି ନା କିଛି ଉପଲବ୍ଧ ରହିବାକୁ ସୁନିଶ୍ଚିତ କରିଥିଲା । ଆର୍ଥିକ ସେବା ବିଭାଗ (ବୀମା) ଓ ଅଭିଥିୟା ଏଂଟରଟେନର୍ସର ନିର୍ଦ୍ଦେଶକ ଅମରନାଥ କୋଥାମାସୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ସଫଳତାକୁ ଆହୁରି ବଢ଼ାଇଥିଲେ। କାର୍ଯ୍ୟକ୍ରମରେ 'ବ୍ରହ୍ମଚାରୀ' ଫିଲ୍ମର ଷ୍ଟାର ଗୁଂଟା ମାଲେଶାମ ଓ ସିରି ମଧ ଯୋଗ ଦେଇଥିଲେ ଯିଏକି ଗ୍ଲାମର ଓ ଉତ୍ସାହ ବଢ଼ାଇଥିଲେ।

### ବେଦାନ୍ତ ଲାଞ୍ଜିଗଡ଼ ବର୍ଦ୍ଧିତ ଶକ୍ତି ଦକ୍ଷତା ପାଇଁ

# ଉନ୍ନତ ଶକ୍ତି ପରିଚାଳନା ବ୍ୟବସ୍ଥାକୁ ନିୟୋଜିତ କରିଛି

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଲିମିଟେଡ, ଲାଞ୍ଜିଗଡ଼ ଭାରତର ଅଗ୍ରଣୀ ମେଟାର୍ଲ ଜିକାଲ ଗ୍ରେଡ ଆଲୁମିନା ଉତ୍ପାଦକ ଏହାର ୟୁନିଟରେ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରରେ ଉନ୍ନତ ଶକ୍ତି ପରିଚାଳନା ବ୍ୟବସ୍ଥା ଗ୍ରହଣ କରିଛି । ଏହା ୧୨୦ଟି ଜଟିଳ ବୈଦ୍ୟୁତିକ ସମ୍ପତ୍ତିର କାର୍ଯ୍ୟ ଦକ୍ଷତା ମାପଦଣ୍ଡ ଉପରେ ନଜର ରଖିବାରେ ସାହାଯ୍ୟ କରିବ, ଯାହା ଦ୍ୱାରା ପ୍ଲାଣ୍ଟରେ ଶକ୍ତି ଦକ୍ଷତାର ବିକାଶ ହୋଇପାରିବ । ଏହା ଏକ ଉନ୍ନତ ଡିଜିଟାଲାଇଜେସନ ପ୍ରୟାସ ଯାହାକି ବର୍ଦ୍ଧିତ କାର୍ଯ୍ୟକ୍ଷମ ଅପ୍ଟିମାଇଜେସନ୍ ଓ ରିଫାଇନାରୀ କାର୍ଯ୍ୟର ସ୍ୱୟଂଚାଳିତ ବୃଦ୍ଧି ଘଟାଇବ । ଜଟିଳ ପରିଚାଳନା ଗୁଡ଼ିକର ବ୍ୟବସ୍ଥିତ ମନିଟରିଂ, ବିଶ୍ଳେଷଣ ଓ ଅପ୍ଟିମାଇଜେସନ ନିଶ୍ଚିତ କରିବାକୁ ଶକ୍ତି ପରିଚାଳନା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଯାହା ସାମଗ୍ରିକ ଶକ୍ତି ଦକ୍ଷତାକୁ ଆଗେଇ ନେଇଥାଏ ଓ କେନ୍ଦ୍ରୀୟ ଡାଟା ବେସର



କାର୍ଯ୍ୟକୁ ସୁଗମ କରିଥାଏ ।

ଆଲୁମିନା ବିଶୋଧନ ପ୍ରକ୍ରିୟାରେ ଶକ୍ତିର ମହତ୍ତ୍ୱ ପୂର୍ଣ୍ଣଯୋଗଦାନ ରହିଛି । ଉନ୍ନତ, ସ୍ୱୟଂଚାଳିତ ଓ ଡାଟା ଆଧାରିତ ପ୍ରକ୍ରିୟା ଗୁଡ଼ିକର କାର୍ଯ୍ୟକାରିତା ଲାଗିଶକ୍ତି ପରିଚାଳନା ପ୍ରଣାଳୀ ଏହାର ଦକ୍ଷତାକୁ ବଢାଇଥାଏ ଓ ଇଏସଜି ଲକ୍ଷ୍ୟ ହାସଲ ପାଇଁ ଗ୍ରୀନ ହାଉସ ଗ୍ୟାସ ନିର୍ଗମନକୁ କମ କରିଥାଏ । ଏହି ଅବସରରେ ବେଦାନ୍ତ ଲିମିଟେଡର ଆଲୁମିନା ବିଜିନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଶକ୍ତିପରିଚାଳନା ପ୍ରଣାଳୀ ପରି ପଦକ୍ଷେପ ମାଧ୍ୟମରେ ଆମେ ଶକ୍ତିଦକ୍ଷତା ବୃଦ୍ଧି ଦିଗରେ ଆଗେଇବା ପାଇଁ ପ୍ରତିଶୃତିବଦ୍ଧ । ଯେକୌଣସି ଶିଳ୍ପ ପାଇଁ ଶକ୍ତି ଦକ୍ଷତା ପ୍ରୟୋଜନ, ଆମେ କାର୍ବନ ପଦ ଚିହ୍ନକୁ ହ୍ରାସ କରିବା ଲାଗି ସ୍ୱଚ୍ଛ ଓ ଅଧିକ ସ୍ଥାୟୀ ଶକ୍ତି ପ୍ରଣାଳୀକୁ ଏକତ୍ର କରୁଛୁ ଯାହାଦ୍ୱାରା ସମସ୍ତଙ୍କ ଲାଗି ଏକ ସମୃଦ୍ଧ ଓ ସ୍ଥାୟୀ ଭବିଷ୍ୟତ ଗଠନ ହୋଇପାରିବ ।

ବେଦାନ୍ତର ଆଲୁମିନା ବିଶୋଧନାଗାର ଏହାର ଶକ୍ତିଦକ୍ଷତା ପଦକ୍ଷେପ ପାଇଁ ଅନେକ କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି ସର୍କଲ ତଥା ଭାରତ ସରକାରଙ୍କ ବ୍ୟୁରୋ ଅଫ ଏନର୍ଜି (ଏଫସିସି)ଅଧିନରେ ଶକ୍ତି ହାସଲ କରୁଛି ଓ ଶକ୍ତି ଦକ୍ଷତା ପ୍ରଦର୍ଶନ ଉପରେ ପୁରସ୍କାର ଲାଭ କରିଛି । ବେଦାନ୍ତ ଆଲୁମିନିୟମ ୨୦୫୦ ସୁଦ୍ଧା ନେଟ ଜିରୋ ହାସଲ କରିବାକୁ ପ୍ରତିଶୃତି ଦେଇଛି ଓ କାର୍ବନ ଫୁଟ ପ୍ରିଂଟକୁ ହ୍ରାସ କରିବା ଲାଗି ପଦକ୍ଷେପ ଗ୍ରହଣ କରିଛି । ଏହାର କାର୍ଯ୍ୟକଳାପ ମାଧ୍ୟମରେ କମ୍ପାନି ଏକ ସବୁଜ ଭବିଷ୍ୟତ ନିଶ୍ଚିତ କରିବାକୁ ଦ୍ୱୈତଗୁଣାରଣନୀତି ଆପଣାଇଛି ଓ ଏହି ଯାତ୍ରା କମ୍ପାନି ଲାଗି ହାସଲ ହୋଇଥିବା ପ୍ରମୁଖ ମାଇଲ ଖୁଣ୍ଟ ଯାହା- ଉତ୍ପାଦନକୁ ୧୬% ବୃଦ୍ଧି କରୁଥିବା ବେଳେ ଆର୍ଥିକ ବର୍ଷ ୨୩ର ବେସଲାଇନ ଉପରେ ଏସଏଚଜିନିର୍ଗମନ ତୀବ୍ରତାକୁ ୮% ହ୍ରାସକରିଛି । ଆର୍ଥିକ ବର୍ଷ ୨୪ରେ ଏହାର କାର୍ଯ୍ୟରେ ୧୫ ବିଲିୟନ ଲିଟରରୁ ଅଧିକ ଜଳ ପୁନଃ ବ୍ୟବହାର କରିଛି । ମଧୁର ଜଳ ଉତ୍ସରୁ ଜଳ ପ୍ରତ୍ୟାହାରରେ ଏକ ଉଲ୍ଲେଖନୀୟ ଭୂମିକା ୧୧% ହ୍ରାସ କରିଛି । ୧.୫ ମିଲିୟମ କ୍ୟୁବିକ ମିଟର ମଧୁର ଜଳ ସଞ୍ଚୟ ସହିତ ଆର୍ଥିକ ବର୍ଷ ୨୩ରେ ବର୍ଜ୍ୟବସ୍ତୁ ବ୍ୟବହାରକୁ ୨୦୦%କୁ ଦ୍ୱିଗୁଣିତ କରିଛି ।

**ଆଲୁମିନା ରିଫାଇନାରି ନିର୍ଗମନକୁ ହ୍ରାସ କରିବା ଓ ଶକ୍ତି ଦକ୍ଷ ପ୍ରକ୍ରିୟାକୁ ସକ୍ଷମ କରିବା ଲାଗି ତଥ୍ୟ ପ୍ରକ୍ରିୟାର ବ୍ୟବହାର କରୁଛି**

### କଂଗ୍ରେସ ଛାଡିଲେ ଚନ୍ଦ୍ରକାନ୍ତ ଖଣ୍ଡାଇ

ପାଣିକୋଇଲ,(ସବ୍ୟୁ) : କଂଗ୍ରେସ ରାଜନୀତିରେ ସକ୍ରିୟ ଥିବା ଯୁବ କଂଗ୍ରେସ ନେତା ତଥା ଆଇନଜିବୀ ଚନ୍ଦ୍ରକାନ୍ତ ଖଣ୍ଡାଇ (ପିଂଟୁ) ଆଜି ଦଳର ସମସ୍ତ ପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ତାଙ୍କ ଇସ୍ତଫା ପତ୍ର ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ଜିଲ୍ଲା ସଭାପତି ମନୋଜ କୁମାର ରାଉତ ଓ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡାଙ୍କ ନିକଟକୁ ପଠାଇଛନ୍ତି।



## ପ.ବଙ୍ଗ ଶିକ୍ଷକ ନିଯୁକ୍ତି ମାମଲା

# ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ଲାଗିଲା ରୋକ

ନୂଆଦିଲ୍ଲୀ: ନିକଟରେ କଲିକତା ହାଇକୋର୍ଟ ପଶ୍ଚିମବଙ୍ଗ ଶିକ୍ଷକ ଦୁର୍ନୀତି ମାମଲାରେ ୨୫ ହଜାରରୁ ଅଧିକ ଶିକ୍ଷକ-ଅଣଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ସେମାନଙ୍କୁ ତାଙ୍କର ଦରମା ଫେରାଇବାକୁ ମଧ୍ୟ ଆଦେଶ ଦେଇଥିଲେ । ଏହାକୁ ଚ୍ୟାଲେଞ୍ଜ କରି ସ୍କୁଲ ସେବା ଆୟୋଗ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା । ଆଜି ଏହି ମାମଲାର ଶୁଣାଣି ହୋଇଛି । ସର୍ବୋଚ୍ଚ ଅଦାଲତ କଲିକତା ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ରୋକ ଲଗାଇ ଦେଇଛନ୍ତି । ତେବେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଏହି ମାମଲାରେ ସିବିଆଇ ତଦନ୍ତ ଜାରି ରହିବ । କିନ୍ତୁ କୌଣସି ପ୍ରାର୍ଥୀ କିମ୍ବା ସେବା ଅଧିକାରୀଙ୍କ ବିରୋଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ଗ୍ରହଣ କରାଯିବ ନାହିଁ ବୋଲି କୋର୍ଟ କହିଛନ୍ତି ।

ସୁପ୍ରିମକୋର୍ଟ କହିଛନ୍ତି, ଏହି ମାମଲାରେ ନ୍ୟାୟ ହିତରେ ଶୀଘ୍ର ନିଷ୍ପତ୍ତି ହେବ । ଅନ୍ତରୀଣ ସୁରକ୍ଷା ଜାରି କରି କୋର୍ଟ କହିଛନ୍ତି ଯେ, ଯଦି କୌଣସି ବ୍ୟକ୍ତିଙ୍କ ବେଆଇନ୍ ରୂପେ ନିଯୁକ୍ତ ହୋଇଥିବା ଧରାପଡେ ତେବେ ତାଙ୍କୁ ତାଙ୍କ ଦରମା ଫେରାଇବାକୁ ପଡିବ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୧୬ ତାରିଖରେ ହେବ । ଏହି ରାୟ ଶୁଣାଇବା ପୂର୍ବରୁ ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ଶୁଣାଣି କରୁଥିବା ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ମଙ୍ଗଳବାର ମମତା ବାନାର୍ଜୀ ସରକାରଙ୍କୁ କଠୋର ପ୍ରଶ୍ନ ପଚାରିଥିଲେ । ଚୟନ ପ୍ରକ୍ରିୟାକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିବା ବେଳେ କାହିଁକି ଅତିରିକ୍ତ ପଦବୀ ସୃଷ୍ଟି କରି ୱେଟିଂ ଲିଷ୍ଟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଲେ ବୋଲି ପ୍ରଧାନ ବିଚାରପତି ପଶ୍ଚିମବଙ୍ଗ ସରକାରଙ୍କୁ ପଚାରିଥିଲେ । କଲିକତା ହାଇକୋର୍ଟ ୨୦୧୬ରେ ପଶ୍ଚିମବଙ୍ଗରେ ହୋଇଥିବା ଶିକ୍ଷକ ନିଯୁକ୍ତ ରଦ୍ଦ କରିଥିଲେ । ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ସହାୟତା ପ୍ରାପ୍ତ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ଚୟନ ପରୀକ୍ଷା-୨୦୧୬ର ଚୟନ ପ୍ରକ୍ରିୟା ଅମାନ୍ୟ ଘୋଷଣା କରିଥିଲେ । ଏଥିସହ ୨୪,୦୦୦ ଶିକ୍ଷକଙ୍କୁ ନିଯୁକ୍ତିକୁ ରଦ୍ଦ କରିବାକୁ ଘୋଷଣା କରିଥିଲେ । କେବଳ ସେତିକି ନୁହେଁ ୨୦୧୬ରୁ ସ୍କୁଲରେ ଚାକିରି ପାଇଥିବା ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ ମିଳିଥିବା ଦରମା ଫେରାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲେ । ଜଷ୍ଟିସ୍ ଦେବାଙ୍ଗସୁ ବସାକ ଓ ଜଷ୍ଟିସ୍ ମୋହମ୍ମଦ ଶବ୍ବାର ରାଶିଦଙ୍କ ଖଣ୍ଡପୀଠ ଏହି ମାମଲାରେ ସିବିଆଇ ତଦନ୍ତ କରି ତିନି ମାସ ଭିତରେ ରିପୋର୍ଟ ଦାଖଲ କରିବାକୁ କହିଥିଲେ ।

## କେଜ୍ରିୱାଲଙ୍କୁ ଜାମିନ ଦେଲେନି

# ଇଡିକୁ ଗୁଡେଇତୁଡେଇ ପ୍ରଶ୍ନ

ନୂଆଦିଲ୍ଲୀ : ମଦ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଆଜି ବି ମିଳିଲାନି ଆଶ୍ୱସ୍ତି । ଇଡିର ଗିରଫଦାରୀକୁ ବିରୋଧ କରିବା ସହ ଅନ୍ତରୀଣ ଜାମିନ ପାଇଁ ସେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଆଜି ଏହି ମାମଲାର ଶୁଣାଣି ହୋଇଥିଲା । ତେବେ ଶୁଣାଣି ବେଳେ ଇଡି ଉପରେ ବର୍ଷିଥିଲେ କୋର୍ଟ । ତାଙ୍କ ଗିରଫଦାରୀକୁ ନେଇ ଅନେକ ପ୍ରଶ୍ନ କରିଥିଲେ ।

ସୁପ୍ରିମକୋର୍ଟରେ ଉଭୟ ପକ୍ଷ ଗୋଟିଏ ପରେ ଗୋଟିଏ ଦଲିଲ ରଖିଥିଲେ । କୋର୍ଟ କେଜ୍ରିୱାଲଙ୍କ ସପକ୍ଷରେ କିଛି କଥା କହିଥିଲେ ମଧ୍ୟ ତାଙ୍କ ଜାମିନ ଆବେଦନ ଉପରେ କିନ୍ତୁ କିଛି ନିଷ୍ପତ୍ତି ଶୁଣାଇ ନାହାନ୍ତି । ମେ' ୯ ତାରିଖ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଆଜି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କେଜ୍ରିୱାଲଙ୍କ ଆବେଦନର ଶୁଣାଣି କରିଥିଲେ । ଏହି ସମୟରେ ଇଡିକୁ ଅନେକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିଥିଲେ ଖଣ୍ଡପୀଠ । ଦିଲ୍ଲୀ ଅବକାରୀ ନୀତି ମାମଲର ତଦନ୍ତରେ କାହିଁକି ୨ ବର୍ଷ ସମୟ ଲାଗିଲା ବୋଲି କୋର୍ଟ ପ୍ରଶ୍ନ କରିଥିଲେ । ଏଥିସହ ଏହି ମାମଲାର ସାକ୍ଷୀ ଓ ଅଭିଯୁକ୍ତଙ୍କୁ



ସିଧାସଳଖ ରୂପେ କାହିଁକି ପ୍ରଶ୍ନ ପଚରାଗଲା ନାହିଁ । ଦୁଇ ବର୍ଷରେ ଏହା ୧୧୦୦ କୋଟି ଟଙ୍କା କିଭଳି ହେଲା? ଆପଣ ପୂର୍ବରୁ ୧୦୦ କୋଟି ଟଙ୍କାର ଏହି ମାମଲା ବୋଲି କହିଥିଲେ । ୨-୩ ବର୍ଷରେ ଏହା କିପରି ୧୧୦୦ କୋଟି ଟଙ୍କାରେ ପରିଣତ ହେଲା ବୋଲି ପ୍ରଶ୍ନ କରିଥିଲେ । ଏଥିସହ ଅରବିନ୍ଦ କେଜ୍ରିୱାଲ ଜଣେ ମୁଖ୍ୟମନ୍ତ୍ରୀ । ସେ ଜଣେ ଅଭ୍ୟାସଗତ ଅପରାଧୀ ନୁହନ୍ତି । ତାଙ୍କ ବିରୋଧରେ ପୂର୍ବରୁ କୌଣସି ଅପରାଧିକ ମାମଲା ମଧ୍ୟ ନାହିଁ । ତାଙ୍କୁ ଜାମିନ ଦେବା ଉପରେ ବିଚାର କରାଯାଇପାରେ ବୋଲି କୋର୍ଟ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମାର୍ଚ୍ଚ ୨୧ ତାରିଖରେ ଇଡି ଗିରଫ କରିଥିଲା ।

ଏହାପୂର୍ବରୁ ଇଡି ଏହି ମାମଲାରେ ପଚରାଉଚରା କରିବା ପାଇଁ ତାଙ୍କୁ ୯ଥର ସମନ ମଧ୍ୟ ପଠାଇଥିଲା । ତେବେ କେଜ୍ରିୱାଲ ଗୋଟିଏ ବି ସମନରେ ହାଜର ହୋଇନଥିଲେ ।

## ନିର୍ବାଚନ ଲଢ଼ିବେ ଖଲିସ୍ତାନୀ ଅମୃତପାଲ ସିଂ

ଚଣ୍ଡିଗଡ଼: ଖଲିସ୍ତାନୀ ସମର୍ଥକ ନେତା ଅମୃତପାଲ ସିଂହ ପଞ୍ଜାବରେ ଲୋକସଭା ନିର୍ବାଚନ ଲଢ଼ିବା ନେଇ ବଡ଼ ଦାବି କରିଛନ୍ତି ତାଙ୍କ ପିତା ତରସେମ ସିଂହ । ତରସେମ ସିଂହ କହିଛନ୍ତି ଯେ ଅମୃତପାଲ ସିଂହ ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ନଥିଲେ କିନ୍ତୁ 'ସଙ୍ଗତ' ବା ଶିଖ ସମ୍ପ୍ରଦାୟର ଇଶାରାରେ ନିଜର ନିଷ୍ପତ୍ତି ବଦଳାଇଥିଲେ । ସଙ୍ଗତବାସୀ ଚାହୁଁଥିଲେ ଯେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇବେ । 'ୱାରିସ୍ ପଞ୍ଜାବ ଦେ' ସଂଗଠନର ମୁଖ୍ୟ ଅମୃତପାଲ ସିଂହ ଜାତୀୟ ସୁରକ୍ଷା ଆଇନ ଅଧୀନରେ ଆସାମର ଡିବ୍ରୁଗଡ଼ ଜେଲରେ ବନ୍ଦୀ ଅଛନ୍ତି । ଅମୃତପାଲ ସିଂହ ପଞ୍ଜାବର ଖଡୁର ସାହିବ ସଂସଦୀୟ କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲୋକସଭା ନିର୍ବାଚନ ଲଢ଼ିବେ ।

ଅମୃତପାଲ ସିଂହ ନିର୍ବାଚନ ଲଢ଼ିବାକୁ ଚାହୁଁନଥିଲେ, କିନ୍ତୁ ସେ କହିଛନ୍ତି ଯେ ଯଦି ନିର୍ବାଚନ ଲଢ଼ିବା 'ସଙ୍ଗତ'ର ନିଷ୍ପତ୍ତି ତେବେ ସେ ନିଜ ନିଷ୍ପତ୍ତି ବଦଳାଇ 'ସଙ୍ଗତ' ଆଗରେ ମୁଣ୍ଡ ନୁଆଁଇବେ । ଅମୃତପାଲ ସିଂହଙ୍କୁ ଗତ ବର୍ଷ ଏପ୍ରିଲରେ ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୋଧରେ କଠୋର ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଲାଗୁ କରାଯାଇଥିଲା । ସେ ତାଙ୍କ ୯ ଜଣ ସହଯୋଗୀଙ୍କ ସହ ଆସାମର ଡିବ୍ରୁଗଡ଼ ଜେଲରେ ବନ୍ଦୀ ଅଛନ୍ତି ।

# ଅଗ୍ନିବୀର ଯୋଜନାକୁ ଉଚ୍ଛେଦ କରିବୁ: ରାହୁଲ

ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧି ମଙ୍ଗଳବାର ଘୋଷଣା କରିଛନ୍ତି ଯେ ଯଦି 'ଇଣ୍ଡିଆ' ମେଣ୍ଟ କ୍ଷମତାକୁ ଆସେ ତେବେ ଅଗ୍ନିବୀର ଯୋଜନାକୁ ଉଚ୍ଛେଦ କରାଯିବ । କାରଣ ଏହା ସେନା ଦ୍ୱାରା ନୁହେଁ ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରା ଯାଇଥିଲା । ଏଥିସହ ଜିଏସଟିରେ ସଂଶୋଧନ କରିବା ସହ ଆଦିବାସୀଙ୍କ ପାଇଁ ଏକ ପୃଥକ ଧାର୍ମିକ କୋଡ୍ ଆଣିବାକୁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି ।

'ଅଗ୍ନିବୀର ଯୋଜନାକୁ 'ଇଣ୍ଡିଆ' ମେଣ୍ଟ ରଦ୍ଦ କରିବ, ଯାହା କି ମୋଦୀ ଆଣିଥିବା ଯୋଜନା, ସେନା ଦ୍ୱାରା ନୁହେଁ । ଆମେ ସହିଦଙ୍କ ମଧ୍ୟରେ ପାର୍ଥକ୍ୟ କରିବାକୁ ଚାହୁଁନାହୁଁ । ଦେଶ ପାଇଁ ବଳିଦାନ ଦେଉଥିବା ବ୍ୟକ୍ତିଙ୍କୁ ସହିଦ ମାନ୍ୟତା ଦିଆଯିବା ଉଚିତ, ତାଙ୍କୁ ପେନସନ ଦିଆଯିବା ଉଚିତ' ବୋଲି ସେ ଝାଡ଼ଖଣ୍ଡର ଗୁମଲାରେ ଆୟୋଜିତ ଏକ ନିର୍ବାଚନୀ ରାଲିରେ



କହିଛନ୍ତି । ବିଜେପି ସରକାର ୫ଟି ଟିକସ ସ୍ଲାବ ସହ ଭୁଲ ଜିଏସଟି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆମେ ଏଥିରେ ସଂଶୋଧନ କରିବୁ ଏବଂ ଗୋଟିଏ ଟିକସ ସ୍ଲାବ୍ କରିବୁ ଯାହା ସର୍ବନିମ୍ନ ହେବ । ଆମେ ଗରିବଙ୍କ ଉପରେ ଟିକସ ବୋଝ ହ୍ରାସ କରିବୁ ବୋଲି ସେ କହିଛନ୍ତି ।

ଆଦିବାସୀଙ୍କ ସହ ବିଶ୍ୱାସଘାତକତା ପାଇଁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ମୋଦୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନିତ କରିଛନ୍ତି ବୋଲି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତ । ନୂଆ ସଂସଦ ଭବନ ଉଦଘାଟନ ଓ ଅଯୋଧ୍ୟାରେ ରାମ ମନ୍ଦିର ସମାରୋହକୁ ନିମନ୍ତ୍ରଣ ନକରି ପ୍ରଧାନମନ୍ତ୍ରୀ ଆଦିବାସୀ ରାଷ୍ଟ୍ରପତି ମୁର୍ମୁଙ୍କୁ ଅପମାନିତ କରିଛନ୍ତି । ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ପିଏସୟୁ ରେଳବାଇ ଇତ୍ୟାଦି ଶିଳ୍ପପତିଙ୍କୁ ହସ୍ତାନ୍ତର କରିବାକୁ ବିଜେପି ଏବେ ଅଣ୍ଟା ଭିଡ଼ିଛି ।

## ଶପଥ ନେଲେ ଭ୍ଲାଦିମିର ପୁଟିନ୍

ମସ୍କୋ: ରୁଷିଆର ରାଷ୍ଟ୍ରପତି ଭାବେ ଭ୍ଲାଦିମିର ପୁଟିନ୍ ୬ ବର୍ଷ ପାଇଁ ଶପଥ ଗ୍ରହଣ କରିଛନ୍ତି । କ୍ରେମଲିନରେ ଶପଥ ଗ୍ରହଣ ପାଇଁ ଆୟୋଜିତ ଏକ ସମାରୋହରେ ସେ ରେକର୍ଡ ପଞ୍ଚମ ଥର ପାଇଁ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ । ସାମ୍ବିଧାନିକ ଅଦାଲତର ଅଧ୍ୟକ୍ଷ ଭାଲେରି ଜୋର୍କିନ୍ ଘୋଷଣା କରିଛନ୍ତି ଯେ ପୁଟିନ୍



ଆନୁଷ୍ଠାନିକ ଭାବେ ଆଉ ୬ ବର୍ଷ ପାଇଁ ଋଷ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ପୁଟିନ୍ ଶପଥ ନେବା ପରେ ଜୋର୍କିନ୍ ତାଙ୍କୁ ରାଷ୍ଟ୍ରପତିଙ୍କ ଚିହ୍ନ, ଅର୍ଥାତ୍ ସେଣ୍ଟ ଜର୍ଜଙ୍କ ସୁବର୍ଣ୍ଣ କ୍ରସ ସମେତ ରାଷ୍ଟ୍ରପତି ଶକ୍ତିର ପ୍ରତୀକ ପ୍ରଦାନ କରିଥିଲେ, ଯେଉଁଥିରେ ରୁଷୀୟ ଅସ୍ତ୍ରଶସ୍ତ୍ର କୋଟ୍ ଏବଂ ଏକ ସୁନା ଚେନର ଗୁଣ, ସଚ୍ଚୋଟତା ଏବଂ ଗୌରବ ଭାବେ ଦର୍ଶାଯାଇଛି । ଶପଥ ଗ୍ରହଣ ସମାରୋହ ପରେ ରାଷ୍ଟ୍ରମୁଖ୍ୟ ଭାବେ ପୁଟିନ୍ ଜନସାଧାରଣଙ୍କୁ ଭାଷଣ ଦେଇଥିଲେ । ଏହି ସମାରୋହ ପୁଟିନଙ୍କ ପଞ୍ଚମ ରାଷ୍ଟ୍ରପତି କାର୍ଯ୍ୟକାଳର ଶୁଭାରମ୍ଭ ବୋଲି ଟାସ୍ ରିପୋର୍ଟ କରିଛି ।

## ବିଜେପିରେ ଶେଖର ସୁମନ ଓ ରାଧିକା ଖେଡ଼ା

ନୂଆଦିଲ୍ଲୀ: ଲୋକପ୍ରିୟ ଅଭିନେତା ଶେଖର ସୁମନ ବିଜେପିରେ ଯୋଗ ଦେଇଛନ୍ତି । ଅପର ପକ୍ଷରେ କଂଗ୍ରେସରେ ଅସମ୍ମାନିତ ହୋଇଥିବା ଅଭିଯୋଗ କରି ଇସ୍ତଫା ଦେଇଥିବା ରାଧିକା ଖେଡ଼ା ମଧ୍ୟ ଆଜି ବିଜେପିରେ ସାମିଲ ହୋଇଛନ୍ତି । ପ୍ରକାଶ ଥାଉକି, ରାଜସ୍ଥାନର ପୂର୍ବତନ କଂଗ୍ରେସ ନେତ୍ରୀ ରାଧିକା ବାରମ୍ବାର କଂଗ୍ରେସ ବିରୁଦ୍ଧରେ ଅଭିଯୋଗ କରିଆସୁଥିଲେ । ତାଙ୍କୁ ଦଳରେ ଅସମ୍ମାନିତ କରାଯାଇଥିଲା । ଏନେଇ ସେ ବରିଷ୍ଠ କର୍ମୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଅଭିଯୋଗ କରିଥିଲେ । ରାଧିକା ଆହୁରି କହିଥିଲେ, ୨୨ ବର୍ଷ ଧରି ଦଳ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବା ପରେ ବି ମୋତେ ବିରୋଧର ସାମ୍ନା କରିବାକୁ ପଡିଛି । ଏହାର ମୁଖ୍ୟ କାରଣ ହେଉଛି, ମୁଁ ଅଯୋଧ୍ୟା ରାମ ମନ୍ଦିର ନିର୍ମାଣକୁ ସମର୍ଥନ କରିଥିଲି ଏବଂ ରାମ ମନ୍ଦିର ଯାଇଥିଲି । ଏହି କାରଣରୁ ମୋତେ ଦଳର ଠିକ୍ ଭାବେ ବ୍ୟବହାର କରାଯାଉନଥିଲା ।

# ପତଞ୍ଜଳି ପରେ ଆଇଏମ୍ଏ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ପତଞ୍ଜଳିକୁ ବିରୋଧ କରୁଥିବା ଆଇଏମ୍ଏ ଏବେ ନିଜେ କ'ଣ କରିଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି । ବାବା ରାମଦେବଙ୍କ ପତଞ୍ଜଳିକୁ ଆଙ୍ଗୁଠି ଦେଖାଉଥିବା ଆଇଏମ୍ଏ (ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍) ଏବେ ନିଜେ ସେହି ଭୁଲ୍ କରିଛି । କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଆଇଏମ୍ଏ ଏକ ସାକ୍ଷାତକାରରେ ଉକ୍ତ ମାମଲାକୁ ନେଇ ତଥ୍ୟ ରଖିଛି ।

ଏହାକୁ ନେଇ କୋର୍ଟ ଆଇଏମ୍ଏ ଉପରେ ବର୍ଷିଛନ୍ତି । ପତଞ୍ଜଳିକୁ ବିରୋଧ କରୁଥିବା ଆଇଏମ୍ଏ ଏବେ ନିଜେ କ'ଣ କରିଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି । ପତଞ୍ଜଳି ଆୟୁର୍ବେଦର ବିଭ୍ରାନ୍ତିକର ବିଜ୍ଞାପନକୁ ବିରୋଧ କରି ଆଇଏମ୍ଏ ସୁପ୍ରିମକୋର୍ଟରେ ଆବେଦନ କରିଥିଲା । ଏହାପରେ କୋର୍ଟ ପତଞ୍ଜଳି ଉପରେ ବର୍ଷିଥିଲେ । ଉଭୟ ବାବା ରାମଦେବ ଓ ଆଚାର୍ଯ୍ୟ ବାଳକୃଷ୍ଣ ଏନେଇ କୋର୍ଟରେ ବ୍ୟକ୍ତିଗତ ଭାବେ କ୍ଷମା ମାଗିଥିଲେ । ଏଥିସହ ଖବର କାଗଜରେ ଏକ କ୍ଷମା ପ୍ରାର୍ଥନା ମଧ୍ୟ ଦେଇଥିଲେ ।

ଏହି ମାମଲା ବିଷୟରେ ଆଇଏମ୍ଏ ଅଧ୍ୟକ୍ଷ ଡଃ. ଆର୍ବି ଅଶୋକନ୍ ଏକ ସାକ୍ଷାତକାରରେ ବୟାନ ଦେଇଥିଲେ । ଏହାକୁ ନେଇ ଏବେ ସେ ଟାର୍ଗେଟକୁ ଆସିଛନ୍ତି । ତାଙ୍କର ଏହି ବୟାନକୁ ବିରୋଧ କରି ପତଞ୍ଜଳି ଏମ୍ଡି ଆଚାର୍ଯ୍ୟ ବାଳକୃଷ୍ଣ କୋର୍ଟରେ ଆବେଦନ କରିଥିଲେ । ଏହି ଆବେଦନର ଆଜି ଶୁଣାଣି ହୋଇଛି । ଜଷ୍ଟିସ ହିମା କୋହଲି ଓ ଜଷ୍ଟିସ ଅମନୁଲ୍ଲାଙ୍କ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ଆଇଏମ୍ଏ ଉପରେ ବର୍ଷିଛନ୍ତି ।

ସେ କହିଛନ୍ତି, ପତଞ୍ଜଳି ଉପରେ ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ଆପଣ ପ୍ରଶ୍ନ ଉଠାଉଥିଲେ । ସେମାନଙ୍କର ଔଷଧକୁ ହଟାଇବା ପାଇଁ ଦାବି କରୁଥିଲେ । କିନ୍ତୁ ଆପଣ ଏବେ ନିଜେ କ'ଣ କରୁଛନ୍ତି ? ଏହା କୌଣସି ସାଧାରଣ କଥା ନୁହେଁ । କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ଆଇଏମ୍ଏ ଅଧ୍ୟକ୍ଷ ଏ ବିଷୟରେ ମିଡିଆରେ ଆଲୋଚନା କରିଛନ୍ତି । ଆଇଏମ୍ଏ ଅଧ୍ୟକ୍ଷଙ୍କ ଏଭଳି କୌଣସି ଉଦ୍ଦେଶ୍ୟ ନଥିଲା । ସେ ଏଥିପାଇଁ କ୍ଷମା ମାଗୁଛନ୍ତି । ଆଗକୁ ସେ ନିଜ ମୁହଁ ବନ୍ଦ ରଖିବେ । ଆମେ ଅଦାଲତଙ୍କ ସମ୍ମାନ କରିବା ସହ ପ୍ରଶଂସା କରୁ ବୋଲି ଏହାର ଉତ୍ତରରେ ଆଇଏମର ଓକିଲ କହିଛନ୍ତି । ତେବେ ଆଇଏମ୍ଏର ଏହି ଉତ୍ତର ଆମକୁ ସନ୍ତୁଷ୍ଟ କରିପାରିବ ନାହିଁ । ଅଦାଲତଙ୍କୁ ମଧ୍ୟ ଆଲୋଚନାର ସାମ୍ନା କରିବାକୁ ପଡିଛି ବୋଲି କହିଛନ୍ତି ଖଣ୍ଡପୀଠ ।

## ନିର୍ବାଚନ ଆଚରଣବିଧିକୁ ମମତାଙ୍କ କଟାକ୍ଷ

କୋଲକାତା: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଅଭିଯୋଗ କରିଛନ୍ତି ଯେ ବିଜେପି ନେତାମାନେ ପ୍ରଚାର ସମୟରେ ଘୃଣ୍ୟ ଭାଷଣ ଦେବା ସହ ଆଦର୍ଶ ଆଚରଣ ବିଧିକୁ 'ମୋଦୀ ଆଚରଣ ବିଧି'ରେ ପରିଣତ କରୁଥିବା ଅଭିଯୋଗ ପ୍ରତି ନିର୍ବାଚନ କମିଶନ ଆଖି ବୁଜି ଦେଇଛନ୍ତି । ନିର୍ବାଚନ କମିଶନଙ୍କ ଆଦର୍ଶ ଆଚରଣ ବିଧି ଏକ ଉପହାସରେ ପରିଣତ ହୋଇଛି ଏବଂ ଏହାକୁ ମୋଦୀ ଆଚରଣ ବିଧି ନାମରେ ନାମିତ କରାଯିବା ଉଚିତ ପୁରୁଲିଆରେ ଆୟୋଜିତ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ଆହୁରି ମଧ୍ୟ ଦାବି କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପିର ଅନ୍ୟ ଶୀର୍ଷ ନେତାମାନେ କେବଳ ନିଜକୁ ହିନ୍ଦୁ ଭାବନ୍ତି ଏବଂ ସେମାନେ ଅନ୍ୟ ସମ୍ପ୍ରଦାୟ ବିଷୟରେ ଚିନ୍ତା କରନ୍ତି ନାହିଁ ।

ମୋଦୀ ଓ ଅନ୍ୟ ବିଜେପି ନେତାମାନେ ଘୃଣାଭରା ଭାଷଣ ଦେଇ ନିମ୍ନ ଜାତିର ହିନ୍ଦୁ, ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ଅବହେଳିତ ବର୍ଗଙ୍କୁ ଭୟଭୀତ କରୁଛନ୍ତି । କିନ୍ତୁ ନିର୍ବାଚନ କମିଶନ ଏଥିପ୍ରତି ଚୁପ୍ ଅଛନ୍ତି ।

ଏହି ସମସ୍ତ ଘଟଣା ପରିପ୍ରେକ୍ଷୀରେ ନିର୍ବାଚନ କମିଶନଙ୍କ ଆଦର୍ଶ ଆଚରଣ ବିଧି ଏକ ଉପହାସରେ ପରିଣତ ହୋଇଛି ଏବଂ ଏହାକୁ ମୋଦୀ ଆଚରଣ ବିଧି ନାମରେ ନାମିତ କରାଯିବା ଉଚିତ । କିନ୍ତୁ ଦେଶର ନାଗରିକଙ୍କ ଅଧିକାର ଉଲ୍ଲଂଘନର ପ୍ରତ୍ୟେକ ଘଟଣାକୁ ଆମେ ପତାକା ଦେଖାଇ ଚାଲିବୁ ବୋଲି ମମତା ବାନାର୍ଜୀ କହିଛନ୍ତି ।

## ମଧ୍ୟପ୍ରଦେଶରେ ମୋଦିଙ୍କ ନିର୍ବାଚନୀ ସଭା

ଭୋପାଳ : ପୁଣିଥରେ ୪୦୦ ପାର ନାରା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେ ରାମ ମନ୍ଦିର ଓ ବାବ୍ରୀ ତାଲା କଥା କହି ୪୦୦ରୁ ଅଧିକ ସିଟରେ ଜିତେଇବାକୁ ମୋଦି ଆହ୍ୱାନ ଦେଇଛନ୍ତି । ଅଯୋଧ୍ୟାର ରାମ ମନ୍ଦିରରେ କଂଗ୍ରେସର ବାବ୍ରୀ ତାଲାକୁ ରୋକିବା ପାଇଁ ଏନଡିଏକୁ ୪୦୦ ସିଟ୍‌ରେ ଲୋକମାନେ ଜିତେଇବା ଦରକାର ବୋଲି ମୋଦି କହିଛନ୍ତି ।

ମଧ୍ୟପ୍ରଦେଶର ଧରରେ ଆୟୋଜିତ ରାଲିରେ ମୋଦି କହିଛନ୍ତି ଯେ କାହିଁକି ସେ ୪୦୦ ସିଟ୍ ମାଗୁଛନ୍ତି, ସେକଥା ଦେଶବାସୀ ଜାଣିବା ଦରକାର । ସେ କହିଛନ୍ତି, କଂଗ୍ରେସ ଓ ଇଣ୍ଡି ମେଣ୍ଟ (ଇଣ୍ଡିଆ ମେଣ୍ଟ)ର ଷଡ଼ଯନ୍ତ୍ରକୁ ରୋକିବା ପାଇଁ ମୋଦି ୪୦୦ ସିଟ ଚାହୁଁଛନ୍ତି । ଜମ୍ମୁ-କଶ୍ମୀରରେ ଧାରା ୩୭୦ ପୁଣି ଲାଗୁ କରି ଖେଳ ବିଗାଡ଼ିବା ପାଇଁ କଂଗ୍ରେସ କରୁଥିବା ଉଦ୍ୟମକୁ ରୋକିବା ପାଇଁ ୪୦୦ ସିଟ ଦରକାର । ଅଯୋଧ୍ୟାର ରାମ ମନ୍ଦିରରେ କଂଗ୍ରେସ ଯେମିତି ବାବ୍ରୀ ତାଲା ନ ପକାଇ ପାରିବ, ସେଥିପାଇଁ ମୋଦି ୪୦୦ ସିଟ୍ ଚାହୁଁଛନ୍ତି ।

କଂଗ୍ରେସ ଦେଶର ଖାଲି ପଡ଼ିଥିବା ଜମି ଓ ଦ୍ୱୀପପୁଞ୍ଜ ଅନ୍ୟ ଦେଶକୁ ଯେମିତି ନ ଦେଇ ପାରିବ, ସେଥିପାଇଁ ୪୦୦ ସିଟ୍ ଆବଶ୍ୟକ । ଉକ୍ତ ରାଲିରେ ପ୍ରଧାନମନ୍ତ୍ରୀ ମୋଦି ଆରଜେଡି ନେତା ଲାଲୁ ପ୍ରସାଦ ଯାଦବ ମୁସଲିମ ସଂରକ୍ଷଣ ସମ୍ପର୍କରେ ଦେଇଥିବା ବୟାନକୁ ମଧ୍ୟ ତୀବ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି, କଂଗ୍ରେସ ଯେମିତି ଏସସି,ଏସଟି ଓ ଓବିସିମାନଙ୍କ ସଂରକ୍ଷଣକୁ ନେଇ ନଯିବ ଓ ନିଜର ଭୋଟ ବ୍ୟାଙ୍କକୁ ନଦେଇ ପାରିବ, ସେଥିପାଇଁ ମୋଦି ଚାହୁଁଛନ୍ତି ୪୦୦ ସିଟ ।

## ନିର୍ବାଚନ କମିଶନଙ୍କ କାର୍ଯ୍ୟାନୁଷ୍ଠାନ

# ବିଜେପିର ପୋଷ୍ଟ ହଟାଇବାକୁ ଏକ୍ସକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ : ଏହା ପୂର୍ବରୁ ବିଜେପି ଜାରି କରିଥିବା ଭିଡିଓକୁ ଏକ୍ସରୁ ହଟାଇବା ପାଇଁ କର୍ଣ୍ଣାଟକ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଦଳ ଏହାକୁ ଖାତିର କରି ନଥିଲା । ନିର୍ବାଚନ ସମୟରେ ଅତ୍ୟନ୍ତ ଆପତ୍ତିଜନକ ଓ ବିଦ୍ୱେଷ ସୃଷ୍ଟିକାରୀ ପୋଷ୍ଟ କରିଥିବା କର୍ଣ୍ଣାଟକ ବିଜେପିକୁ ଶକ୍ତ ଝଟକା ଲାଗିଛି ।




କଂଗ୍ରେସ ସମ୍ପର୍କରେ ଆପତ୍ତିଜନକ ଭିଡିଓକୁ କର୍ଣ୍ଣାଟକ ବିଜେପିର ସୋସିଆଲ ମିଡିଆ ଆକାଉଣ୍ଟରୁ ହଟାଇବାକୁ ଆଜି ନିର୍ବାଚନ କମିଶନ ଏକ୍ସ (ପୂର୍ବରୁ ଟ୍ୱିଟର)କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ପୂର୍ବରୁ ବିଜେପି ଜାରି କରିଥିବା ଭିଡିଓକୁ ଏକ୍ସରୁ ହଟାଇବା ପାଇଁ କର୍ଣ୍ଣାଟକ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଦଳ ଏହାକୁ ଖାତିର କରି ନଥିଲା । ତେଣୁ ଆଜି ଭାରତୀୟ ନିର୍ବାଚନ କମିଶନ ଏଥିରେ ହସ୍ତକ୍ଷେପ କରିଛନ୍ତି । ଏଥିସହ ସିଧା ଏକ୍ସକୁ ବିଜେପିର ପୋଷ୍ଟକୁ ହଟାଇବାକୁ କହିଛନ୍ତି ।

ଏହି ପୋଷ୍ଟ ପାଇଁ କଂଗ୍ରେସ ପକ୍ଷରୁ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ସୋସିଆଲ ମିଡିଆ ମୁଖ୍ୟ ଅମିତ ମାଲବ୍ୟ ଓ କର୍ଣ୍ଣାଟକ ବିଜେପି ମୁଖ୍ୟ ବିୱାଇ ବିଜୟେନ୍ଦ୍ରଙ୍କ ବିରୋଧରେ ଏଫଆଇଆର ଦିଆଯାଇଥିଲା । ପୋଲିସ୍ ଜନପ୍ରତିନିଧି ଆଇନ ଓ ଆଇପିସିର ଧାରା ୫୦୫(୨) ଅନୁଯାୟୀ ଗୋଟିଏ ମାମଲା ରୁଜୁ ମଧ୍ୟ କରିଥିଲା ।

ନିର୍ବାଚନ କମିଶନ କହିଛନ୍ତି, ଏହି ପ୍ରସଙ୍ଗରେ ଗୋଟିଏ ଏଫଆଇଆର ରୁଜୁ ହୋଇସାରିଛି । ତଥାପି ଭିଡିଓକୁ ଏଯାଏ ସୋସିଆଲ ମିଡିଆରୁ ହଟା ଯାଇନାହିଁ । ତେଣୁ ଏପରି ଆପତ୍ତିଜନକ ପୋଷ୍ଟକୁ ହଟାଇବାକୁ ଆଜି ଏକ୍ସକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କମିଶନ କହିଛନ୍ତି । ମେ' ୪ ତାରିଖରେ ଉକ୍ତ ଭିଡିଓକୁ କର୍ଣ୍ଣାଟକ ବିଜେପି ପକ୍ଷରୁ ତା'ର ଏକ୍ସ ଆକାଉଣ୍ଟରେ ଅପଲୋଡ କରାଯାଇଥିଲା । କଂଗ୍ରେସ ନେତା ରାହୁଲ ଗାନ୍ଧି ଓ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଆନିମେଟେଡ୍ ଭିଡିଓ ଏଥିରେ ରହିଥିଲା । ଏଥିରେ ଏସସି, ଏସ୍‌ଟି ଓ ଓବିସି ସଂପ୍ରଦାୟର ଲୋକଙ୍କୁ ଗୋଟିଏ ବସାରେ ଅଣ୍ଡା ଭାବେ ଚିତ୍ରିତ କରାଯାଇଛି । ଉକ୍ତ ବସାରେ ରାହୁଲ ଗାନ୍ଧି ମୁସଲିମ ଲେଖାଯାଇଥିବା ଗୋଟିଏ ବଡ଼ ଅଣ୍ଡାକୁ ରଖୁଛନ୍ତି । ରାହୁଲ ଗାନ୍ଧି ମୁସଲିମ ଲେଖାଥିବା ଅଣ୍ଡାରୁ ବାହାରିଥିବା ପକ୍ଷୀକୁ ଫଣ୍ଡ ଖୁଆଉଥିବା ବେଳେ ଅନ୍ୟ ସଂପ୍ରଦାୟର ଲୋକ କେବଳ ଭକୁଆ ଭଳି ଚାହିଁ ରହିଛନ୍ତି । ଶେଷରେ ମୁସଲିମ ଅଣ୍ଡାରୁ ଫୁଟିଥିବା ଛୁଆ ପରେ ଅନ୍ୟ ଏସସି, ଏସଟି ଓ ଓବିସି ସଂପ୍ରଦାୟର ଲୋକଙ୍କୁ ଗୋଇଠା ମାରି ବସାରୁ ବିଦା କରି ଦେଉଥିବା ଭିଡିଓରେ ଦୃଶ୍ୟ ରହିଛି ।

## ପଶ୍ଚିମବଙ୍ଗରେ ଭୋଟ ହିଂସା, ବୋମା ମାଡ଼

କୋଲକାତା: ପଶ୍ଚିମବଙ୍ଗର ୪ ଲୋକସଭା ଆସନରେ ମଙ୍ଗଳବାର ମତଦାନ ବେଳେ ହିଂସା କାଣ୍ଡ ଘଟିଛି । ମୁର୍ଶିଦାବାଦ ଜିଲ୍ଲାର ଦୁଇଟି ନିର୍ବାଚନ ମଣ୍ଡଳିର କିଛି ଅଞ୍ଚଳରେ ହିଂସା କାଣ୍ଡ ଘଟିଥିବା ଖବର ଆସିଛି ।ମୁର୍ଶିଦାବାଦ ଜିଲ୍ଲାର ଡୋମକଲର ଜଣେ କଂଗ୍ରେସ ନେତାଙ୍କ ଘର ଉପରକୁ ଟାର୍ଗେଟ କରି ବୋମାମାଡ ହୋଇଛ । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି । ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି । ସେପଟେ ଭୋଟିଂ ଆରମ୍ଭ ହେବା ପରେ ମୁର୍ଶିଦାବାଦ ଜିଲ୍ଲାର ରାଣୀନଗରରେ ମଧ୍ୟ ହିଂସାକାଣ୍ଡ ଘଟିଛି ।

ସିପିଏମର ଜଣେ ବୁଥ୍ ଏଜେଣ୍ଟଙ୍କୁ ଭୋଟିଂ ବୁଥ୍ ଭିତରୁ ବାହାରକୁ ଟାଣି ବାହାର କରି ଦିଆଯାଇଛି । ଶାସକ ତୃଣମୂଳ କଂଗ୍ରେସର କର୍ମୀମାନେ ତାଙ୍କୁ ଆକ୍ରମଣ କରିବା ପାଇଁ ପିଛା କରିବା ପରେ ସେ ଜୀବନ ଭୟରେ କଦଳି ବାଡ ଭିତରେ ଯାଇ ଲୁଚି ଯାଇଥିବା ସୂଚନା ମିଳିଛି । ଅନ୍ୟପଟେ ସିପିଏମ୍ ରାଜ୍ୟ ସଚିବ ତଥା ମୁର୍ଶିଦାବାଦର ପ୍ରାର୍ଥୀ ମହମ୍ମଦ ସଲିମ୍ ବିଭିନ୍ନ ନିର୍ବାଚନମଣ୍ଡଳିରେ ଦଳର କର୍ମୀ ଓ ଏଜେଣ୍ଟଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ କରିଛନ୍ତି । ମାଲଦା ଦକ୍ଷିଣରୁ ବିଜେପି ପ୍ରାର୍ଥୀ ଶ୍ରୀରୁପା ମିତ୍ରା ଚୌଧୁରୀ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି । ତାଙ୍କର ଜଣେ ମହିଳା ବୁଥ ଏଜେଣ୍ଟଙ୍କୁ ମତଦାନ କେନ୍ଦ୍ରରୁ ଜବରଦସ୍ତି ବାହାର କରି ଦିଆଯାଇଥିବା ସେ ଅଭିଯୋଗ କହିଛନ୍ତି । ଜଙ୍ଗିପୁରର ଏକ ଭୋଟିଂ ବୁଥରେ ମଧ୍ୟ ବିଜେପି ଓ ଟିଏମ୍ସି ମୁହାଁମୁହିଁ ହୋଇଛନ୍ତ ।

ଏଠାରେ ବିଜେପି ପ୍ରାର୍ଥୀ ଧନଞ୍ଜୟ ଘୋଷ ଓ ତୃଣମୂଳ କଂଗ୍ରେସର ବୁଥ୍ ପ୍ରେସିଡେଣ୍ଟ ମଧ୍ୟରେ ଜୋରଦାର ଝଗଡ଼ା ହୋଇଛି । ଟିଏମସି ବୁଥ ପ୍ରେସିଡେଣ୍ଟ ଧମକାଇବା ଓ ଭୋଟର୍ଙ୍କୁ ପ୍ରଭାବିତ କରୁଥିବା ନେଇ ବିଜେପି ପ୍ରାର୍ଥୀ ଅଭିଯୋଗ ଆଣିଛନ୍ତି ।



# ଆଗୁଆ ଶୃଙ୍ଖଳା ଜିତିଲା ବାଂଲାଦେଶ



ଚଟୋଗ୍ରାମ, ୭।୫ (ଏଜେନ୍ସି) : ଜିମ୍ବାୱେ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚ୍‌ରେ ବାଂଲାଦେଶ ୯ ରନରେ ବିଜୟୀ ହୋଇ ଆଗୁଆ ୩-୦ରେ ଶୃଙ୍ଖଳା ପକେଟସ୍ଥ କରିଛି । ଚଟୋଗ୍ରାମର ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଂଲାଦେଶ ୨୦ ଓଭରରେ ୫ ୱିକେଟ ହରାଇ ୧୬୫ ରନ କରିଥିଲା । ଜବାବରେ ଜିମ୍ବାୱେ ୨୦ ଓଭରରେ ୯ ୱିକେଟ ହରାଇ ୧୫୬ ରନ କରିଥିଲା । ୩୮ ବଲରୁ ୫୭ ରନର ଇନିଂସ ଖେଳିଥିବା ତୋହିଦ ହ୍ରିଦୟଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପକ୍ଷରୁ ଲିଟର ଦାସ ଓ ତାନଜିଦ ହାସନ ଇନିଂସ ଓପନ କରିଥିଲେ । ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୨୨ ରନର ପାର୍ଟନରସିପ ହୋଇଥିଲା । ଲିଟନ ୧୫ ବଲରୁ ୧୨ ରନ କରି ଆଉଟ ହୋଇଥିଲେ । ତାନଜିଦ ୨୧, ଅଧିନାୟକ ନାଜମୁଲ ହୁସେନ ସାଣ୍ଟୋ ୬, ତୋହିଦ ହ୍ରିଦୟ ୫୭, ଜାକର ଅଲ୍ଲୀ ୪୪ ରନ କରିଥିଲେ । ତେଣୁ ବାଂଲାଦେଶ ୨୦ ଓଭରରେ ୫ ୱିକେଟ ହରାଇ ୧୬୫ ରନ କରିଥିଲା । ଜିମ୍ବାୱେର ବ୍ଲେସିଂ ମୁଜାରବାନି ସର୍ବାଧିକ ୩ଟି, ଫରଜ ଆକ୍ରମ ଓ ସିକନ୍ଦର ରାଜା ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ । ୧୬୬ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା ଜିମ୍ବାୱେ । ଓପନର ଜୟ ଲଡ ଗୁମ୍ବାଇ ୯, ତାଡ଼ିୱାନସ ମାରୁମାନି ୩୧, ବ୍ରିଏନ ବେନେଟ ୫, କ୍ଲିଭ୍ ମାଡାଣ୍ଡେ ୨୧, ଜୋନାଥନ କ୍ୟାମ୍ବେଲ ୨୧, ୱେଲିଂଟନ ମାସାକାଜା ୧୩, ହରଜ ଆକ୍ରମ ଅପରାଜିତ ୩୪ ରନ କରିଥିଲେ । ତେଣୁ ଜିମ୍ବାୱେ ବିଜୟଲକ୍ଷ୍ୟଠାରୁ ମାତ୍ର ୯ ରନ ପଛରେ ରହିଯାଇଥିଲା । ବାଂଲାଦେଶର ମହମ୍ମଦ ସାଇଫୁଦ୍ଦିନ ସର୍ବାଧିକ ୩ଟି, ରସିଦ ହୁସେନ ୨ଟି ୱିକେଟ ସଫଳତା ହାସଲ କରିଥିଲେ ।

# ରାଜସ୍ଥାନର ପ୍ଲେଅଫ୍ ବିଳମ୍ବିତ

## ଆଇପିଏଲ୍ ମହାସମର

ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ଚଳିତ ଆଇପିଏଲ୍‌ର ୫୬ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ଲଡୁଆ ବିଜୟ ହାସଲ କରିଛି । ଏକଦା ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଦଖଲ କରିଥିବା ରାଜସ୍ଥାନ ରୟାଲ୍ସକୁ ୨୦ ରନ ବ୍ୟବଧାନରେ ପରାଜିତ କରି ଦିଲ୍ଲୀ କ୍ୟାପିଟାଲ୍ସ ୬ଷ୍ଠ ବିଜୟ ହାସଲ କରିଛି । ୧୧ ମ୍ୟାଚରୁ ୧୬ ପଏଣ୍ଟ ସହ ରାଜସ୍ଥାନ ରୟାଲ୍ସ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି । ଏହି ପରାଜୟ ଯୋଗୁ ରାଜସ୍ଥାନର ପ୍ଲେଅଫ୍‌ରେ ପ୍ରବେଶ ଆଶା ବିଳମ୍ବିତ ହୋଇଛି । ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୨୧ ରନ କରିଥିଲା । ଜବାବରେ ରାଜସ୍ଥାନ ରୟାଲ୍ସ ସଞ୍ଜୁ ସାମସନଙ୍କ ୮୬ ରନ ସତ୍ତ୍ୱେ ୨୦ ଓଭରରେ ୮ ୱିକେଟ ହରାଇ ୨୦୧ କରିବାକୁ ସମର୍ଥ ହୋଇଥିଲା ।

**ଆଜିର ମ୍ୟାଚ**
**ହାଇଦ୍ରାବାଦ- ଲକ୍ଷ୍ନୌ**
**ସମୟ: ରାତି ୭.୩୦**
**ସ୍ଥାନ: ହାଇଦ୍ରାବାଦ**
**ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା**



ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏହି ମ୍ୟାଚ କର ବା ମର ଭଳି ଥିଲା । ତେଣୁ ବଡ଼ ସ୍କୋର ଆଶାରେ ଭଲ ଆରମ୍ଭ କରିଥିଲା ଦିଲ୍ଲୀ । ଜ୍ୟାକ୍ ଫ୍ରାସର ଓ ଅଭିଶେକ ପୋରେଲ ପ୍ରଥମ ୱିକେଟ ପାଇଁ ୪.୨ ଓଭରରେ ୬୦ ରନ ସଂଗ୍ରହ କରିଥିଲେ । ୨୦ ବଲରୁ ୫୦ ରନ କରିଥିବା ଫ୍ରାସର ଅଭିଜ୍ଞ ସ୍ପିନର ଅଶ୍ୱିନଙ୍କ ଶିକାର ହୋଇଥିଲେ । ସେ ୭ଟି ଚୌକା ଓ ୩ଟି ଛକା ସହାୟତାରେ ଦ୍ରୁତ ୫୦ ରନ କରିଥିଲେ । ଇମ୍ପାକ୍ଟ ଖେଳାଳି ଅଭିଶେକ ପୋରେଲ ୩୬ ବଲରୁ ୬୫, ଅକ୍ଷର ପଟେଲ ୧୫, ଅଧିନାୟକ ରିଷଭ ପନ୍ତ ୧୫, ଟ୍ରିଷ୍ଟାନ ଷ୍ଟବ୍ସ ୪୧ ଓ ଗୁଲବଦ୍ଦିନ ନବୀନ ୧୯ ରନ କରିବାରୁ କ୍ୟାପିଟାଲ୍ସ ୨୦ ଓଭରରେ ୮ ୱିକେଟ ହରାଇ ୨୨୧ ରନ ସଂଗ୍ରହ କରିଥିଲା । ଦଳ ଭଲ ସ୍ଥିତିରେ ଥିବାରୁ ଜିତିବା ପାଇଁ ଉଦ୍ୟମ କରିଥିଲେ ।

ରାଜସ୍ଥାନ ରୟାଲ୍ସ ୨୨୨ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା । ଶୀର୍ଷ ସ୍ଥାନ ସହ ପ୍ରଥମ ଦଳ ଭାବେ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିବାକୁ ଯୋଜନା କରିଥିଲା ରାଜସ୍ଥାନ । ଦଳୀୟ ସ୍କୋର ୪ ରନ ବେଳେ ଯଶସ୍ୱୀ ଜୟସ୍ୱାଲ ବ୍ୟକ୍ତିଗତ ୪ ରନ କରି ଖଲିଲ ଅହମ୍ମଦଙ୍କ ଶିକାର ହୋଇଥିଲେ । ଏହାପରେ ଜୋସ ବଟଲର ୧୯, ଅଧିନାୟକ ସଞ୍ଜୁ ସାମସନ ୮ ଚୌକା ଓ ୬ ଛକା ସହାୟତାରେ ୪୬ ବଲରୁ ୮୬ ରନ, ରିଆନ ପରାଗ ୨୭ ଓ ଶୁଭମ୍ ଦୁବେ ୨୫ ରନ କରି ଦଳକୁ ବିଜୟର ନିକଟତର କରାଇଥିଲେ । ୧୬୦ରୁ ୧୮୫ ରନ ମଧ୍ୟରେ ଦଳ ୪ ୱିକେଟ ହରାଇବାରୁ ବିଜୟ ଆଶା ମଉଳି ଯାଇଥିଲା । ତଥାପି ଶେଷ ଭାଗରେ ପଛ ପରିବର୍ତ୍ତନ କରିବାକୁ ଲଢ଼ିଥିଲେ ରୋଭମ୍ୟାନ ପାୱେଲ । ସେ ୧୩ ରନ କରି ଆଉଟ ହୋଇଥିବାବେଳେ ଶେଷ ଭାଗରେ ଅନ୍ୟ ଖେଳାଳିଙ୍କ ପ୍ରଦର୍ଶନ ସନ୍ତୋଷଜନକ ହୋଇପାରି ନଥିଲା । ଶେଷ ଓଭରରେ ଜିତିବା ପାଇଁ ୨୮ ରନର ଆବଶ୍ୟକତା ଥିବାବେଳେ କେବଳ ୭ ରନ ସଂଗ୍ରହ ହୋଇଥିଲା । ତେଣୁ ରାଜସ୍ଥାନ ୨୦୧/୮ ରନ କରି ମ୍ୟାଚ୍ ହାତଛଡ଼ା କରିଛି ।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ |
| ରାଜସ୍ଥାନ | ୧୧ | ୮ | ୩ | ୧୬ |
| ଚେନ୍ନାଇ | ୧୧ | ୬ | ୫ | ୧୨ |
| ସନ୍‌ରାଇଜର୍ସ | ୧୧ | ୬ | ୫ | ୧୨ |
| ଦିଲ୍ଲୀ | ୧୨ | ୬ | ୬ | ୧୨ |
| ଲକ୍ଷ୍ନୌ | ୧୧ | ୬ | ୫ | ୧୨ |
| ବେଙ୍ଗାଲୁରୁ | ୧୧ | ୪ | ୭ | ୮ |
| ପଞ୍ଜାବ | ୧୧ | ୪ | ୭ | ୮ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ଗୁଜରାଟ | ୧୧ | ୪ | ୭ | ୮ |

# କୁନି ଚେସ୍ ଖେଳାଳି ଆଦଭିକ୍ ଭୂଷଣ ରନର୍ସ ଅପ୍



ବାଲେଶ୍ୱର, ୭।୫ (ସବ୍ୟୁ) : କୋଲକାତାରେ ଚଳିତମାସ ୫ ଓ ୬ ତାରିଖ ପର୍ଯ୍ୟନ୍ତ ଚାଲିଥିବା ମିତ୍ର ଅନ୍ତର୍ଜାତୀୟ ଫିଡେ ରାପିଡ଼ ରେଟେଡ଼ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ଚେସ୍ ଏକାଡେମୀର ୬ବର୍ଷୀୟ ବିସ୍ମୟ ବାଳକ ଆଦ୍‌ଭିକ୍ ଭୂଷଣ ୟୁ-୭ ବିଭାଗରେ ରନର୍ସ ଅଫ୍ ହୋଇଛନ୍ତି । ସେ ପୂର୍ବରୁ ଝାଡ଼ଖଣ୍ଡ ରାଜ୍ୟ ୟୁ-୭ ଚେସ୍ ଚାମ୍ପିଅନ ହୋଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ତାଙ୍କୁ କୋଚ ଶ୍ରୀନାଥ ଭୋଇ ଏବଂ ରାଜ୍ୟ ଚେସ୍ ଚାମ୍ପିଅନ ଦେବାଶିଷ ଚକ୍ରବର୍ତ୍ତୀ ପଥ ପ୍ରଦର୍ଶନ କରିଛନ୍ତି । ସେ ଆଗାମୀ ଜାତୀୟ ପ୍ରତିଯୋଗିତା ଯାହା ବେଙ୍ଗାଲୁରୁରେ ସେପ୍ଟେମ୍ବର ମାସ ୨୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଝାଡ଼ଖଣ୍ଡରୁ ୟୁ-୭ରେ ପ୍ରତିନିଧିତ୍ୱ କରିବେ । କୋଲକାତା ପ୍ରତିଯୋଗିତା ପରେ ସେ ଅନ୍ତର୍ଜାତୀୟ ରେଟିଂ ପାଇ ଯାଇଛନ୍ତି ବୋଲି ବାଲେଶ୍ୱର ଜିଲ୍ଲା ଚେସ୍ ଆସୋସିଏସନ୍ ପକ୍ଷରୁ ଦେବାଶିଷ ଚକ୍ରବର୍ତ୍ତୀ ଜଣାଇଛନ୍ତି ।

# ମ୍ୟାଚ ପୂର୍ବରୁ ଔଷଧ ଖାଉଛନ୍ତି ଧୋନୀ

ଚେନ୍ନାଇ, ୭।୫ (ଏଜେନ୍ସି) : ଚଳିତ ଆଇପିଏଲ୍‌ରେ ମ୍ୟାଚର ଶେଷ ଭାଗରେ ଧୋନୀଙ୍କୁ ବ୍ୟାଟିଂ କରିବାକୁ ଆସୁଥିବାର ଦେଖାଯାଉଛି । ଧୋନୀଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଅନେକ ଆଶ୍ଚର୍ଯ୍ୟବ୍ୟକ୍ତ କରିଛନ୍ତି । ତାଙ୍କୁ ସମାଲୋଚନା ମଧ୍ୟ କରାଯାଉଛି । କିନ୍ତୁ ରିପୋର୍ଟ ଅନୁସାରେ ଧୋନୀ ମାଂସପେଶୀ ଜନିତ ସମସ୍ୟା ଦେଇ ଗତି କରୁଛନ୍ତି । ମ୍ୟାଚ୍ ପୂର୍ବରୁ ଔଷଧ ଖାଇ ପଡ଼ିଆକୁ ଓହ୍ଲାଉଛନ୍ତି । ସେଥିପାଇଁ ପଡ଼ିଆରେ କମ ସମୟ ବିତାଇବାକୁ ଚାହୁଁଛନ୍ତି । ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ସେ ୯ମ ସ୍ଥାନରେ ବ୍ୟାଟିଂ କରିଥିଲେ । ଧୋନୀଙ୍କୁ ଡାକ୍ତର ବିଶ୍ରାମ ନେବାପାଇଁ ପରାମର୍ଶ ଦେଇଛନ୍ତି । ଦେବନ କନୱେଙ୍କ ଅନୁପସ୍ଥିତି ଯୋଗୁ ଧୋନୀ ଖେଳୁଛନ୍ତି । ଗତବର୍ଷ ମୁମ୍ବାଇର କୋକିଳା ବେନ ଧୀରୁଭାଇ ଅମ୍ବାନି ହସ୍ପିଟାଲରେ ଧୋନୀଙ୍କ ଅସ୍ତ୍ରୋପଚାର ହୋଇଥିଲା । କନୱେ ସିଜନ ପୂର୍ବରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ । ମାଥିସା ପଥିରାନା ଆଘାତ ସମସ୍ୟା ଯୋଗୁ ଶ୍ରୀଲଙ୍କା ଫେରିଯାଇଛନ୍ତି ।

ଏବେ ଦୀପକ ଚହର ବି ଆଘାତ ସମସ୍ୟା ଦେଇ ଗତି କରୁଛନ୍ତି । ତେଣୁ ଦଳକୁ ପ୍ଲେଅଫ୍‌ରେ ପହଞ୍ଚାଇବା ପାଇଁ ଧୋନୀଙ୍କ ନିକଟରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଆହତ ଥାଇ ମଧ୍ୟ ଦଳକୁ ନିୟନ୍ତ୍ରଣ ଓ ସନ୍ତୁଳିତ କରୁଛନ୍ତି ଧୋନୀ ।



SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଯାଇପାରେ ଭାରତ

ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ଆସନ୍ତାବର୍ଷ ପାକିସ୍ତାନରେ ଦିନିକିଆ ଫର୍ମାଟରେ ଚାମ୍ପିଅନ୍ସ ଟ୍ରଫି ଖେଳାଯିବ । ଏହି ପ୍ରତିଯୋଗିତାରେ ଭାରତର ଅଂଶଗ୍ରହଣରେ ଅନିଶ୍ଚିତତା ଦେଖାଦେଇଥିଲା । ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ ଟିମ୍ ଇଣ୍ଡିଆକୁ ପାକିସ୍ତାନ ପଠାଇବାର ସମ୍ଭାବନା ରହିଛି । ଯଦି କେନ୍ଦ୍ର ସରକାର ଗସ୍ତ ପାଇଁ ଅନୁମତି ଦିଅନ୍ତି, ତାହାଲେ ବିସିସିଆଇ ଏଦିଗରେ ପଦକ୍ଷେପ ନେବ ।

ପାକିସ୍ତାନରେ ୨୦୨୫ ଫେବୃଆରୀରୁ ମାର୍ଚ୍ଚ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫି ଖେଳାଯିବ । କିନ୍ତୁ ଭାରତୀୟ ଦଳ ଏଥିରେ ଭାଗ ନେବାକୁ ପାକିସ୍ତାନ ଯିବ ନାହିଁ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା ।

ପାକିସ୍ତାନ ନଯିବା ପଛର ମୂଳ କାରଣ ହେଉଛି ୨୦୦୮ ଏସିଆ କପ । ଏହା ପରଠାରୁ ଭାରତୀୟ ଦଳ ଆଉ ପାକିସ୍ତାନ ଗସ୍ତ କରିନାହିଁ । ଶ୍ରୀଲଙ୍କା ଦଳ ଉପରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ଦୀର୍ଘ ସମୟ ଧରି ଅନ୍ତର୍ଜାତୀୟ ମ୍ୟାଚ୍ ପାକିସ୍ତାନରେ ଆୟୋଜନ ହୋଇ ନଥିଲା । ରାଜନୈତିକ ଓ କୂଟନୈତିକ ଅସ୍ଥିରତା ସକାଶେ ଭାରତୀୟ ଦଳକୁ କେନ୍ଦ୍ର ସରକାର ପାକିସ୍ତାନ ଯିବା ପାଇଁ ଅନୁମତି ଦେଉ ନାହାନ୍ତି । ଶେଷଥର ପାଇଁ ୨୦୧୩ରେ ପାକିସ୍ତାନ ଦଳ ଭାରତ ଆସି ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିଥିଲା । ଆତଙ୍କବାଦ ପ୍ରସଙ୍ଗକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଲାଗି ରହିଛି । ତେଣୁ ଉଭୟ ଦେଶ କେବଳ ଆଇସିସି ଇଭେଣ୍ଟରେ ମୁହାଁମୁହିଁ ହେଉଛନ୍ତି । ଏସବୁ ଭିତରେ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଭାରତୀୟ ଦଳ ପାକିସ୍ତାନ ଯିବ କି ନାହିଁ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏହାର ଉତ୍ତରରେ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା କହିଛନ୍ତି ଯେ କେନ୍ଦ୍ର ସରକାର ଯାହା ନିଷ୍ପତ୍ତି ନେବେ ଆମେ ସେଇଆ କରିବୁ । ଅନୁମତି ମିଳିବା ପରେ ହିଁ ଦଳ ପାକିସ୍ତାନ ପଠାଯିବ । ଗତବର୍ଷ ପାକିସ୍ତାନ ଏସିଆ କପ ଆୟୋଜନ କରିଥିଲା । କିନ୍ତୁ ଭାରତୀୟ ଦଳ ପାକିସ୍ତାନ ଯାଇ ନଥିଲା ।




ଆଇସିସିର ଅନୁମୋଦନ କ୍ରମେ ହାଇବ୍ରିଡ ଫର୍ମୁଲାରେ ଏସିଆ କପ ଉଭୟ ପାକିସ୍ତାନ ଓ ଶ୍ରୀଲଙ୍କାରେ ଆୟୋଜନ ହୋଇଥିଲା । ଭାରତ ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ହିଁ ଖେଳିଥିଲା । ଅନ୍ୟ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ପାକିସ୍ତାନରେ କିଛି ମ୍ୟାଚ୍ ଖେଳିଥିଲେ । ଏବେ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ଅଧିକାର ପାଇଛି । ଯଦି ଭାରତୀୟ ଦଳ ପାକିସ୍ତାନ ଯିବାକୁ ମନା କରିବ, ତେବେ ହାଇବ୍ରିଡ ଫର୍ମୁଲା ପ୍ରୟୋଗ କରାଯିବ ।






AT KURANGA PHULNAKHARA
Meera's COURTYARD
Huge lush green happening space situated in between Cuttack and Bhubaneswar.
- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


# ଟି-୨୦ ଜର୍ସିକୁ ନେଇ ବିବାଦ

ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ଜୁନ ପହିଲାରୁ ଟି-୨୦ ବିଶ୍ୱକପ ବିଗୁଲ ବାଜିବ । ଆମେରିକା-ଇଣ୍ଡିଜରେ ଟି-୨୦ ବିଶ୍ୱକପ ଖେଳାଯିବ । ଭାରତୀୟ ଦଳ ଜୁନ ୫ରେ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ । ପ୍ରାୟ ସମସ୍ତ ଭାରତୀୟ ଖେଳାଳି ଆଇପିଏଲ୍‌ରେ ବ୍ୟସ୍ତ ଅଛନ୍ତି । ବିଶ୍ୱକପରେ ଭାରତୀୟ ଦଳ ନୂଆ ଜର୍ସି ସହ ମୈଦାନକୁ ଓହ୍ଲାଇବ । ବିଶ୍ୱକପ ପୂର୍ବରୁ ବିସିସିଆଇ ନୂଆ ଜର୍ସି ଲୋକାର୍ପିତ କରିଛି । ନୂଆ ଜର୍ସିର ରଙ୍ଗ ଫିକା ଗେରୁଆ । ଏହା ସହ କଲରରେ ରହିଛି ତ୍ରିରଙ୍ଗା । ଏବେ ଏହି ଜର୍ସି ଆଡିଡାସ ଷ୍ଟୋର ଏବଂ ଅନଲାଇନରେ ଉପଲବ୍ଧ ହେବ । ତେବେ ଏହି ଜର୍ସିର ଦାମ ଶୁଣି ଦର୍ଶକଙ୍କ ହୋସ ଉଡ଼ିଗଲାଣି । କହିବାକୁ ଗଲେ ଜର୍ସିର ଦାମ ୫୯୯୯ ଟଙ୍କା ରହିଛି । ଯାହା ପ୍ରଶଂସକଙ୍କୁ ନିରୁତ୍ସାହିତ କରିଛି । ଆଡିଡାସ ବ୍ରାଣ୍ଡର ଏହି ଜର୍ସି ବିଶ୍ୱକପରେ ବିକ୍ରି ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଅତିରିକ୍ତ ଦାମକୁ ନେଇ ଦର୍ଶକ ତାତିଛନ୍ତି ।

## ଅରବିନ୍ଦ ସ୍ମାରକୀ କ୍ରିକେଟ

# ସହିଦ ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର, ୭।୫ (ସବ୍ୟୁ) : ପାରାମାଉଣ୍ଟ ସ୍ପୋର୍ଟିଂ ପଡ଼ିଆରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟର ଦ୍ୱିତୀୟ ପ୍ରି-କ୍ୱାର୍ଟରରେ ସହିଦ ସ୍ପୋର୍ଟିଂ ବିଜୟୀ ହୋଇଛି । ଏହି ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ୭ ୱିକେଟରେ ଶ୍ରୀଜୟଦେବ ସ୍ପୋର୍ଟ୍ସ ଆସୋସିଏସନକୁ ଧରାଶାୟୀ କରିଥିଲା ।

ପ୍ରଥମେ ବ୍ୟାଟିଂ କରି ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ୩୦ ଓଭରରେ ୬ ୱିକେଟ ହରାଇ ୧୫୫ ରନ କରିଥିଲା । ଦେବାଂଶୁ ଜେନା ସର୍ବାଧିକ ୪୩ ରନ କରିଥିଲେ । ଜବାବରେ ସହିଦ ସ୍ପୋର୍ଟିଂ ୨୨.୫ ଓଭରରେ ୩ ୱିକେଟ ହରାଇ ୧୫୭ ରନ କରି ବିଜୟୀ ହୋଇଥିଲା । ଆଦିତ୍ୟ କୁମାର ପ୍ରଧାନ ୭୬ ଓ ଆଦିତ୍ୟରାଜ ମିଶ୍ର ୪୧ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ପାରାମାଉଣ୍ଟ ସ୍ପୋର୍ଟିଂ କୋଷାଧ୍ୟକ୍ଷ ସଞ୍ଜୀବ କୁମାର ରଥ ଅତିଥି ଭାବେ ଯୋଗଦେଇ ଆଦିତ୍ୟ ପ୍ରଧାନଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ।

# କାନ୍ଦିଲେ ରୋହିତ ଶର୍ମା

ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଡ୍ରେସିଂ ରୁମରେ କାନ୍ଦୁଥିବା ନଜର ଆସିଛନ୍ତି । ଏଭଳି ଏକ ଭିଡିଓ ଭାଇରାଲ ହୋଇଛି । ସୋମବାର ଆଇପିଏଲ୍‌ର ୫୫ତମ ମ୍ୟାଚ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯାଇଥିଲା । ମୁମ୍ବାଇର ବିଜୟ ସତ୍ତ୍ୱେ ରୋହିତ ଶର୍ମା ଖୁସି ନଥିଲେ । ଏପରିକି ଡ୍ରେସିଂ ରୁମରେ ବସି ସେ କାନ୍ଦୁଥିବା ନଜର ଆସିଥିଲେ । ଏଭଳି ଭିଡିଓ ଭାଇରାଲ ହେବାପରେ ତାଙ୍କ ପ୍ରଶଂସକମାନେ ଚକିତ ହୋଇଛନ୍ତି । ଚଳିତ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ସନ୍ତୋଷଜନକ ହୋଇପାରି ନାହିଁ ।

୫ଥର ବିଜେତା ମୁମ୍ବାଇ ୧୨ଟି ମ୍ୟାଚରୁ ୪ ବିଜୟ ସହ ୮ ପଏଣ୍ଟ ଲାଭ କରି ବିଧିବଦ୍ଧ ଭାବେ ନକଆଉଟ ପର୍ଯ୍ୟାୟରୁ ବାଦ ପଡ଼ିଛି । ଦଳ ଆଉ ଦୁଇଟି ମ୍ୟାଚ୍ ଖେଳିବ । କିନ୍ତୁ ଏହି ମ୍ୟାଚଗୁଡ଼ିକର ଗୁରୁତ୍ୱ ନାହିଁ କହିଲେ ଚଳେ । ସମ୍ଭବତଃ ଆଇପିଏଲ୍‌ରୁ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଦଳ ଭାବେ ବାଦ୍ ପଡ଼ିଥିବାରୁ ରୋହିତ ଦୁଃଖରେ କାନ୍ଦୁଥିବା କୁହାଯାଉଛି । ବାସ୍ତବରେ ସେ କାହିଁକି କାନ୍ଦୁଛନ୍ତି? ସେ ଥକିଯାଇଛନ୍ତି କି? ଏଭଳି ଅନେକ ପ୍ରଶ୍ନ ପଚାରିଛନ୍ତି ପ୍ରଶଂସକ । ଦିନକ ଆଗରୁ ସୂର୍ଯ୍ୟ କୁମାର ଯାଦବଙ୍କ ବିସ୍ଫୋରକ ଶତକ ଯୋଗୁ ମୁମ୍ବାଇ ୭ ୱିକେଟରେ ହାଇଦ୍ରାବାଦକୁ ହରାଇଥିଲା । ଏହି ମ୍ୟାଚରେ ରୋହିତ ଶର୍ମା କେବଳ ୪ ରନ ହିଁ କରିଥିଲେ ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି